
ସନ୍ୟାସୀ
୭୫ ନୂ.ପଇସା

ମାସିକ
ଡିଟେକଟିଭ୍
ଃ ସମ୍ପାଦନା ଃ
କାହ୍ନୁଚରଣ ଓ ଅନିଲକୁମାର

| | | |
|---|---|---|
| ପ୍ରଥମ ବର୍ଷ<br>୪ର୍ଥ ସଂଖ୍ୟା) | ଅପ୍ରେଲ, ୧୯୬୦ | ପ୍ରତିଖଣ୍ଡର ମୂଲ୍ୟ ୭୫ ନୂ. ପ<br>ବର୍ଷକୁ ୮ଟଙ୍କା ୬ମାସକୁ ୪ଟଙ୍କା |


୦/୨୨୭
୨୫.୫.୬୦.

**ସମ୍ପାଦକୀୟ**

# କଳା ଗୋରା

ଅଳ୍ପଦିନ ତଳେ ଦକ୍ଷିଣ ଆଫ୍ରିକାର ଗୋରା ସରକାର ଦେଶର ଅବହେଳିତ ଅତ୍ୟାଚାରିତ କଳାଲୋକଙ୍କ ରକ୍ତରେ ହୋରି ଖେଳି ହିଟଲରୀ ଶାସନର ଯେଉଁ ପରିଚୟ ଦେଇଛନ୍ତି, ତାହା ଏସିଆ, ଆଫ୍ରିକା ଲୋକଙ୍କ ପ୍ରତି ଏକ ଆହ୍ୱାନ । ବିଂଶ ଶତାବ୍ଦୀର ବର୍ଣ୍ଣନିରପେକ୍ଷ ଯୁଗରେ ଜାତିଆଣ ମନୋଭାବରେ ଅନ୍ଧ ହୋଇ ଦକ୍ଷିଣ ଆଫ୍ରିକା ସରକାର ବର୍ବରତା ଓ ଅସଭ୍ୟତାର ଚରମ ସୀମାକୁ ଉଠିଯାଇ ଲଙ୍ଗାଠାରେ ଯେଉଁ ହତ୍ୟାକାଣ୍ଡ ଘଟାଇଲେ, ତାହା ପୃଥିବୀର ପ୍ରତ୍ୟେକ ବର୍ଣ୍ଣ ନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କର ଅଧିବାସୀଙ୍କ ମନରେ ଦାରୁଣ ଆଘାତ ଦେଇଛି । ବହୁଦିନ ଧରି ଚାଲି ଆସୁଥିବା ଶ୍ୱେତାଙ୍ଗ ଆଧିପତ୍ୟ ବିରୁଦ୍ଧରେ ବାପୁଜୀ ହିଁ ପ୍ରଥମେ ସ୍ୱର ଉଠାଇଥିଲେ । କିନ୍ତୁ ତାଙ୍କର ଏହି ଅହିଂସା ଆନ୍ଦୋଳନ ଏ ଅତ୍ୟାଚାରୀ ହିଟଲରୀ ସରକାରଙ୍କ ହୃଦୟ ପରିବର୍ତ୍ତନ କରି ପାରି ନ ଥିଲା । ସେତେବେଳେ ଭାରତର ଜନସାଧାରଣ କେବଳ ବାପୁଜୀଙ୍କ ପଛରେ ଥିଲେ, କିନ୍ତୁ ଆଜି ସମସ୍ତ

ଏସିଆ, ଅଫ୍ରିକାର ପ୍ରତ୍ୟେକ ସ୍ୱାଧୀନତା-ପ୍ରେମୀ ଦେଶର ଏଥିରେ ସମର୍ଥନ ଅଛି । ତଥାପି ଦକ୍ଷିଣ-ଅଫ୍ରିକାର ଏ ହ୍ୱଟଲସି ନୀତିର ସମାଧି ଦେବାପାଇଁ ଭାରତ ଅଗୁଆ ହୋଇ ବାହାର ବାପୁଜୀଙ୍କ ସେହି ଅସପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଉଚିତ ।


ଆଜି ଅବଶ୍ୟ ଦକ୍ଷିଣ ଆଫ୍ରିକା ଓ ଭାରତ ସରକାରଙ୍କ ମଧ୍ୟରେ କୂଟନୈତିକ ସମ୍ପର୍କ ନାହିଁ । ତେଣୁ ଭାରତ ସରକାର ଅବଶ୍ୟ ପ୍ରତ୍ୟକ୍ଷ ଅଭିଯୋଗ କରି ନ ପାରନ୍ତି, ତଥାପି ଅନ୍ୟ ଉପାୟରେ ଏହି ବର୍ବର ବର୍ଣ୍ଣ-ବିଦ୍ୱେଷ ନୀତି ବିରୁଦ୍ଧରେ ପୃଥିବୀର ଜନମତ ସୃଷ୍ଟି କରି ପାରନ୍ତି । ପୁଣି ଦକ୍ଷିଣ ଆଫ୍ରିକା ଓ ଭାରତ ଉଭୟେ ବ୍ରିଟିଶ କମନୱେଲଥର ସଭ୍ୟ । ନିକଟରେ ଏହି କମନ୍-ୱେଲଥର ବୈଠକ ମଧ୍ୟ ବସୁଛି । ସେତେବେଳେ ଅନ୍ତତଃ ଭାରତ କମ୍ବା ସଭ୍ୟରାଷ୍ଟ୍ର ଏହି ପ୍ରଶ୍ନ ଉଠାଇ ମାନବିକ ଓ ନୈତିକତା ଦୃଷ୍ଟିରୁ ଏ ସମାସ୍ୟାର ସମାଧାନ ପାଇଁ ଦକ୍ଷିଣ ଅଫ୍ରିକାର ସରକାର ଉପରେ ପ୍ରଭାବ ପକାଇବା ପାଇଁ ବ୍ରିଟିଶ ସରକାରଙ୍କୁ ଅନୁରୋଧ କରି ପାରନ୍ତି । ବ୍ରିଟିଶ ସରକାର ଓ ଦକ୍ଷିଣ ଅଫ୍ରିକାର ସରକାରଙ୍କ ମଧ୍ୟରେ ଭ୍ରାତୃ ଭାବ ଅଛି । ତେଣୁ ଆଶା କରାଯାଏ ଯେ, ଅନ୍ତତଃ ବ୍ରିଟେନର ନେତୃବୃନ୍ଦ ଓ ସରକାର କମନ୍‌ୱେଲଥର ସ୍ୱାର୍ଥ ଦୃଷ୍ଟିରୁ ଏ ସମାସ୍ୟାର ନିରପେକ୍ଷ ବିଚାର କରି ସମ୍ପୃକ୍ତ ସରକାରଙ୍କ ଉପରେ ପ୍ରତ୍ୟେକ ପ୍ରଭାବ ପକାଇବେ । ଏ ସମାସ୍ୟାର ଆଶୁ ସମାଧାନ ନ ହେଲେ ଏ ଦୁଇ ମହାଦେଶର ଅଧିବାସୀଙ୍କ ଏ ଜ୍ୱଳନ୍ତ ଅସନ୍ତୋଷ ବହ୍ନି କେତେବେଳେ ଯେ ବ୍ୟାପକ ରୂପ ଧାରଣ କରିବ, ତା ଅନୁମାନ କରିବା କଠିନ ।

ନ୍ୟାସନାଲ ଏକୋ

ମଡେଲ—୭୨୨

ଶୁଣିଲେ ଅପଣ ଚରମ

ଅନନ୍ଦ ପାଇବେ !



ଆଜି ଅପଣଙ୍କ
ନ୍ୟାସେନାଲ—ଏକୋ
ବିକ୍ରେତାଙ୍କ ପାଖରେ ଶୁଣି
ଯାଅନ୍ତୁ ଅପଣ ସ୍ୱୀକାର
କରିବେ ।

ମଡେଲ ୭୨୨: ଉତ୍କୃଷ୍ଟ ଗଠନ
ବାଦାମୀ ମେହଗାନ କ୍ୟାବିନେଟ୍
ମଡେଲ ଏ—୭୨୨ ଏସିପାଇଁ
ମଡେଲ ଉଜ ୭୨୨ ଏସି—ଡିସି
ପାଇଁ, ୭ ଭାଲଭ୍, ୩ ବ୍ୟାଣ୍ଡ
ମଡେଲ ବି—୭୨୨, ୫ ଭାଲଭ୍
୩ ବ୍ୟାଣ୍ଡ, ଡ୍ରାଇବ୍ୟାଟେରୀ ପାଇଁ
ଟ ୩୩୫ ୯ ନେଟ୍ ।

**RADIOLITE**

**Tinkoni Bagicha, Cuttack.**

---

ପ୍ରକାଶ ପାଇଲା — ପ୍ରକାଶ ପାଇଲା

ଗୋଟିଏ ନାରୀର ଦରଦଭରା କାହାଣୀ

# ଲକ୍ଷ୍ୟହରା ଉଲ୍କା

ଭାଷା, ଚରିତ୍ର ବିଶ୍ଳେଷଣ, ଓ କାହାଣୀ ଅତି ଚମତ୍କାର

ମୂଲ୍ୟ ଟ ୧.୨୫ ନୂ.ପ.

ଲେଖିଛନ୍ତି—ଶ୍ରୀ ଧନେଶ୍ୱର ପଟ୍ଟନାୟକ,

ପ୍ରକାଶକ—କିରଣ ପ୍ରକାଶନ, ତିନିକୋଣିଆ ବଗିଚା, କଟକ—୧

୧ମ ସଂସ୍କରଣ ଶେଷ ହେବା ଉପରେ
ନାଟ୍ୟକାର—ଶ୍ରୀ ଧନେଶ୍ୱର ପଟ୍ଟନାୟକଙ୍କର
ସାମାଜିକ ନାଟକ

## ଉଠା ପାଟେରୀ

ମୂଲ୍ୟ—ଦୁଇଟଙ୍କା ପଚାଶ ନୂ:ପ:

( ଯାହାର ଲେଖା, ଅଭିନୟ ଓ ନୂତନତ୍ୱ ନାଟ୍ୟଜଗତରେ ସୃଷ୍ଟି କରିଥିଲା ଚାଞ୍ଚଲ୍ୟ )

ପ୍ରକାଶକ—କିରଣ ପ୍ରକାଶନ
ତିନିକୋଣିଆ ବଗିଚା, କଟକ-୧

---

ପଢ଼ନ୍ତୁ ପଢ଼ନ୍ତୁ

ଗୋଟିଏ ନାରୀର ମର୍ମନ୍ତୁଦ କାହାଣୀ

## କନିଆ ମା

ମୂଲ୍ୟ—ତିନିଟଙ୍କା

ଲେଖିକା—ଶ୍ରୀମତୀ ରାଜଲକ୍ଷ୍ମୀ ପଟ୍ଟନାୟକ
ପ୍ରାପ୍ତିସ୍ଥାନ—କିରଣ ପ୍ରକାଶନ
ତିନିକୋଣିଆ ବଗିଚା, କଟକ-୧

---

ପଢ଼ନ୍ତୁ ! ପଢ଼ନ୍ତୁ !

ପୌଢ଼ଶିକ୍ଷା ସାହିତ୍ୟମାଳା (୧ମ)

## ସେ କାଳର କଥା

ଲେଖିକା—ଶ୍ରୀମତୀ ପ୍ରତିଭା ମଞ୍ଜରୀ ପଟ୍ଟନାୟକ

ମୂଲ୍ୟ ୫୦ ନୂ. ପ.

ପ୍ରକାଶକ—କିରଣ ପ୍ରକାଶନ
ତିନିକୋଣିଆ ବଗିଚା, କଟକ-୧

ମାସିକ ଡିଟେକ୍‌ଟିଭ୍‌ର ଆସନ୍ତା ସଂଖ୍ୟାରେ ବାହାରିବ

ରହସ୍ୟ—ରୋମାଞ୍ଚକ—ଭରା ଉପନ୍ୟାସ

# —ଛାୟା କୁହେଳୀ—

ସମସ୍ତେ କହନ୍ତି ଲତିକା ଆତ୍ମହତ୍ୟା କରିଛନ୍ତି—କିନ୍ତୁ ପ୍ରକୃତରେ କଣ ଲତିକା ଆତ୍ମହତ୍ୟା କରିଛନ୍ତି ?

ବିନୋଦର ମୃତ୍ୟୁପାଇଁ ଦାୟୀ କିଏ ?

ଏହିଭଳି ମୃତ୍ୟୁର ଅନ୍ତରାଳରେ କାହାର ହାତଅଛି

ରୁକ୍ମିଣୀ, ନୀଳାଦ୍ରି, ରେଣୁକା ନା ବିପିନର·

ସମସ୍ତେ **ଛାୟା—କୁହେଳୀ** ଭିତରେ ଆତ୍ମଗୋପନ କରିଛନ୍ତି ।

ଲେଖିଛନ୍ତି—ଭୂପେନ **ଗୋସ୍ୱାମୀ**

(ଭୂପେନ ଗୋସ୍ୱାମୀଙ୍କର ଲିଖିତ ବିଗ୍ରହ ପାଣ୍ଡୁଲିପି ଅସମ୍ପୂର୍ଣ୍ଣ ଥିବାରୁ ଆସନ୍ତା ସଂଖ୍ୟାରେ ତା ସ୍ଥାନରେ 'ଛାୟା କୁହେଳୀ' ପ୍ରକାଶ ପାଇବ ।

---

ପଢନ୍ତୁ ।　　　　　　　　　　　　　　　　ପଢ଼ନ୍ତୁ ।

ଗାନ୍ଧି କାହାଣୀ—୧ମ ଖଣ୍ଡ

# ବାଳକ ଗାନ୍ଧୀ

ମୂଲ୍ୟ—ଟ ୦ ୫୦ ନୂ.ପ.

ଲେଖିଛନ୍ତି—ବାଞ୍ଛାଚରଣ
ପ୍ରଶାନ୍ତ କୁମାର

ପ୍ରକାଶକ—କିରଣ ପ୍ରକାଶନ

ଝନକୋଣିଆ ବଗିଚା, କଟକ—୧

ପରେ ପରେ ପ୍ରକାଶ ପାଇବ ବାରିଷ୍ଟର ଗାନ୍ଧି, ଆଫ୍ରିକାର ଗାନ୍ଧି ପ୍ରଭୃତି

# ରଙ୍ଗମଞ୍ଚ ଓ ଚଳଚ୍ଚିତ୍ର

## ୧୯୫୯ ମସିହାର ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର

ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର—"ଛୋଟୀବହେନ"
ଶ୍ରେଷ୍ଠ ନିର୍ଦ୍ଦେଶକ—ବିମଲ ରାୟ (ସୁଜାତା)
ଶ୍ରେଷ୍ଠ ଅଭିନେତା—ରାଜକାପୁର (ଅନାଡ଼ି)
ଶ୍ରେଷ୍ଠ ଅଭିନେତ୍ରୀ—ମୀନାକୁମାରୀ (ଚିରାଗ କାହାଁ ରୋଶନୀ କାହାଁ)
ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ—ଶଙ୍କର ଏବଂ ଜୟକିଷାନ (ଛୋଟ ବହେନ)
ଶ୍ରେଷ୍ଠ ରଚନା—ପଣ୍ଡିତ ମୁଖରାମ ଶର୍ମା (ଧୂଲକା ଫୁଲ)
ଶ୍ରେଷ୍ଠ ପୃଷ୍ଠଭୂମି ଗାୟକ—ତଲ୍ଲତ୍ ମହମ୍ମଦ (ସୁଜାତା)

୧୯୫୯ ମସିହା ପାଇଁ ବମ୍ବେର ସିନେ—ଗୋୟର୍ସ ଅସେସେସନ ଉପର ଲିଖିତ ଶ୍ରେଷ୍ଠତ୍ୱ ଘୋଷଣା କରିଛନ୍ତି । ଚଳିତ ମାସ ୪ତାରିଖରେ ବମ୍ବେର ରଙ୍ଗଭବନ ଠାରେ ସେମାନଙ୍କ ପୁରସ୍କାର ବିତରଣ କରାଯାଇ ଥିବ ।

** ଚଳିତ ବର୍ଷ ଜାନୁୟାରୀ ମାସ ୨୪ ତାରିଖରେ ଗୃଇଲ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଭାରତୀୟ ଚଳଚ୍ଚିତ୍ର "ରାଧାକୃଷ୍ଣ" ପ୍ରଥମସ୍ଥାନ ଅଧିକାର କରିଛି ।

*** ରାଷ୍ଟ୍ରପତି ଭବନଠାରେ ଶିଶୁମାନଙ୍କ ଲାଗି ନିର୍ମିତ ହେଉଥିବା ଚଳଚ୍ଚିତ୍ର "ଦି ଷ୍ଟୋରି ଅଫ୍ ଧଲ୍ଲୀ" ଚିତ୍ରରେ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ରପ୍ରସାଦ ଅଂଶ ଗ୍ରହଣ କରିଛନ୍ତି ।

# ଆପଣଙ୍କ ମତାମତ

(ଚିଠି ଗୁଡ଼ିକ ଖୁବ୍ ସଂକ୍ଷିପ୍ତ ହେବା ଉଚିତ । ଉଦୟନାଥ-ମହାପାତ୍ର, ଝାରସୁଗୁଡ଼ା ଓ ଶରତଚନ୍ଦ୍ର ସାହୁ, ଗାନ୍ଧୀନଗର ଓ ବୃନ୍ଦାବନ ମହାପାତ୍ର ଆପଣଙ୍କ ଚିଠି ପାଇଛୁ । ସ୍ଥାନ ଅଭାବରୁ ଦେଇ ପାରିଲୁ ନାହିଁ । ଆର ସଂଖ୍ୟାରେ ଦେବୁ । ଆପଣଙ୍କ ଆଶୀର୍ବାଦ ଥାଉ ) [ଉଃ ସମ୍ପାଦକ]

ମାନ୍ୟବରେଷୁ,

ଆପଣଙ୍କର ଉଦ୍ୟମକୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜଣାଉଛୁ । ମୋର କେତେକ ସାହିତ୍ୟିକ ବନ୍ଧୁ ଡିଟେକ୍ଟିଭ ସାହିତ୍ୟକୁ ଶସ୍ତା ଓ ଦୁର୍ବଳ ସାହିତ୍ୟ ବୋଲି ଆଖ୍ୟା ଦେଇ ଥାଆନ୍ତି । ମାତ୍ର ସାଧାରଣ ପାଠକ ଯେ ଏଭଳି ବହି ପଢ଼ିବାକୁ ଖୁବ୍ ଭଲପାଏ । ଚିନ୍ତାଶୀଳ ପ୍ରବନ୍ଧ ଓ ଶହ ଶହ ପୃଷ୍ଠା ବ୍ୟାପି ଉପନ୍ୟାସ ପଢ଼ି ମସ୍ତିଷ୍କକୁ ଭାରାକ୍ରାନ୍ତ କରିବା ଅପେକ୍ଷା ରୋମାଞ୍ଚ କାହାଣୀ ବା ଉପନ୍ୟାସ ପଢ଼ି ମନକୁ ହାଲୁକା କରିବାକୁ ସେ ଖୁବ୍ ପସନ୍ଦ କରେ ତେଣୁ **John Galsworthy** ଯଥାର୍ଥରେ ସାଧାରଣ ପାଠକମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି—**They want blood thrill and sensation** ଆପଣଙ୍କ ପତ୍ରିକାଟି ସେ' ସବୁ ଉପାଦାନ ଯୋଗାଇ ପାରୁଥିବାରୁ ଏହା ଯେ ଦୀର୍ଘଜୀବୀ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ । ଯେଉଁ ସାହିତ୍ୟିକ ବନ୍ଧୁମାନେ ଏଭଳି ସାହିତ୍ୟର ତୀବ୍ର ବିରୋଧ କରନ୍ତି ସେମାନେ **John Galsworthy** ଙ୍କର ନିମ୍ନ ଲିଖିତ ବାକ୍ୟଟି ମନେ ରଖିବା ଉଚିତ—**It may be vulgar it may be cheap, but we are vulgar, we arecheap and no use of prentending we are not.** ଆପଣଙ୍କର ଦ୍ୱିତୀୟ ଓ ତୃତୀୟ ସଂଖ୍ୟା ଦୁଇଟି ଖୁବ ରୋମାଞ୍ଚକର ଓ ଆମୋଦ ଦାୟକ ହୋଇ ପାରିଛି —ଜୟହିନ୍ଦ୍—

। ଇତି । ଆପଣଙ୍କର, ବି. କେ. ହରିଚନ୍ଦନ (ପୁରୀ)

କାଠଗଡ଼ାସାହି, କଟକ—୧

ପ୍ରିୟ ମହାଶୟ,

ଆପଣଙ୍କ ନବ ପ୍ରକାଶିତ ଡିଟେକ୍‌ଟିଭ ସିରିଜର ୩ୟ ସଂଖ୍ୟା "ବ୍ୟର୍ଥଚକ୍ରାନ୍ତ" ପଢ଼ି ବିଶେଷ ପ୍ରୀତ ହେଲି । କର୍ମକ୍ଳାନ୍ତ ନୀରସ ଜୀବନରେ ଆପଣଙ୍କର ପ୍ରକାଶିତ ଗୋଏନ୍ଦା ଗଳ୍ପ ଅଫୁରନ୍ତ ଆନନ୍ଦର ଏକ ନିର୍ଝରିଣୀ । ବହିଟି ମୂଳଅଡ଼୍ ବିଶେଷ ଭଲ ଓ ପ୍ରାନ୍ତ ଭାଗ ଅଡ଼କୁ ବିଶେଷ ଉଦ୍‌ବେଗ ଜନକ ହୋଇଛି । ଆପଣଙ୍କର ଏ ଶିଶୁ ଉଦ୍ୟମ ଭବିଷ୍ୟତରେ ସଫଳ ହେଉ ଏହା ମୋର କାମନା । ଇତି । ଆପଣଙ୍କର ବିଶ୍ବସ୍ତ ।

**ଗୁରୁଚନ୍ଦ୍ର ପଟ୍ଟନାୟକ**

ପ୍ରିୟ ମହାଶୟ,

ଆପଣଙ୍କର ତିନିଗୋଟି ଡିଟେକ୍‌ଟିଭ ପଢ଼ିବାର ସୁଯୋଗ ପାଇଲି । ପ୍ରଥମ ସଂଖ୍ୟାରେ କେତେକ ତ୍ରୁଟି ଯୋଗୁ ଭୁଲ ରହିଛି । ଦ୍ୱିତୀୟ ଓ ତୃତୀୟ ସଂଖ୍ୟା ଆଶା ଜନକ ହୋଇ ପାରିଛି । କିନ୍ତୁ ଅଧିକ ଉତ୍କୃଷ୍ଟ ହେବା ଦରକାର । ଆପଣଙ୍କ ପତ୍ରିକାଟି ଦୀର୍ଘଜୀବୀ ହୋଇ ରହୁ—ଏହାମୋର କାମନା । ଇତି । ଆପଣଙ୍କର

**ଗୋବିନ୍ଦଚନ୍ଦ୍ର ଖଣ୍ଡୁଆଳ** (ସାମ୍ବାଦିକ, ଅସିକା)

ପ୍ରିୟ ସମ୍ପାଦକ,

ମାର୍ଚ୍ଚ ମାସର ସଂଖ୍ୟାଟି ପଢ଼ିଲି କେତେକ ସ୍ଥଳ ଅବାନ୍ତର ଅଯୌକ୍ତିକର ବୋଧହେଲା........ତଥାପି ଓଡ଼ିଆ ସାହିତ୍ୟରେ ଏପରି ମାସିକ ପତ୍ରିକାର ପ୍ରକାଶ ଉଦ୍ୟମକୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ......ତୀକ୍ଷ୍ଣ ଦୃଷ୍ଟି ଦେଲେ ପତ୍ରିକାଟି ଅଧିକ ଲୋକ ପ୍ରିୟ ହୋଇ ପାରିବ । ଏହି ପତ୍ରିକା ବଞ୍ଚିରହୁ ଏତିକିମାତ୍ର ଭଗବାନଙ୍କ ନିକଟରେ ପ୍ରାର୍ଥନା । ଇତି । ଆପଣଙ୍କର ବିଶ୍ୱସ୍ତ

**ବିଶ୍ୱେଶ୍ୱର ଭୂଞିଆ**, (ଢେଙ୍କାନାଳ ଟାଉନ)

# ସନ୍ଧାନୀ

0/307
24.4.60

ଶ୍ରୀ ଧନେଶ୍ୱର ପଟନାୟକ

ଉତ୍କଳ ସଂଘ ଲାଇବ୍ରେରୀ
ନଂ ୦/୫୬୭
ତା ......



## ★ ଷଡ଼ଯନ୍ତ୍ର

ଏଲ୍ଲାବାଦ କଟନ୍‌ମିଲ୍‌ସର ଅଳ୍ପଟିକିଏ ଦୂରରେ ଗୋଟିଏ ଛୋଟିଆ ବଙ୍ଗଳା—ସେଠି କଟନ୍‌ମିଲ୍‌ସର ଡାକ୍ତର ରୁହନ୍ତି ।

ଲୋକାରଣ୍ୟ ସହରର ବହୁଦୂରରେ ଓଡ଼ିଆ ଶିଳ୍ପପତି ଜାନକୀବାବୁଙ୍କର ଉଦ୍ୟମରେ ମୁଣ୍ଡଟେକି ଉଠିଛି ଅସଂଖ୍ୟ ଅଟ୍ଟାଳିକା ଏଲାହାବାଦ ଅଞ୍ଚଳର ପ୍ରାୟ ଅଠର ହଜାରଲୋକ ଶ୍ରମ ଖଟେଇ ସେମାନଙ୍କର ଜୀବିକାନିର୍ବାହ କରନ୍ତି । ସାଧାରଣ କର୍ମଚାରୀ ଠାରୁ ମିଲ୍‌ର ଉଚ୍ଚପଦସ୍ଥ କର୍ମଚାରୀମାନଙ୍କ ସହିତ ଜାନକୀବାବୁଙ୍କର ଘନିଷ୍ଠ ସମ୍ପର୍କ । ସେ ଉଚ୍ଚ ନୀଚ ଭେଦଭାବକୁ ଆଦୌ ପସନ୍ଦ କରନ୍ତିନି ।'

ଜାନକୀବାବୁଙ୍କର ହସ ହସ ମୁହଁ ଦେଖିଲେ ଶ୍ରମିକମାନଙ୍କର ଝାଳ ଶୁଖିଯାଏ– ଶ୍ରମିକ ମାନଙ୍କ ମଝିରେ ଠିଆ ହୋଇ ସେମାନଙ୍କ କାନ୍ଧ ଉପରେ ହାତରଖି ଜାନକୀବାବୁ ପକେଟରୁ ରୁମାଲ୍‌କାଢ଼ି ସେମାନଙ୍କ ମୁହଁ ଉପରୁ ଝାଳ ଟପାଳୁ ଦେଉଥିଲାବେଳେ ହିମତ୍‌ସିଂ ନାକ ଟେକେ । ସମୟ ସମୟରେ ମଧ୍ୟ କହୁଉଠେ, "ଜାନକୀବାବୁ ଏ ଛୋଟଲୋକ ଗୁଡ଼ାକ ସହିତ ଏତେ ମିଳମିଶା କରିବା ଆଦୌ ଉଚିତ ନୁହେଁ ?"

ଜାନକୀବାବୁ ହସି ହସି ହୁମତ୍ ସିଂଙ୍କୁ କୁହନ୍ତି "ମ୍ୟାନେଜର ଯୋଉଁମାନଙ୍କର ଦେହରୁ ଝାଳନିଗାଡ଼ି ତୁମପାଇଁ କୋଠାଘର ତିଆରିଯାଇଛି, ସେମାନଙ୍କୁ ଘୃଣା କରିବା ଉଚିତନୁହେଁ । ମୋରବୁଝି ଆଜ ସେମାନଙ୍କ ଶ୍ରମର ବଳରେହିଁ ତ କଟନ୍‌ମିଲ୍‌ସ ଅଜି ମୁଣ୍ଡ ଟେକି ଉଠିଛି ।"

ହୁମତ୍ ସିଂ ଯଦିଓ ଜାନକୀବାବୁଙ୍କ ମୁହଁ ସାମନାରେ କିଛି କହି ପାରେନି ତଥାପି ମିଲର ଛୋଟିଆ ଡାକ୍ତରଖାନା ଭିତରକୁ ପଶିଯାଇ ଡାକ୍ତରଙ୍କ ନିକଟରେ ଜାନକୀବାବୁଙ୍କର ଦୁର୍ଗୁଣ ସବୁ ବାଢ଼ି ବସେ । ଡାକ୍ତର ହସନ୍ତି- ବେଳ ବେଳେ ମଧ୍ୟ ଯୋର୍‌ରେ ହସି କୁହନ୍ତି, "ଓଡ଼ିଶାର ଗୋଟାଏ ଲୋକ ଏଲାହାବାଦରେ ମୁଣ୍ଡଟେକି ଉଠିଛି ତା ମୁଣ୍ଡଟାକୁ ତମେ ଫଟେଇ ଦେଇପାରିବ ହୁମତ୍ ସିଂ ?"

ହୁମତ୍ ସିଂ ଚମକି ଉଠେ ।

"ଡରିବାର କିଛି କାରଣନାହିଁ ହୁମତ୍ ସିଂ—ବଡ଼ଲୋକ ହେବାର ଇଚ୍ଛାଥିଲେ ଶ୍ରମର ବହୁତ ହିମତ୍ ଦରକାର-"

"ଡାକ୍ତର ବାବୁ- !"

"କାଲି ଜାଗର ଅମାବାସ୍ୟା-ସୀତାଦେବୀ ବନାରସ ଯାଇ କାଶିବିଶ୍ୱନାଥ ଦେଖିବାପାଇଁ ବ୍ୟାକୁଳ ହୋଇ ଉଠିଛନ୍ତି । ଜାନକୀବାବୁ ମତେ ସୀତାଦେବୀଙ୍କୁ ସଙ୍ଗରେ ନେଇ ବନାରସ ଯିବାକୁ କହୁଥିଲେ—ମୁଁ କହୁଛି ହୁମତ୍ ସିଂ ଉପଯୁକ୍ତ ଲୋକ ଯେ କି ସୀତାଦେବୀଙ୍କୁ ବନାରସର ସବୁଧର୍ମ ପୀଠ ଦେଖେଇ ଆଣିବ । ତାପରେ ସେ ରାଜି ହୋଇଛନ୍ତି- ଅଜି ତୁମେ ?"

"ନେଁ ?

"ହଁ ତୁମେ—ଗୋଟାଏ ବଡ଼ ଗଛଟାକୁ ଲୋକେ କେମିତି କାଟନ୍ତି ଜାଣ ? ଛୋଟିଆ ଟାଙ୍ଗିଆରେ ପହରେ ପାହାରେଦେଇ ତାପରେ ବଡ଼ ରେରଲଗା ଗଛଟା ମୂଳରୁ ଖସିପଡ଼େ-ଠିକ୍ ସେମିତି— ବୁଝିପାରିଲ ?

'ନା'

"ତାହେଲେ ତୁମକୁ ହୁମତ୍ ସିଂ ବୋଲି ଆଜି ମୁଁ ଡାକଉନି କହିବି ତମେ ଗୋଟାଏ କୁକୁର—ଅଇଁଠା ପତରଗୁଟିବା ତୁମର ଧର୍ମ ସିନା, ବଡ଼ଲୋକହୋଇ ବଞ୍ଚିବାର ପ୍ରେରଣା ତୁମର ନାହିଁ-” ହୁମତ୍ ସିଂ ନିଜକୁ ଟିକିଏ ସଂଯତ କରିନେଇ ଥିଲା—ତାପରେ ଆରମ୍ଭ କରିଥିଲା "କୁହନ୍ତୁ ଡାକ୍ତରବାବୁ ଆପଣ ଯାହାକହିବେ ମୁଁ ତା କରିବାକୁ ରାଜି ଅଛି ।”

ଡାକ୍ତର ହସି ହସି ହୁମତ୍ ସିଂ ପିଠିରେ ହାତମାରି ପକେଟରୁ ବାହାର କରିଥିଲେ ଗୋଟାଏ ଛୋଟଶିଶି-କଳଙ୍କଗଳାରେ ଶିଶିଟାକୁ ହୁମତ୍ ସିଂ ହାତକୁ ବଢ଼େଇ କହିଥିଲେ **“poison—poison”** ?

"ହାଁ ବଡ଼ଲୋକ ହେବାର ଏ ପ୍ରଥମ ସୋପାନ- ଜନାରସକୁ ଫେରିଲା ସମୟରେ ଯେ କୌଣସି ପ୍ରକାରେ ସୀତାଦେବୀଙ୍କୁ **apply** କରିବ ।”

ଡର ପାଇଥିଲା ହୁମନ୍ ସିଂ ॥

"ଭୟକରିବାର କାରଣ କିଛି ନାହିଁ ହୁମତ୍—ତାପରେ ପରେ ଦେଖିବ ତୁମେ ହେବ ଏଲାହାବାଦ କଟନ୍‌ମିଲ୍‌ସର ମାଲିକ ଆଉ ମୁଁ ମଧ୍ୟ ଠିକ୍ ଏମିତି ଡାକ୍ତର ହିସାବରେ ତୁମକୁ ସାହାଯ୍ୟ କରି ଚାଲି

"ମୋ ପାଇଁ ଏତେଟା—"

"ତୁମପାଇଁ କହୁ ତୁମେ ନିଜକୁ ଶ୍ରେଷ୍ଠ ଜାହିରଦେଉଛ, ମୋଜାତି ଭାଇତୁମେ—ମୋର ବୃଦ୍ଧାବସ୍ଥା । କିନ୍ତୁ ତୁମର ଜୀବନକୁ ଉପଭୋଗ କରିବାକୁ ଯଥେଷ୍ଟ ସମୟ ବାକୀଅଛି-ହିଁ କାଲିରାତି ବନାରସରୁ ଫେରି ଆସି ଠିକ୍ ରାତି ଗୋଟାକ ବେଳେ ମୋସଙ୍ଗେ ମୋବଙ୍ଗଳାରେ ଦେଖାକରିବ—"ହନ୍ତ୍ ସିଂ ହାତକୁ ଧରି ଭିଡ଼ିଦେଇ ନିଜ କାର୍ ରେ ବସେଇ ନେଇଥିଲେ ।

× × ×

ଅଷାଢ଼ର ଅନ୍ଧକାର ରାତି—ଡଟନ୍‌ମିଲସର ଗେଟ୍ ନିକଟରୁ ପହରାବାଲା ଠନ୍ ଠନ୍ କରି ବାରଟା ଅବାଜ କଲା । ତଥାପି ଡାକ୍ତରବାବୁଙ୍କ ଆଖିରେ ନିଦ ନାହିଁ, ଝରକା ଖୋଲି ବହୁଦୂରକୁ ଦେଖନ୍ତି—ବଙ୍ଗଳାର ସମୀପବର୍ତ୍ତି ବୁଦୁବୁଦାଳିଆ ଜଙ୍ଗଲଟା ଲାଗି ରହିଛି ବନ୍ୟ ପର୍ବତ ପର୍ଯ୍ୟନ୍ତ—

ହାତର ଘଡ଼ିକୁ ଚାହିଁ ଦେଖିଲେ ତରଶ୍‌ମିନଟ ଅତେଇ ଗଲଣି—କିନ୍ତୁ କାହିଁ ? ସେମାନେ କଣ……

ହଠାତ୍ ଗୋଟିଏ ଆଲୋକର କ୍ଷୀଣ ସଙ୍କେତ ଆସି ପଡ଼ିଥିଲା ଝରକା ନିକଟରେ—ଆନନ୍ଦରେ ହସି ଉଠିଥିଲେ ଡାକ୍ତର—ପକେଟରୁ ଟର୍ଚ୍ଚ ବାହାର କରି ଇଙ୍ଗିତ ଦେଲେ—ଘୋଡ଼ାର ଠାପୁଶବ୍ଦ—ନିକଟରୁ ନିକଟତର ହେଲା ଏବଂ ହଠାତ୍ ଜଣେ କଳାପୋଷାକ ଘୋଡ଼ା ଲୋକ ଆସି ଠିଆହେଲା ବାରଣ୍ଡାର ତଳକୁ—ଡାକ୍ତର ଲାଇଟଟା ବନ୍ଦ କରିଦେଲେ ସେଇ

ନ୍ଧକାର ଭିତରେ ଅଁଗେଇ ଆସିଥିଲେ ଲୋକଟି ନିକଟକୁ—ଶଙ୍କର
ବର ଆଦାନ ପ୍ରଦାନ ମଧ୍ୟ ହୋଇଥିଲା ଏବଂ ପରେ ପରେ ଅଳ୍ପ
ମିଥିଲା ସେହି ଲୋକଟା—

ଡାକ୍ତର ମଧ୍ୟ ଜାନକୀବାବୁଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଖବର ଦେଇ
ନ୍ଧକାର ରୂପକଥା କହୁଥିଲେ—ତା ପରେ ସେ ଲୋକଟା
ାକ୍ତରଙ୍କୁ ଡାକ ଦେଇଥିଲା ତା'ର ଘୋଡ଼ା ନିକଟକୁ—

"ସର୍ଦ୍ଦାର—ତାପରେ ।"

"ତାପରେ ହୁମତ୍—"

"ଠିକ୍ ଅଛି—"

"ଅଶ୍ୱଦାସଙ୍କୁ ସାବଧାନ"

"ବେକୁବ୍ ହୈ—"

"ଅର୍ଜ ଶଙ୍କୁକୁ କପର......"

"ଶଙ୍କର ବ୍ୟାଣ୍ଡିଜ ଧରଯାଇଥିଲା—ତା ନହେଲେ—
ର୍ଦ୍ଦାର—।" ଘୋଡ଼ା ପିଠିରେ ଗୋଟାଏ ଥଳି ଆଣି ବଢେଇଦେଲା
ାକ୍ତରଙ୍କ ହାତକୁ—"କରମଗୁନ୍ଦର ସୋନା—"

"ଠିକ୍ ଅଛି—ତୁମେ ଯାଅ—କାଲି ଆସି ଖାଇବା ସରଞ୍ଜାମ
ନଇଯିବ—ହ ସାବଧାନ ବର୍ତ୍ତମାନ ଅଜ୍ କିଛି କାମ କରନା—
ାଲି ଅପେକ୍ଷାରେ ରୁହ—"

ଟପ୍ ଟପ୍ ଘୋଡ଼ାର ଟାପୁ ଶବ୍ଦ—ଅନ୍ଧକାର ଭିତରେ ମିଶି
ାଇଥିଲା ଘୋଡ଼ାଟା—

ଡାକ୍ତର ଲୋକଟି ବାରଣ୍ଡାର ଲାଇଟ ଜଳେଇଲେ । ଗୋଟାଏ
ାରର ଶବ୍ଦ ଶୁଣାଗଲା—ଏବଂ କାରଟା ଆସି ଡାକ୍ତରଙ୍କ ଦୁଆରେ
ବ୍ରେକନେଲା—ଓହ୍ଲେଇ ଆସିଲେ ହୁମତ ସିଂ—କଟନମିଲସର
ମ୍ୟାନେଜର—

ଅଭିବାଦନ ଜଣେଇ ଡାକ୍ତରେଲେ ଡାକ୍ତର—ବୈଠକ ଖାନାରେ ଦୁଇଟି ଚେୟାରରେ ବସିଥାନ୍ତି ଦୁହେଁ—

ସୀତାଦେବୀଙ୍କର ମୃତ୍ୟୁପରେ ହିମତ ସିଂ ଯାଉଛନ୍ତି କଟକ-ଜାନକୀବାବୁଙ୍କର କୋର୍ଟକୁ ଅଣିବା ପାଇଁ—

ଡାକ୍ତର ଏଥର ଯୋର୍‌ରେ ହସିଉଠିଲେ "ସାବାସ, କଟକ୍ ଷ୍ଟେସନରେ ପହଞ୍ଚିବ **you wire from Howrab** ଏକ୍‌ସପ୍ରେସ ତା'ର କରିବ, ତା ପରେ—"

ଦୁହେଁ ହସାହସିହୋଇ ବଙ୍ଗଳା ବାହାରକୁ ଅସିଥିଲେ-"ଓଡ଼ିଆ ଲୋକଟା ମଧ୍ୟପ୍ରଦେଶରେ ଅସି—"

କାରରେ ବସିଥିଲେ ହିମତ୍ ସିଂ-କାରଛୁଟିଲା-ଡାକ୍ତର ଅନନ୍ଦରେ ବିହ୍ୱଳ ହୋଇ ଫେରିଲେ ବଙ୍ଗଳାଭିତରକୁ-ସୁଖର ସ୍ୱପ୍ନ-ଶାନ୍ତିର ସ୍ୱପ୍ନ-ତାପରେ "**A Doctor will become a millioner**"

# ୨ ନନ୍ଦିତା ଅନିର୍ଦ୍ଦିଷ୍ଟ

ଅଷାଢ଼ର ଏକ ବର୍ଷଣ ମୁଖର ସନ୍ଧ୍ୟା—ନନ୍ଦନ-କାନନର ପାରିଜାତ ମହଲଭିତରେ ପଦଚାରଣ କରୁଥିଲା ନନ୍ଦିତା । ରଜନୀ ରାଣୀର ଆବାହନୀ ଗୀତ କଣ୍ଠରେ ତୋଳି ଉଡ଼ି ଯାଉଥିଲା ବଳାକା । ଘନ ବାଦଲର ସୂକ୍ଷ୍ମ ଇଙ୍ଗିତ ଭିତରେ ବିଚ୍ଛୁରିତହୋଇ ପଡ଼ୁଥିଲା ସବିତାର ଶେଷ ରଶ୍ମି । ଅପୂର୍ବ ସେ ଆଭା । ଉତ୍ତର ସମୀରଣ ପରଶରେ ନଇଁ ପଡ଼ୁଥିଲା ବାଦଲ । ଧରଣୀକୁ ଆଶୀର୍ବାଦ କରି ସିଞ୍ଚିଦେଲା କେତେ ବୁନ୍ଦା ଅମୃତ । ସତେ ଯେପରି ମନେହେଲା ଦେବରାଜ ଇନ୍ଦ୍ର ବାଦଲ ରୂପକ କମଣ୍ଡଳୁ ମଧ୍ୟରୁ ଅଣନ ଶୁଦ୍ଧି ମନ୍ତ୍ର ଉଚ୍ଚାରଣକରି ଅମୃତ ସିଞ୍ଚି ସ୍ୱାଗତ ଜଣାଉଥିଲେ ରଜନୀ ରାଣୀଙ୍କୁ । ଧରଣୀକୁ ରଜନୀ ରାଣୀ ଆସିବେ । ଧରଣୀର ଅସରନ୍ତି ଆନନ୍ଦ । ବା'ର ଘଣ୍ଟାର ବ୍ୟବଧାନ ପରେ ପୁଣି ମଧୁର ମିଳନ । ଅବଗୁଣ୍ଠନ ଖୋଲି ସେ ନିଶ୍ଚୟ ଏଥର ତାଙ୍କୁ ପଚାରିବ, "ପ୍ରେମ କଣ ସ୍ୱାକୁର କହନ୍ତୁ ?" ବିଚ୍ଛେଦ ପରେ ମିଳନର ଏକ ଅକଳନ ସମାବେଶ ।

ଲକ୍ଷାବଧିର ବଧୂର ସ୍ୱାଗତ ସଙ୍କେତ ଦେଉଥିଲା ଦକ୍-ବଳୟର ଅଳକ୍ତ ରକ୍ତିମ ଛଟା । ନୂପୁର ନିକ୍ୱଣର ମନ୍ଦ୍ର ଗମ୍ଭୀର କମ୍ପନରେ ଗମ୍ଭୀର ହୋଇ ଆସୁଥିଲା ଧରଣୀ । ରାଣୀ ଆସିବେ । ଜନ କୋଳାହଳ ତାଙ୍କୁ ଆଜ ସୁଖ ଲାଗୁନି । ସେ ଶୁହାନ୍ତି ନୀରବତା । ନୀରବ ନିସ୍ପନ୍ଦ ଭାବରେ ସେ ବସି ଚିନ୍ତା କରିବେ ମିଳନପରେ ବିଚ୍ଛେଦ ଆସେ କାହିଁକି ? ଧରଣୀର ଅନୁଗତ୍ୟ ଅନୁଚରମାନଙ୍କର କୋଳାହଳ ଥମି ଆସୁଛି । ଏତେ ଗୁଡାଏ ଅନୁଚରମାନଙ୍କର କୋଳାହଳ କଣ ଏତେ ସହଜରେ ବନ୍ଦହୋଇ ପାରିବ ? ହଁ ପାରିବ ବା କାହିଁକି, ତୁମେ କଣ ଯୁଦ୍ଧ ଭୂଇଁରେ ଶହ ଶହ ସୈନିକଙ୍କର ସମାବେଶ ଦେଖିନ ? ତେବେ ସେ ନୀରବତା ଆସିବ

ହୁଏତ କେତେ ଘଣ୍ଟାର ବ୍ୟବଧାନ ପରେ । ମନ୍ଦିର ଭିତରୁ ଆଳତୀର ମଙ୍ଗଳ ଧ୍ୱନି ଶୁଣାଗଲାଣି । ନନ୍ଦିତା କିନ୍ତୁ ବୁଲୁଛି ।

ନନ୍ଦିତା ସତରଟି ବସନ୍ତର ବାସନ୍ତିକା ସେ । ଉଦ୍ଦାମ ଯୌବନର ଅଦମ୍ୟ ପ୍ରେରଣାରେ କେଉଁ କୁଟିଳ ତା'ର ମନଗହ୍ୱରରୁ ଗୋଟାଏ ଅକୁହା କଥା । ତାହାକୁ ସେ ମନଗୋ'ଲ୍ ଏ ଯାଏ କହିନି । କହିବାର ସୁଯୋଗ ସେ ହୁଏତ ଦିନେ ପାଇଥିଲା କିନ୍ତୁ··· । ସେଇ "କିନ୍ତୁ" ଟାକୁ ସେ ଆଜି ଭାବୁଛି । ଭାବନାର ଥଳକୂଳ ନାହିଁ । ହଠାତ୍ ଜଳି ଉଠିଲା ବାରଣ୍ଡାର ବାଜୁଲିବତୀ । ଚୁଲିପଡ଼ି ସେ ଗୃହିଁଥିଲା । କାନ୍ଥରେ ମରାହୋଇଥିବା ବଡ ଆଇନା ଭିତରେ ପ୍ରତିଫଳିତ ହୋଇ ଉଠିଲା ତାର ପ୍ରତିଛବି । ସେ ହୁଏତ ଭଲକରି କେବେ ନିଜକୁ ଦେଖିନି । ସେ ନିଜକୁ ଦେଖିଲା, ଖୁବ୍ ନିରେଖି ଦେଖିଲା —ନିଜକୁ ବିଶ୍ୱାସ କରି ପାରିଲାନି ସେ ଏତେ ବଦଳିଯାଇଛି । ଭାବି ପାରିଲାନି ତା'ର ଏ ପରିବର୍ତ୍ତନ ଆସିଲା କିପରି ? ଆଣିଲା କିଏ ? ପ୍ରସ୍ଫୁଟିତ ରକ୍ତପଦ୍ମପରି ନିଟୋଳ ମୁଖମଣ୍ଡଳ ଭିତରେ କଅଁଳ ଚରପଣ ଉପରେ ଢଳ ଢଳ ହେଉଥିଲା ଜଳବିନ୍ଦୁ ପରି ଫୁଟି ଉଠିଥିଲା ଦୁଇଟି ଘନ ନୀଳ ଡୋଳା । ଅଂଶୁମାଳୀର ଆକ୍ରମଣ ଭୟରେ ଦ୍ୱାରପାଳରୂପେ ତାକୁ ଜଗି ରହିଥିଲେ ଦୁଇଟି ଭୂରୁ । ସୁନ୍ଦର ନାସିକାଟିଏ ରକ୍ତିମ ଅଧର । ଅସୂର୍ଯ୍ୟା ଗଣ୍ଡଭଣ୍ଡାରର ଅକଳନ୍ତି ସମ୍ଭାର । ଅଧର ତଳକୁ ଗୃହିଁଥିଲା କିନ୍ତୁ ପାରି ନଥିଲା । ଉନ୍ନତ କୁଚ ଯୁଗଳକୁ ତା'ର ଆଖି ଅତିକ୍ରମ କରି ପାରିନଥିଲା । ଝଲଲା ବଳାନ୍ତ ମାଂସପେଶୀ । ତା ଦେହରେ ବହୁତ ବଳ । ସେ ଯୁଦ୍ଧ କରିବ । ସେ କଣ ହାରିଯିବ ? ନା ତା ନିକଟରେ ଯୋଉ ସୈନ୍ୟ, ରଥ ଯୂଥ ଅଛନ୍ତି । ସେ କେବେ ହାରିବ ନାହିଁ । ମନରେ ତାର ଯଥେଷ୍ଟ ଦମ୍ଭ । କିନ୍ତୁ ଜାଣେନା କେଉଁ ଅଶୁଭ ସଂକେତରେ ତା'ର ରକ୍ତ କାହିଁକି

ବେଳେ ବେଳେ କଥାକହେ । ଧୈର୍ଯ୍ୟର ଚରମ ତା'ର ଭାଙ୍ଗିଯାଏ ପୁଣି ସେ ନିଜକୁ ସଂଯତ କରିବାର ଅବସର ପାଏନି । କିନ୍ତୁ ତା'ର କଥା କହୁଛି-ଏତେ ଯନ୍ତ୍ରଣା କହୁଛି ଯେ ତା'ର ଭାଷା ଅବୋଧ ହୋଇ ଉଠୁଛି । ସେ କିନ୍ତୁ ବୁଝୁଛି । କେତେଦିନର ଆଶା, ଆକାଂକ୍ଷା ସେ ଆଜି ସବୁ କହିବ, ନା ସେ କିଛି ଲୁଚେଇବ ନାହିଁ । ତାଙ୍କପାଇଁ ମେଲ୍ ପହଞ୍ଚିବାକୁ ଆହୁରି ଦୁଇଘଣ୍ଟା ସମୟ ଅଛି । ସେ ଘରଟାକୁ ଏଠିକି ଆସିଲା ଦିନଠାରୁ କେବଳ ପ୍ରତୀକ୍ଷାରେ ଥିଲା, "କେବେ ଆସିବେ" ? ସେ କିନ୍ତୁ ଆଜି ଆସିବେ । ମୋଟେ ଦୁଇଘଣ୍ଟାର ବ୍ୟବଧାନ ପରେ । ଏତେଦିନ ଧୈର୍ଯ୍ୟଧରି ଆସିଛି—ଏଇ ଦୁଇଘଣ୍ଟା ପାରିବନି । ବାବା ତା'ର ଅନେକଥର ବୈଠକଖାନାରୁ ଖବର ପଠେଇଲେଣି ସେ କିନ୍ତୁ ଯାଇନି । ଯିବ ଆଉ ଦୁ'ଘଣ୍ଟା ପରେ । ଯେତେବେଳେ ନନ୍ଦନବାବୁ ଆସି ବସିଥିବେ ବାବୁଙ୍କ ପାଖରେ । ସେ ତାଙ୍କୁ ଦେଖିବ, ମନଭରି ଦେଖିବ । ଆଜି ବାବାଙ୍କୁ ବାହାନା ଦେଖେଇ ନିରୋଳାରେ ତାଙ୍କପାଖେ ବସିବ । ନା ଖାଲି ବସିବ ନି ଦୂରରେ । ବହୁତ ପାଖରେ ବସିବ । ତାଙ୍କ ମନର ସବୁ କଥା କହିବ । ସେ ଯଦି ଲଜ୍ଜା କରନ୍ତି ତେବେ ସେ ନିଜେ ଆଗ କହି ପକେଇବ "ଏତେଦିନେ ମନେ ପଡ଼ିଲା ?" ସେ ଯଦି କିଛି ଉତ୍ତର ନ ଦିଅନ୍ତି ତେବେ ବି ସେ ଡରିଯିବନି । ଆହୁରି ପାଖକୁ ଘୁଞ୍ଚିଯାଇ ତାଙ୍କ ହାତ ଦୁଇଟିରେ କଅଁଳ ସ୍ପର୍ଶଦେଇ କହିବ, "ନନ୍ଦଦା ର ଗୁଡ ଶର ଦେଖିଲ, ସେ ତମକୁ କେତେ ଭଲପାଏ ।" ନନ୍ଦନବାବୁ ବିଶ୍ୱାସ କରିବେ ନି । କାହିଁକି ବା ତାକୁ ବିଶ୍ୱାସ କରିବେ । ନା ତେବେ ସେ ତାଙ୍କର ପାଦଛୁଇଁ କହିବ ଯେ "ନନ୍ଦଦା ତମର ପଦ ସେବିକା ହେବାକୁ ଚାହେ ।" ସେ ନିଶ୍ଚୟ ବିଶ୍ୱାସ କରିବେ । ତାପରେ କୋଳେଇ ନେବେ ନନ୍ଦଦାଙ୍କୁ । କୋଳରେ ବସେଇ ତା ଗଣ୍ଡରେ ଅଙ୍କିଦେବେ ଗୋଟାଏ ଚୁମ୍ବନ । ଲଜ୍ଜାରେ ସେ ତାଙ୍କ ବାହୁ

ବନ୍ଧନରୁ ଛଡେଇ ହେବାକୁ ଚେଷ୍ଟାକର କହୁବ "ଆପଣ ବଡ ଦୁଷ୍ଟ !" ସେ ହସିବେ । ସେଇ ହସରେ ନନ୍ଦତା ପାଇବ କୁବେରର ଭଣ୍ଡାର । ତାପରେ, ତା ପରେ କେତେ କଥା । ହଁ ହଁ ଅନେକ କଥା ବେଦୀ, ମନ୍ତ୍ର, ହୋମ—ସବୁ ପରକଥା—

ବ୍ୟାଧ ଶଙ୍କା ହରଣୀ ପରି ସେ ଦୃଷ୍ଟି ନିକ୍ଷେପ କରେ ଗେଟ୍ ପାଖକୁ । ବନ୍ଦ ଅଛୁ । ସାମନା ସଦର ରାସ୍ତା ଦେଇ ତୀବ୍ର ବେଗରେ ଛୁଟି ଯାଉଛନ୍ତି କେତେ ରକମର ଯାନବାହନ । କେହି କିନ୍ତୁ ଗେଟ୍ ପାଖେ ଅଟକେନି । ପୁଣି ଆଖି ତା'ର ଫେରାଏ ମନେ ମନେ କେତେ କଥା ।

ସମୟ ଗଡ଼ୁଥିଲେ ସତ, କେହି ତାକୁ ଧରି ରଖି ପାରନ୍ତିନି । କିନ୍ତୁ ସେଇ ସମୟଟାର ଗତିବିଧି ଲକ୍ଷ୍ୟକରି ନନ୍ଦତାର ଜୀବନ ଦୁର୍ବହ ହୋଇ ଉଠୁଛି । ୱାଲ କ୍ଲକକୁ ଚାହିଁ ଦେଖେ ମିନିଟ୍ କଣ୍ଟା ସତେ ଯେପରି ତା'ର କଣ୍ଟା ହୋଇ ଠିଆ ହୋଇଛି । ବାଟ ଗ୍ଳାଉନି । ବିରକ୍ତ ହୋଇ ଘଣ୍ଟା ପାଖକୁ ଅଗେଇ ଗଲା । ବୋଧେ ବନ୍ଦ ହୋଇ ଯାଇଥିବ । ଠିଆହୋଇ କାନ ପାରିଲା, ନା ତାକୁ ତ କାହିଁକି ଟିକ୍ ଟିକ୍ ଶୁଭୁନି । ତେବେ କଣ ସତରେ ଘଣ୍ଟା ଚାଲୁନି ।

ନା ଘଣ୍ଟା ଠିକ୍ ଚାଲୁଛି । କିନ୍ତୁ ନନ୍ଦତାର ରକ୍ତର ଗତି ଏତେ ବଢ଼ିଯାଇଛି ଯେ ତାକୁ ସାମାନ୍ୟ କଳଘଣ୍ଟାର ଟିକ୍ ଟିକ୍ ଶବ୍ଦ ବାରି କରି ପାରୁନି । ଗୋଟାଏ ଚେୟାର ଟାଣିନେଇ ତା ଉପରେ ଠିଆହୋଇ ଦେଖିଲା । ଖୁବ୍ ଧୀରେ କାନ୍ଥରେ କାନ ଦେଇ ଶୁଣିଲା ଘଣ୍ଟା ଚାଲିଛି । ଲଜ୍ଜାରେ ନଇଁ ପଡ଼ିଲା । କାହିଁକି ସେ ଏତେ ବ୍ୟଗ୍ର ?

ପାଠକେ ! ନନ୍ଦତା କାହିଁକି ଏତେ ବ୍ୟଗ୍ରତା ଅନୁମାନ କରି ପାରୁଥିବେ । ଏମିତି ପ୍ରତ୍ୟେକ ଜୀବନରେ ଗୋଟାଏ ଗୋଟାଏ ମୁହୂର୍ତ୍ତ ଆସେ । ନନ୍ଦତା ବା ସେଥିରୁ ବାଦ୍ ଯା'ନ୍ତା କେମିତି ?

ନନ୍ଦନ ସୁଠାମ ସୁନ୍ଦର ଯୁବକ । ନନ୍ଦିତା ସୁନ୍ଦରୀ, ଯୌବନ-କ୍ଷତା ଯୁବତୀ । ଯୁବକ ଓ ଯୁବତୀର ପହିଲି ପରଶ, ପହିଲି କଥା, ପହିଲି ପ୍ରେମ ତା ପରେ ତା ପରେ...... ।

ନନ୍ଦିତା ତା ଯୌବନ ବିକାଶ ପଥରେ ଅନେକ ଯୁବକଙ୍କ ସ୍ପର୍ଶରେ ଆସିଛି, ହେଲେ ନନ୍ଦନପରି କୁହେଁ । ନନ୍ଦନର ମିଠା ହସ ତ ନନ୍ଦିତାର ଛାତିରେ ଆଘାତ ଦେଇଛି—ଏତେ ଜୋର ସେ ଆଘାତ ଯେ ନନ୍ଦିତା ବାଧ୍ୟହୋଇ ନିଜର ଆତ୍ମ ସମର୍ପଣ କରିଛି ନନ୍ଦନ ପାଖରେ । ନନ୍ଦନ ଆଜି ନନ୍ଦିତା । ବାଃ ବିଧାତାର କି ଚମତ୍କାର ସୃଷ୍ଟି । ସେଇ ନନ୍ଦନବାବୁ ଆସିବେ । ନନ୍ଦିତା ବା ବ୍ୟଗ୍ର ନ ହେବ କିପରି ?

ନନ୍ଦନବାବୁ ଆସିବାର ଟେଲିଗ୍ରାମଟା ପାଇଲା ବେଳୁ ସେ ବ୍ୟଗ୍ରହୋଇ ଉଠିଥିଲା । କିନ୍ତୁ ଆସିବାର ସମୟ ଯେତେ ନିକଟରୁ ନିକଟତର ହେବାକୁ ଲାଗିଲା ତା'ର ବ୍ୟଗ୍ରର ମାତ୍ରା ବଢ଼ି ଯାଇଛି ଅନେକ ଗୁଣ । ତା'ର ଭିତରେ ସେ ନିଜକୁ ସଜେଇବାକୁ ଭୁଲିନି । ସେଦିନ ତାକୁ ତିନି ଗୁଣଟା ଟ୍ରଙ୍କର ଦାମିକା ଦାମିକା ଶାଢ଼ୀ କେତେ ...ନକୁ ଆସିଲାନି । କେଉଁ ରଙ୍ଗର ଶାଢ଼ି ତା ସାଙ୍ଗକୁ କେଉଁ ରଙ୍ଗର ବ୍ଲାଉଜ ସେ ପିନ୍ଧିବ ସେ ଦିନ ଦୁଇଟାଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବି ଠିକ୍ କରି ପାରିଲାନି । ଘରଟାଯାକ ଶାଢ଼ୀ ଗୁଡ଼ା ଏଣେତେଣେ ହୋଇ ପଡ଼ିଥାଏ । ବନାରସି । ଜର୍ଜେଟ୍, ନାଇଲନ୍, କ୍ରେପ୍ସ କୌଣସିଟା ତା'ର ପସନ୍ଦକୁ ଆସିଲାନି । କଣ କରିବ, କିଛି ଠିକ୍ କରି ନ ପାରି ବାବାଙ୍କ ପାଖକୁ ଦଉଡ଼ି ଗଲା । ବାବାଙ୍କର କୌଣସି ଉତ୍ତରକୁ ଆଶା ନ କରି ଅଭିମାନରେ କହି ଗୁଲିଲା, "ମୁଁ କ'ଣ ପିନ୍ଧିବ । ମୋର ତ ଭଲ ହେଇ ଶାଢ଼ୀ ଗୋଟେ ନାହିଁ ।" ଜାନକୀ ବାବୁ ହସି ଉଠିଥିଲେ । କହିଲେ, "ମା ଜାନକୀ ପଟ୍ଟନାୟକ

ଫ୍ରିଅର ଶାଢ଼ୀ ନାହିଁ, ଶୁଣିଲେ ଲୋକେ ହସିବେ ।” ନନ୍ଦନ ଆଉ କିଛି ନ ଶୁଣି ଉପର ମହଲାକୁ ଦଉଡ଼ି ଯାଇଥିଲା ।

ବ୍ୟତିବ୍ୟସ୍ତ ହୋଇ ପଡ଼ିଲା । ନା ଠିକ୍ କଲା ରଘୁଆକୁ ତା'ର ପୁରୁଣା କୋଉ ଶାଢ଼ୀଟା ତାକୁ ସୁନ୍ଦର ଦେଖାଯାଉଛି । କଥାରେ ଅଛି ଆପ୍ ରୁଚି ଭୋଜନ, ପରରୁଚି ବସନ । ଠିକ୍‌କଥା, ଏତେ-ବେଳକେ ଗୋଟାଏ ବାଟ ପାଇଲା । ଯୋର୍‌ରେ ପାଟିକରି ଡାକିଲା, “ରଘୁଆ ! ରଘୁଆ !!”

ନନ୍ଦନବାବୁଙ୍କ ଆସିବା ଖବର ଶୁଣି ରଘୁଆ ସେ ଦିନ ବହୁତ ପ୍ରକାର ରାନ୍ଧିବାରେ ବ୍ୟସ୍ତ । ଓଡ଼ିଆ କହିଲେ ପାରିଜାତ ମହଲରେ ସେଇ ଜଣକ । ଆଉ ଯେତେ ଚାକରବାକର ସବୁ ଏଇ ଏହ୍ଲାବାଦର ଲୋକ । ରଘୁଆ ଘର ପୁରୀରେ । କରଣ ଘର । ପିଲାଦିନରୁ ପାଠଶାଠ ପଢ଼ି ନପାରି, ଯା ଘରେ ତା ଘରେ ରନ୍ଧା ରନ୍ଧାରନ୍ଧି ଶିଖି, ଶେଷରେ ସେଇ ରାନ୍ଧିବା ପନ୍ଥାଟାକୁ ତା ଜୀବନର ସର୍ବଶ୍ରେଷ୍ଠ ପନ୍ଥା ବୋଲି ଠିକ୍ କରି ନେଇଛି । ବାପ, ମା କେହି ନାହାନ୍ତି । ବେପରୁଆ ବେଧଡ଼କ ସେ । ଆଗେ ଗୋପୀବାବୁଙ୍କ ଘରେ ରହୁଥିଲା । ଜାନକୀବାବୁ ଯେତେବେଳେ ଅନୁରୋଧ କଲେ ସେଇ ଦିନଠୁ ସେ ଏଠିକି ଆସିଛି । ଅଣଓଡ଼ିଆ ଦେଶରେ ସେ ପୁରୁଣା ହେଇ ଗଲାଣି କହିଲେ ଚଳେ । ଜାନକୀବାବୁଙ୍କ ମନଲାଖି ସେ ରାନ୍ଧେ । କେତେବେଳେ ବାବୁ କଣ ଖାଇବାକୁ ଭଲ ପାନ୍ତି, ସେ ଠଉରେଇ ନେଇଛି । ରାତି ତିନିଟା ବେଳ କଟିଠୁ ଆରମ୍ଭ କରି ସେ ଗୋଟିକେ ଗୋଟିକେ କରିଥାଏ ବାବୁଙ୍କୁ । ଜାନକୀବାବୁ ବି ରଘୁଆକୁ ଆପଣାର ଲୋକପରି ଦେଖନ୍ତି । ବ୍ୟବସାୟର ହାନିଲାଭ, ଭଲମନ୍ଦ ମଧ୍ୟ ବେଳେବେଳେ ତା ସଙ୍ଗରେ କଥାବାର୍ତ୍ତା ହୁଅନ୍ତି । ରଘୁଆ ମନ ଲୁଟେ ମୋଟ ।

ନନ୍ଦତାଙ୍କୁ ସେ ଡେଇଁ ଦେଇ ଡାକେ । ନନ୍ଦତା ସାଙ୍ଗରେ ଲୁଡୁ, କ୍ୟାରମ ଖେଳିବା ବି ଶିଖିଗଲାଣି । ଏଥର ନନ୍ଦତା ତାକୁ ପଢ଼ାଉଛି । ଅଆଇଈ ସ୍ୱର, ଖଣ୍ଡିଆ ଖଣ୍ଡିଆ ଇଂଲିଶ କହି ଶିଖିଲାଣି ରଘୁଆ । ଟୋକାଟା ଗୋରା ନ ହେଲେ ବି ଦେହଢଗ ମନ୍ଦ ନୁହେଁ । ବୟସ ଅନୁମାନ ପଚିଶ ଛବିଶ ବର୍ଷ ହେବ । ଜାନକୀବାବୁ ତାଙ୍କୁ କଥା ଦେଇଛନ୍ତି, ବାହା କରେଇଦେବେ ନନ୍ଦତାର ବାହାଘର ପରେ । ସେଇଦିନଠୁ ରଘୁଆର ଖୁସି କୁଣ୍ଢେ ମୋଟ ।

ନନ୍ଦତାର ଡାକଶୁଣି ରୋଷେଇ ଘରୁ ଦଉଡ଼ିଛି, ଉପର ମହଲାର ପାହାଚସବୁ ଗୋଟାକୁ ତିନିଟାକରି ଡେଇଁ ଡେଇଁ ଘର ଭିତରେ ହାଜର । ଘରଯାକ ଶାଢ଼ୀ ବିଛେଇହୋଇ ପଡ଼ିଥିବାର ଦେଖି କହିଲା "ଦେଈ ଏସବୁ କଣ ?"

ତୋ ମୁଣ୍ଡ ଗଣ୍ଡ ।

ମତେ ଡାକିଲ କାହିଁକି ?

ଆଲୋ ରଘୁଆ, କହିଲୁ ଏ ଶାଢ଼ୀ ଭିତରୁ ତତେ କେଉଁଟା ପସନ୍ଦକୁ ଆସୁଛି ?

ରଘୁଆ ହୁଏତ ତା ଜୀବନରେ ଏତେ ରକମର ଶାଢ଼ୀ ଦେଖି ନଥିଲା । ଗୋଟାଉପରେ ଗୋଟାଏ ଏପଟ ସେପଟ କଲା । ନନ୍ଦତାର ଅନ୍ୟମନସ୍କ ଦେଖି ବେଳେବେଳେ ଶାଢ଼ୀଟାକୁ ଭକ୍ତିଭରେ ମୁଣ୍ଡରେ ଲଗାଏ । ତା ଆଖି ଆଜି ପରଖ ହେଇଗଲା । କେଉଁଟା ସୁନ୍ଦର ଆଉ କେଉଁଟା ଅସୁନ୍ଦର ତା ମୋଟ ଅକଲଭିତରେ କିଛି ଠିକ୍ କରି ପାରିଲାନି । ସବୁ ତାକୁ ସୁନ୍ଦର ଦିଶିଲା । ଯେଉଁ ଗୋଟାକୁ ଧରି ଅନ୍ୟଟା ଦେଖେ, ସେଇଟା ତାକୁ ଅନ୍ୟଠାରୁ ଅଧିକ ସୁନ୍ଦର ଦିଶେ । କିଛି ଠିକ୍ କରି ନ ପାରି କହିଲା, "ଦେଈ, ମତେ ତ ସବୁ ଗୁଡ଼ାକ ସୁନ୍ଦର ଦିଶୁଛି" ତୁ କହୁଛୁ ତା ହେଲେ ମୁଁ ଏ ସବୁଗୁଡ଼ାକ ଶାଢ଼ୀ ପିନ୍ଧି

ପକେଇବ ? ନା ତଥାପି କିଛି ଠିକ୍ କରି ପାରିଲାନି—ତ୍ରିଙ୍କ ଅନ୍ଧୁର ଦାଉର୍ଣ୍ଣ ଦେଖିଲା । ଦେଖୁ ଦେଖୁ ଅଖିରେ ପଡ଼ିଲା ଖଣ୍ଡେ ବାରବାଟି ଲଟେରି ଟିକେଟ । ହଁା ଏଥର ଠିକ୍ ବାଟ ମିଳିଲା । ଲଟେରି । ଦଉଡ଼ି-ଯାଇ ତା ଡ୍ରୟରରୁ କାଗଜ ପେନସିଲ ନେଇ ଆସି, କାଗଜଟାକୁ ଟିକ୍ ଟିକ୍ କରି ଚିରି ପକେଇଲା । ରଘୁଆ ଠିଆହୋଇ ଦେଖୁ-ଥାଏ ସେ ଫୋପଡ଼ା ହୋଇଥିବା ଗାତ୍ରିଗୁଡ଼ାକୁ । ତାକୁ ଦେଖା ଯାଉଥାଏ ସତେ ଯେମିତି ଘରର ଚଟାଣକୁ କିଏ ପଦ୍ମଫୁଲଟିଏ କରି ତାର ପାଖୁଡ଼ା ଗୁଡ଼ାକୁ ସବୁ ରଙ୍ଗ ବେରଙ୍ଗ କରି ପକେଇଛି । ଆଉ ପଦ୍ମଫୁଲର କେଶର ପରି ମଝିରେ ତୁଲଟା ଉପରେ ନନ୍ଦିତା ବସି ତରତରରେ କଣ ଗୁଡ଼ାଏ ସବୁ ଲେଖି ପକଉଛି । ବେଳେ ବେଳେ ଗାତ୍ରି ଗୁଡ଼ାକୁ ଗୋଡ଼ରେ ଅଡ଼େଇ ଅଡ଼େଇ ଦେଉଛି ।

ହଁ ଲେଖା ଏଥର ସରିଲା । ସବୁ କାଗଜଗୁଡ଼ାକ ନନ୍ଦିତା ହାତରେ ଗୁଡ଼େଇ ଦେଲା । ଫୁଲାଏ କାଗଜ । ଟିକିଏ କଣ ଭାବି ମୁଣ୍ଡରେ ଲଗେଇ ସେ ମୁଠାକପାକ ମୋଡ଼ା ମୋଡ଼ା କାଗଜ ଫୋପାଡ଼ି ଦେଲା ରଘୁଆ ଆଡ଼କୁ । ସତେ ଯେମିତି ତାରାସବୁ ଫୁଟି ଆସିଲେ । "ଆଚ୍ଛା, ରଘୁଆ ଏଇ କାଗଜ ଭିତରୁ ତୋ ମନଟା ଯାହାକୁ ହଉଛି ଦେ ।"

ରଘୁଆ କଣ ଭାବୁଥିଲା । ହଠାତ୍ ଗୋଟାଏ କାଗଜ ଟେକି ନେଇ ଦେଲା । ନନ୍ଦିତା ତରବରରେ ଫିଟାଇ ଦେଖିଲା, "ସମ୍ବଲ-ପୁର୍ଣ୍ଣ ପରଦା", "ରଘୁଆ ଏଥର ଯା", ରଘୁଆ ମୁହଁ ବୁଲେଇଲା । ଆଉ ଟିକିଏ ଦେଖିଥାନ୍ତା । ତେଣେ ଡାଲଟା ବସେଇଦେଇ ଆସିଛି । ଫେରିଆସିଲା କିନ୍ତୁ କିଛି ବୁଝିପାରିଲାନି । ମନେ ମନେ ଖାଲି ଭାବୁଥାଏ, "ଦେଇ ଏସବୁ କଣ କଲେ ?" ରଘୁଆର ବା ବୁଦ୍ଧି କେତେ ?

ନନ୍ଦିତା ଲଟେରୀ ଫଳଟାକୁ ଏକାବେଳକେ ଅସ୍ୱୀକାର କଲନି । ଗଷରେ ସେଇ ପରଦା ଶାଢ଼ୀଖଣ୍ଡେ ପିନ୍ଧିଛି । ଲଟେରୀ— ୍ୟଫଳ । ନନ୍ଦନବାବୁଙ୍କ ପ୍ରସ୍ତାବରେ ଜାନକୀବାବୁ ରାଜିହୋଇଯିବାନ୍ତି, ସେ ଠିକ୍ ତା'ର ଭାଗ୍ୟଫଳକୁ ମାନି ନେଇଛି । କିନ୍ତୁ ତା ଆଗରୁ ସେ ନିଜକୁ ହତଭାଗିନୀ ହସ୍ତୀକପାଳି ବୋଲି କେତେଥର କହି ୍ରକୋଳେ କାନ୍ଦିଛି । ତାକୁ କେହି ସାନ୍ତ୍ୱନା ଦେଇନି । ଏଲାହାବାଦ ପରି ସହରରେ ତା'ର ବା ଆଉକିଏ ଅଛି, ତାକୁ ାନ୍ତ୍ୱନା ଦିଅନ୍ତା ।

ଦୁଇଟି ବର୍ଷର ବ୍ୟବଧାନ । ସେତେବେଳେ ନନ୍ଦିତାକୁ ତା'ର ପୁରି ଚଉଦ ଚାଲୁଥାଏ । ମାଟ୍ରିକପରେ ଆଉ ଉଚ୍ଚଶିକ୍ଷା ଦବାର ସପକ୍ଷରେ ସୀତାଦେବୀ ନଥିଲେ । ନନ୍ଦିତାର ପାଠରେ ଡାରବନ୍ଧା ହେଲା ସେଇଦିନଠୁ ।

ସୀତାଦେବୀ ଯେପରି ଜଣେ ଆଦର୍ଶ ଗୃହିଣୀଥିଲେ, ସେ ଠିକ୍ ସେଇସ୍ୱଭାବ ତାଙ୍କ ଝିଅ ନନ୍ଦିତାକୁ ଘର କାମଦାମରେ ମନ ଦବାକୁ ଜୋର କରିଥିଲେ । ନନ୍ଦିତା ମଧ୍ୟ ମା'ଙ୍କର ଗହଣରେ ଲାଗିଗଲା ଯାଇଥିଲା ଅନେକ ଦୂର ।

ଶିଳ୍ପପତି ଜାନକୀ ପଟ୍ଟନାୟକଙ୍କର ଝିଅ । ଅନେକ ଆଡ଼ୁ ଅନେକ ପ୍ରସ୍ତାବ ଆସିଥିଲା । କିନ୍ତୁ ନନ୍ଦନ ଛଡ଼ା ଅନ୍ୟସବୁ ପ୍ରସ୍ତାବକୁ ତାଦେଇ ଅଗ୍ରାହ୍ୟ କରି ଦେଇଥିଲେ । ଝିଅର ହାତରେ ଶଙ୍ଖା, ଥାରେ ସିନ୍ଦୂର ଦେଖିବାର ଆଗ୍ରହ ତାଙ୍କର ବଳବତ୍ତର ହୋଇ ଉଠିଥିଲା ।

ନନ୍ଦନର ବି: ଏ. ପରୀକ୍ଷା ସରିଥାଏ । ବେଳେବେଳେ ସୀତାଦେବୀ ନନ୍ଦନକୁ ତାଙ୍କ କୋଠିକୁ ଡକେଇ ଆଣନ୍ତି । ନନ୍ଦିତାର ଏକାନ୍ତରେ ଅନେକଥର ନିରୋଳାରେ ତାକୁ ଅଣ୍ଡି

ପୂରେଇ ଦେଖିଛୁ । କିନ୍ତୁ ତା'ର ସେତେବେଳେ ସାହସ ନଥିଲା ଭରସି କିଛୁ କହିବାକୁ ।

କଟକର ଗୃନ୍ଦଗାଡ଼ୀକ ଛକଉପରେ ଠିକ୍ ଜାନକୀ ପଟ୍ଟନାୟକଙ୍କର ତିନମହଲା କୋଠା । ଜାନକୀବାବୁ ବିଲାତରୁ ଫେରିଲା ପରଠୁ ଏଇ ଏଲାହାବାଦରେ ରହନ୍ତି । ଝିଅର ବାହାଘର ନସାର ଏହ୍ଲାବାଦ ଅସିବେନି ବୋଲି ସୀତାଦେବୀ କଟାଳ କରି ବସିଲେ ।

ନନ୍ଦନବାବୁଙ୍କ ସଙ୍ଗରେ ଦିନେ କଥାବାର୍ତ୍ତା ହେଉହେଉ ଶୁଣିଲେ ଯେ ସେ ଏମ୍: ଏ: ପାଶ୍ ନକଲେ ବିବାହ କରିବେ ନି । ସୀତାଦେବୀ ସମ୍ମତ ଜଣେଇ ଆଉ ଦୁଇବର୍ଷ ଅପେକ୍ଷା କରୁଥିଲେ । ତାଙ୍କ କଟାଳରେ ଟିକିଏ କୋହଳ ହେଲା । କାଶୀବିଶ୍ୱନାଥଙ୍କ ଦର୍ଶନ ଇଚ୍ଛା ତାଙ୍କର ପ୍ରବଳହୋଇ ଉଠିଲା ।

ଜାନକୀ ବାବୁଙ୍କର ଶଠିପାଇ ମା'ଝିଅ ଏଲାହାବାଦ ଅଭିମୁଖେ ଅଗେଇ ଯାଇଥିଲେ ।

ଏଲାହାବାଦରେ ଜାନକୀବାବୁ ଜଣେ ପ୍ରତିଷ୍ଠ ସମ୍ପନ୍ନ ବ୍ୟବସାୟୀ । ଏଲାହାବାଦ କଟନ୍ ମିଲ୍ ସର ସେ ଥିଲେ ପୃଷ୍ଠପୋଷକ । କୋଟି କୋଟି ଟଙ୍କାର ବ୍ୟବସାୟ । ତା'ର ଭିତରେ ମୁଣ୍ଡିଟେକି ଉଠିଥିଲା ଗଙ୍ଗାର ଉପକୂଳରେ ନନ୍ଦନ କାନନ ଭିତରେ ପାରିଜାତ ମହଲ । ସେ ଦିନ ହୋଇଥାଏ ଜାଗର । ସୀତାଦେବୀ ସକାଳୁ ସକାଳୁ ସ୍ନାନସାରି, ଶୁଚିମନ୍ତହୋଇ ବାହାରି ପଡ଼ିଥିଲେ ବିଶ୍ୱନାଥଙ୍କ ଦର୍ଶନରେ । ବନାରସରେ ସେ ବର୍ଷ ବହୁତ ଯାତ୍ରୀ ସମାଗମ ।

ଜାନକୀବାବୁଙ୍କର ଅବୌ ଈଶ୍ୱର ବିଶ୍ୱାସ ନ ଥିଲା । କିନ୍ତୁ ସୀତା ଦେବୀଥିଲେ ଠିକ୍ ଓଲଟା । ସେ ଏହ୍ଲାବାଦ ଅସିବା ଦି

ଠାରୁ ନନ୍ଦନକାନନ ଗୋଲାପ ଗୁଚ୍ଛଭିତରେ ରୋଇଥିଲେ ଗୋଟିଏ ତୁଳସୀଗଛ । ତୁଳସୀ ସେବା ନକଲେ ସେ ଜଳସ୍ପର୍ଶ କରନ୍ତି ନି ।

ଜାନକୀବାବୁ ବନାରସ ଯିବାକୁ ମଙ୍ଗିଲେନି । ତାଙ୍କର ମେନେଜର ହିମତ୍ ସିଂ ଙ୍କ ସହିତ ସୀତାଦେବୀଙ୍କୁ ଯିବାକୁ ପଡ଼ିଲା । ପ୍ଲାଇମାଉଥ୍ ସୁନ୍ଦର କାରଟି ତାଙ୍କର ସୀତାଦେବୀଙ୍କୁ ନେଇ ଛୁଟିଲା ବନାରସ ଅଭିମୁଖେ । ସାଙ୍ଗରେ କେବଳ ଯାଇଥିଲା ସେଦିନ ରଘୁଆ ।

ବନାରସରୁ ଫେରୁ ଫେରୁ ସନ୍ଧ୍ୟା ସାତଟା । କାର ନିକଟକୁ ଦୌଡ଼ି ଯାଇଥିଲା ନନ୍ଦତା । ସୀତାଦେବୀ କିନ୍ତୁ ଅଜ ସେତେବେଳକୁ କଥା କହି ପାରୁନଥିଲେ । ମା’ ମା’ କହି ଅନେକଥର ଡାକିଲୁ ନନ୍ଦତା । ସୀତାଦେବୀ ଅନେକ କଷ୍ଟରେ ପଦେ କହିଥିଲେ ସେ ତାଙ୍କ ମୁଣ୍ଡ ଭଣ ହେଇଯାଉଛି । ହିମତ୍ ସିଂ, ରଘୁଆ ସମସ୍ତେ ମିଶି ତାଙ୍କୁ କୋଠାଉପରକୁ ନେଇ ଆସିଲେ । ନନ୍ଦତା ଫୋନ୍‌କରି ଜଣେଇଦେଲା ଜାନକୀବାବୁଙ୍କ ପାଖକୁ । ସେ ମଧ୍ୟ ଅଳ୍ପ ସମୟ ପରେ ଡାକ୍ତର ଧରି ପହଞ୍ଚିଗଲେ । ଡାକ୍ତର କିଛି ସମୟ ପରୀକ୍ଷା କଲାପରେ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିନଥିଲେ । କିନ୍ତୁ ହିମତ୍ ସିଂକୁ ଡାକି ସେ ଏକୁଟିଆ କେତେ କଥାବାର୍ତ୍ତା ହେଲେ ଏବଂ ପରେ କହିଲେ ‘ବ୍ଲଡ ପ୍ରେସର’ । ହୁଏତ ଡାକ୍ତରଙ୍କ କଥାର ଉତ୍ତରକୁ ଅପେକ୍ଷା ନକରି ନନ୍ଦତା ମୁଣ୍ଡ ବାଡେଇ କାନ୍ଦିଥିଲା । ଜାନକୀବାବୁଙ୍କ ଆଖିରୁ ଖସି ପଡ଼ିଥିଲା ଦୁଇବୁନ୍ଦା ଲୁହ । ସୀତା ଦେବୀଙ୍କ ବିଛଣା ଉପରେ ବସିପଡ଼ି ଅତି ଦରଦରେ ଡାକିଥିଲେ । “ସୀତା, ତୁମେ ଅଜ କଥା କହିବନି ?” ଅତି କ୍ଷୀଣ କଣ୍ଠରେ ସେ ଶେଷଥର ପାଇଁ ଶୁଣିବାକୁ ପାଇଥିଲେ “ନନ୍ଦତା ଅଜ ନନ୍ଦନ ।” ବାସ୍ । ତାପରେ ସାଧାରଣ ମୁହଁ ଅସାଧାରଣ ହୋଇଯାଇଥିଲା । ଦୀପ

ଲିଭିଗଲା । ସେଥିପାଇଁ ନନ୍ଦତା ସମୟ ସମୟରେ ତା ଭାଗ୍ୟକୁ ନିନ୍ଦାକାନ୍ଦେ ।

ସୀତାଦେବୀଙ୍କ ମରିବା ପ୍ରାୟ ଦୁଇବର୍ଷ ହୋଇଗଲାଣି । ନନ୍ଦତାକୁ ପନ୍ଦର ଛୋଡ଼ିଲା ଯାଇ ସତର ପଶିଲାଣି । ନନ୍ଦନ ବି ଏମ୍. ଏ. ପାସ୍ କରି ସାରିଲାଣି । ସୀତାଦେବୀଙ୍କର ଶେଷ ଶଯ୍ୟାର ଅଭିଳାଷକୁ ଜାନକୀବାବୁ ଭୁଲିନାହାନ୍ତି । ହିମତ୍ ସିଂକୁ ପଠେଇ-ଛନ୍ତି ନନ୍ଦନକୁ ଡାକି ଆଣିବା ଉଦ୍ଦେଶ୍ୟରେ । କଥାଥିଲା ସେ ଆଜି ଆସିବେ । ତାର ବି ଆସିଛି ।

ଦୁଃଖ ସୁଖର ସଂସାର ଭିତରେ ମଣିଷ ଯିବାବେଳେ ଚାହେଁ ପଛକୁ ପଛରେ ପକେଇ ଆଗକୁ ମାଡ଼ିଯିବାପାଇଁ । ନନ୍ଦିତାବି ପଚେଇଲା । ତା'ର ବିଭାଘର ହେବ । ଜାନକୀବାବୁ କଥା ଦେଇଛନ୍ତି ବିବାହପରେ ନନ୍ଦନକୁ ସେ ନିଜର ସମସ୍ତ ଦାୟିତ୍ୱ ବୁଝେଇ ଦେଇ ଟିକିଏ ଆରାମରେ ନିଶ୍ୱାସ ମାରିବେ ।

ରଘୁଆ ପୁଣି ହଠାତ୍ ଆସି ପହଞ୍ଚିଗଲାଣି । ହାତରେ କପେ କଫି । ନନ୍ଦତା କଫି ଖାଇବାକୁ ଭଲପାଏ । କଫି କପ୍ କୁ ଟିପଏ ଉପରେ ରଖିଦେଇ କହିଲା, "ଦେଇ ! ବାବୁ ଷ୍ଟେସନ ଯିବାକୁ ବାହାରିଛନ୍ତି ।"

ଘଣ୍ଟାଟାକୁ ଚାହିଁଦେଲା ନନ୍ଦତା । ଆଠଟା ବାଜିବାକୁ ଆଉ ମୋଟେ ପନ୍ଦର ମିନିଟ ବାକି ଅଛି । ବାହାରକୁ ଚାହିଁଲା । ତାଙ୍କ ପ୍ଲାଇମାଉଥ କାର୍ ଅଣି ଠିଆ ହୋଇଗଲାଣି । "ବାବା ବୋଧେ ନନ୍ଦନବାବୁଙ୍କୁ ଆଣିବାକୁ ଷ୍ଟେସନ ଯିବେ ।"

କଫି କପ୍‌କୁ ଖାଇବାକୁ ନନ୍ଦତା ବହୁତ ଚେଷ୍ଟା କରିଛି କିନ୍ତୁ ପାରିନି । ଉଦ୍‌ବେଗ ଆଉ ଉତ୍‌କଣ୍ଠା ଭିତରେ କଫି ତଣ୍ଟିରେ

ଲୁଚିଯାଏ । କାଶ ଅସେ । ମନେପଡ଼େ ନନ୍ଦନବାବୁ ବୋଧେ ତାଙ୍କୁ ମନେ ପକାଉଛନ୍ତି । ତା ନହେଲେ ତଣ୍ଟିରେ ଲାଗନ୍ତା କାହିଁକି ?

ହଠାତ୍ ପୁଣି କାହାର ପାଦ ଶବ୍ଦ ଶୁଣିବାକୁ ପାଇଲା ନନ୍ଦିତା । ଦେଖେତ ଜାନକୀ ବାବୁ ।

ଜାନକୀବାବୁ ବୃଦ୍ଧ ତ ହେଲେ ମଧ୍ୟ ବାର୍ଦ୍ଧକ୍ୟର ଦ୍ୱାର ଦେଶରେ ଉପସ୍ଥିତ ଗୋରା ଟକ୍‌ଟକ୍ ଦେହ । ଲମ୍ବା ଅନୁମାନ '୬' ଫୁଟ ଚୁଇଇଥି । ମୁଣ୍ଡର ବାଳ ଗୋଟାଏ ଗୋଟାଏ ପାଚି ଅସିଛି । ଲମ୍ବା ମୁହଁର ଲମ୍ବାନାକଟି ମୁହଁର ସୌନ୍ଦର୍ଯ୍ୟକୁ ବଜାୟ ରଖିଛି । ସୁନା ଫ୍ରେମର ଚଷମାଟି ବେଶ୍ ସୁନ୍ଦର ଦେଖା ଯାଉଥାଏ । ମନରେ ବଳ ଓ ଛାତିରେ ଅଦମ୍ୟ ସାହସ ଥିଲା । ତା ନହେଲେ ଓଡିଶାର ବହୁତ ଦୂରରେ ଥାଇ ନିଜକୁ ପ୍ରତିଷ୍ଠାବାନ୍ କରେଇ-ଥାନ୍ତେ କେମିତି ?

ଜାନକୀବାବୁ କହିଲେ, "ନନ୍ଦା ତୁ ଷ୍ଟେସନ ଯିବୁ ?"

ବାପାଙ୍କର ନମ୍ର ଗମ୍ଭୀର କଣ୍ଠନରେ ଇତସ୍ତତ ହୋଇ ପଡ଼ିଥିଲା ନନ୍ଦିତା । ସେ ପ୍ରଥମେ କିଛି ଭାବି ପାରିଲାନି । ଯିବ କି ନା । ହଠାତ୍ ଗୋଟାଏ ଦ୍ୱନ୍ଦଭିତରେ ନନ୍ଦିତାର ଅନ୍ୟ ଚିନ୍ତା ଗୁଡାକ ଗୋଳମାଳ ହୋଇ ଉଠିଲା । ଘଣ୍ଟାକୁ ଦେଖିଲା । ଘଣ୍ଟା ମିନାଟ୍‌ପରେ ମିନାଟ ଅତିକ୍ରମ କରି ଚାଲିଛି । ଭାବି ଦେଖିଲା, "ବାବା ନନ୍ଦନ ବାବୁଙ୍କୁ ପାଛୋଟି ଅଣିବାକୁ ଯିବା ନିଷ୍ଚୟ ଉଚିତ ।" କିନ୍ତୁ ସେ ଯିବକି ନାହିଁ ? ନା ସେ ଯିବନି । ସେ କାହିଁକି ତା'ର ଦୁର୍ବଳତା ନନ୍ଦନ ବାବୁଙ୍କ ଆଗରେ ପ୍ରକାଶ କରିବାକୁ ଯିବ ? ହିଁ ଠିକ୍ । "ନା ବାବା ଅପଣ ଯାନ୍ତୁ ।"

ଜାନକୀବାବୁ ଉଚ୍ଚଶିକ୍ଷିତ । ସେ ଗତାନୁଗତ କୌଣସି ଅଦବ କାଇଦାକୁ ପସନ୍ଦ କରନ୍ତି ନା । କିନ୍ତୁ ସୀତା ଦେବୀ ଚାଲିଗଲା ପରଠୁ ନନ୍ଦିତାର କୌଣସି କଥାରେ ସେ କେବେ ବାଧା ଦେଇ ନାହାନ୍ତି । ଜାନକୀବାବୁ ଚାଲିଯିବା ପୂର୍ବରୁ କହିଗଲେ, ଡ୍ରଇଙ୍ଗ ରୁମ୍ ଟାକୁ ଟିକିଏ ଭଲକରି ସଜେଇ ଦେବାକୁ । ତା' ପରେ ହଠାତ୍ ସେ ଚାଲିଗଲେ । ପ୍ଲାଇମାଉଥର ଚାଲିବା ଶବ୍ଦ ଶୁଣାଗଲା । ତା ପରେ ମଝି ଗେଟ ନିକଟରୁ ଶୁଣାଗଲା ହର୍ଣ୍ଣ । ନନ୍ଦିତା ଦେଖିଲା ଗାଡ଼ି ଫାଟକ ଡେଇଁ ସଦର ରାସ୍ତା ଉପରକୁ ବାହାରି ପଡ଼ିଲାଣି ।

ନନ୍ଦିତାର ଅନନ୍ଦ ଦେଖେ କିଏ ? ଅଳ୍ପ ପନ୍ଦର କୋଡ଼ିଏ ମିନିଟ୍ ପରେ ହୁଏତ ନନ୍ଦନବାବୁ ପହୁଞ୍ଚି ଯିବେ । ସେ କେତେ କେୟାରଲେସ୍ ହୋଇ ପଡ଼ୁଛି । ରଘୁଆକୁ କପ୍ ନେଇ ଯିବାକୁ କହିଲା, ରଘୁଆ ଚାଲିଗଲା ।

ନନ୍ଦିତା କଣ ଭାବି ଦୌଡ଼ି ଯାଇଥିଲା ତା'ର ଶୋଇବା ଘରକୁ । ବିଛଣାଟା ଏପଟ ସେପଟ ହୋଇ ପଡ଼ିଥିଲା । ବିଛଣା ଚଦରଟା ଫୋପାଡ଼ି ଦେଇ ଗୋଟାଏ ଦାମିକା ସୁଜନ୍ ବିଛେଇଲା । ରେଶମ ତକିଆ ଖୋଲ ପୁରେଇ ପୁରେଇ ଘଡ଼ିକୁ ଚାହିଁଦେଲା । ଅଉ ମୋଟେ ପାଞ୍ଚ ମିନିଟ୍ ବାକି ।

ନା ତାକୁ ତା ଶୋଇଲା ଘର ପ୍ରଥମେ ସଜେଇ-ବାକୁ ପଡ଼ିବ । ଫୁଲଦାନୀର ଫୁଲ ଗୁଡ଼ାକ ମଉଳି ଗଲାଣି । କଣ କରିବ ସେ । ନଜର ତାର ପଡ଼ିଗଲା ତା'ଡ୍ରେସିଂ ଟେବୁଲର ଆଇନା ଉପରେ । ଘନ କୁଞ୍ଚିତ କେଶରାଶି ତା'ର ବିକ୍ଷିପ୍ତ ହୋଇ ଗଲାଣି । ମୁହଁରେ ଚଞ୍ଚଳତ ତା' ଭାବନା ଫେରି ଆସିଲା, ଅରେ ସେ ଏସବୁ କଣ କରୁଛି । ବାବା ପରା କହି ଯାଇଛନ୍ତି ଡ୍ରଇଁ ରୁମ୍ ସଜାଡ଼ି ଦେବାପାଇଁ । ଅଉ

ଏମାନେ ପାଞ୍ଚ ମିନଟ୍ ବାକି । ପାରିବନି ସେ । ଯୁଥହରା ହରିଣୀଟି ପରି ଚଞ୍ଚଳ ହୋଇ ଉଠିଲା ତା'ର ଚରଣ ଯୁଗଳ ।

ଷ୍ଟେୟାର କେଶ୍‌ର ପାହାଚ ଗୁଡ଼ାକ ସେ କେମିତି ଅତିକ୍ରମ କରିଛି କେଜାଣି । କିନ୍ତୁ ସବାତଳ ପାହାଚଟାକୁ ନ ମାନି ଯେତେବେଳେ ଡେଇଁ ପଡ଼ିଲା । ଛନ୍ଦ ହୋଇଗଲା ତା'ର ଗୋଡ଼ ପଡ଼ିଗଲା ଲଥ୍‌କିରି । ଚାରି ଅଡ଼କୁ ଚାହିଁଲା । ନା କେହି ନାହାନ୍ତି । ରକ୍ଷା । ନ ହେଲେ ରଘୁଆଟା ହସି ପକେଇ ଥାନ୍ତା ।

ପଡ଼ିଯିବା ପ୍ରତି ତାର ଲକ୍ଷ ନାହିଁ । ଧଡ଼ପଡ଼ ହୋଇ ଉଠି ଡ୍ରଇଁ ରୁମ୍ ଘର ସାମନାକୁ ଦଉଡ଼ିବାରେ ଲାଗିଲା । ବନ୍ଦଥିଲା ଦରଜା, ଧଡ଼କିନା ପେଲି ପଶି ଯିବାକୁ ଚେଷ୍ଟା କଲାବେଳେ ଡାହାଣ ପାଖର ଦରଜା ଆସି ପିଟି ହୋଇଗଲା ତା ମୁଣ୍ଡରେ । ଅବଶ୍ୟ ସହଜ ଅବସ୍ଥାରେ ଥିଲେ ତାକୁ ହୁଏତ ସେଇ ଆଘାତ ଅନେକ ସମୟ ବସେଇ ଦେଇଥାନ୍ତା । କିନ୍ତୁ ନା, ସେ ଆଘାତ ତାକୁ ବାଧିଲାନି । ବାଁ ହାତରେ ମୁଣ୍ଡଟା ଆଉଁଶି ଆଉଁଶି ଦେଖିଲା ଡ୍ରଇଂ ରୁମ୍‌ର ଚେୟାର ଗୁଡ଼ା ଏପଟ ସେପଟ ହୋଇ ପଡ଼ିଛି । ଟେବୁଲ୍ କ୍ଲଥଟା ପସନ୍ଦକୁ ଆସୁନି । ଘରର ଚଟାଣରେ କେତେ ଛିଣ୍ଡା କାଗଜ ଏଣେ ତେଣେ ପଡ଼ିଛି । ରାଗରେ ପାଟି କରି ଡାକିଲା, "ରଘୁଆ", ରଘୁଆ, ଦଉଡ଼ି ଆସି "କଣ ଦେଈ ?"

"ଏ ସବୁ କଣ ହେଇଛି, ଏ ଘର କିଏ ସଫା କରିଥିଲା ?"
"ମୁଁ".

"ତୁ ଯେମିତି ତୋ ଘର ସଫା ସେମିତି । ଘରେ କିଏ କାହିଁକି ମଣିପ କଲା କେଜାଣି ।

ରଘୁଆ ସ୍ତ୍ରୀ ପୂର୍ବରୁ କେବେ ଏମିତି ହେବାର ନନ୍ଦିତାକୁ ଦେଖିନି । ସେ ଠିଆଟା ହୋଇଥାଏ ସେମିତି ଦାରୁଭୂତ ମୁରାରି ।

ନନ୍ଦଥା ନିଜେ ଝାଡ଼ୁମୁଠାଟି ଧରି ଘର ଓଲେଇବାକୁ ବସିଲା । ରଘୁଆ ଝାଡ଼ୁଟା ଛଡ଼େଇ ଆଣୁଥିଲା । ତାଗାଲରେ ବସିଗଲା ଚଗୋଟାଏ ଗୁପୁଡ଼ା । "ବୋକା ! ତୋର ଘର ଓଲେଇବା ଆଜି ବେଳ ଅଛି । ଯା, କପି ଆଉକିଛି ଜଳଖିଆ ରେଡ଼ି କର । ବାବା ଯେମିତ ଆସି ପହଞ୍ଚିବେ, ସାଙ୍ଗେ ସାଙ୍ଗେ କପି ଆଣିଦବୁ । ହଁ କପ୍ ପିଆଲା ସବୁ ଆଉଥରେ ସାବୁନରେ ସଫା କରିଦେ ।" ରଘୁଆ ଗାଲ ଆଉଁଶି ଆଉଁଶି ଫେରିଗଲା ।

ନନ୍ଦଥା ଏବେ କରେ କ'ଣ ? ଘର ଓଲେଇବ ନା ଚକ୍କି ଗୁଡ଼ାକ ସଜାଡ଼ି ପକାଇବ, ନା ଟେବୁଲ କ୍ଲଥ ବଦଳେଇ କରିବ, କି, ଫୁଲଦାନୀର ଫୁଲଗୁଡ଼ାକ ଫୋପାଡ଼ି ବଗିଚାରୁ ଆଉଫୁଲ ଆଣି ସଜେଇବ ।

ବାବାଙ୍କ ଉପରେ ବିରକ୍ତହୋଇ ଉଠିଲା ନନ୍ଦଥା । "କେମିତ ଲୋକ ସେ । ନନ୍ଦନବାବୁ ଆସିବେ ବୋଲି ଜାଣି ସୁଦ୍ଧା ଏତକ ସୁବିଧା କରିଦେଇ ପାରିଲେନି । ନନ୍ଦନବାବୁ କଣ ଭାବିବେ ।"

ଘରଟା ଅଧାଅଧି ଓଲେଇଛି କି ନାହିଁ ପୁଣି ନନ୍ଦିତାର ଆଖି ପଡ଼ିଗଲା ହାତବନ୍ଧା ଘଡ଼ିରେ । ଆଠଟା—ନା ସେ ଆଉ କିଛି କରି ପାରିବନି । ତାକୁ ଅନ୍ତତଃ ଏଥର ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ ପ୍ରତୀକ୍ଷାରେ ।

ରାସ୍ତା ଉପରେ କୌଣସି କାର୍‌ର ହର୍ଣ୍ଣ ଶୁଣିଲେ ବାହାର ପଟେ ପଦାକୁ । ନା ସେ କାର୍‌ଟା ନୁହେଁ ।

କିଛିନହେଲେ ନ ହେଉପଛକେ, ତାକୁ କିନ୍ତୁ ଫୁଲଦାନୀର ଫୁଲଗୁଡ଼ାକ ବଦଳେଇ ଦେବାକୁ ପଡ଼ିବ । ଦଉଡ଼ି ଗଲା ସାମନା ବଗିଚା ଭିତରକୁ ।

ବଗିଚ୍ଚ, ନନ୍ଦନ କାନନ । ସାର୍ଥକତା ଅଛି ନାଁ ରେ । ହଳଦ ଗୁରୁ ଗୁରୁ ପାଚିଳାଭ ମହଲର ଦୋମହଲା କୋଠାଟିକୁ ପେଟରେ ଧରିଛି । ଆଉପେଟ ଚିରି ସରୁନାଲି ରାସ୍ତାଟିଏ ଲମ୍ବିଯାଇଛି ସଦର ଗେଟ୍ ସାମନାକୁ । ସତେ ଯେମିତି ସୀମନ୍ତିନୀର ସିନ୍ଦୁର ସିନ୍ଥା ।

ବିଭିନ୍ନ ରଙ୍ଗର ଫୁଲଗଛର ଅଗଣିତ ଗୁଳ୍ମ । ବାହାରର ବିଜୁଳି ଆଲୋକର ପ୍ରତି ରଶ୍ମି ପ୍ରତିଫଳିତ ହୋଇଛି ଘନନୀଳ ଗୁଳ୍ମର ପତ୍ରପତ୍ର ଉପରେ । ମଝି ମଝିରେ ଉଙ୍କିମାରି ଚାହୁଁଥିଲେ ବହୁ ରଙ୍ଗ ବିଶୋଭିତା ପୁଷ୍ପ । ସତେ ଯେମିତି ନନ୍ଦିତାକୁ ଉପହାସ କରୁଥାନ୍ତି ସେମାନେ ।

ନନ୍ଦିତା ଦଉଡ଼ି ଯାଇଥିଲା ନୀଳ ସବୁଜ ଗୋଲାପର ଗୁଳ୍ମ ନିକଟକୁ । ଝୁଣ୍ଟେଇପକେଇଲା କେତେ ଫୁଲ । ଦୂରରୁ ଶୋଭା ଦିଶୁଥିଲା ରକ୍ତ କରବୀ । ନନ୍ଦିତାର ଅତି ଆଦରଣୀୟା । ହାତପାଉନି, ବହୁତ ଉପରେ ଅଛି । ତଥାପି ସେ ନେବ । ଡାଳଗୁଡ଼ାକୁ ତଳକୁ ଟାଣିଧରି ଫୁଲଗୁଡ଼ାକୁ ତୋଳିବାକୁ ଚେଷ୍ଟା କଲାବେଳେ ହଠାତ୍ ତାଙ୍କର ପ୍ଲାଇମାଉଥର ହର୍ଣ୍ଣ ଶୁଭାଗଲା । ସର୍ବନାଶ ।

ନନ୍ଦନବାବୁ ଆସିଗଲେ । ସେ ଆଜି ଏ ଫୁଲନେଇ କଣ କରିବ ? ଭୁଲି ଯାଇଥିଲା ସତକୁ ସତ ଗାଡ଼ିଟା ଗେଟ୍ ଡେଇଁ କୋଠା ସାମନାକୁ ଆସୁଛି । କଣ କରିବ ସେ । ଭୋଜବାଟେ ବର୍ତ୍ତମାନ ପିବ । ଆଜି ଡେରିକଲେ ସର୍ବନାଶ । ସେ ହୁଏତ ଗାଡ଼ିରୁ ଓହ୍ଲାଇ ଓହ୍ଲାଇ ନନ୍ଦନବାବୁଙ୍କୁ ନମସ୍କାରଟାଏ କରି ପାରିବନି ।

ଫୁଲଗୁଡ଼ାକୁ ହାତକୁରେ ଫୋପାଡ଼ି ଦେଇ ଦେଇ ମନେ ପଡ଼ିଲା ସେ ଗୋଟାଏ ରକ୍ତକରବୀ ନନ୍ଦବାବୁଙ୍କୁ ଉପହାର ଦେବ । ତା ଅତି ଆଦରର ବଗିଚାକୁ ପାଦରେ ଦଳିଦେଇ ଦଉଡ଼ିଗଲା ପଛ ଦରଜା ଅଡ଼େ । କେତେ ଯେ ଫୁଲଗଛ ତା ଚଞ୍ଚଳ ପଦ ଗୁଳନାରେ ଲୁହ ଗଡ଼େଇଥିବେ ସେ ହୁଏତ ତା'ର କୌଣସି ହିସାବ ରଖି ପାରିନି

ରଘୁଆମଧ କାର ଶବ୍ଦଶୁଣି ଦୋପେଇଘର ଅଡ଼ୁ ଦଉଡ଼ି ଆସୁଥିଲା । ଧକା ଲାଗିଗଲା ନନ୍ଦତା ଦେହରେ । ସତରେ ସେ ବିବ୍ରତ ହୋଇ ପଡ଼ିଛି । ଛି !

ରଘୁଆ ନନ୍ଦତାକୁ ଦେଖି ଜିଭ କାମୁଡ଼ି ପକେଇ କହିଲା, "ଦେଖ ! ଏବାଟେ କୁଆଡ଼େ ଆସିଲ । ବାବୁ ଆସିଲେଣି ।" କହି ସେ ଛୁଟିଗଲା କାର ନିକଟକୁ ।

ନନ୍ଦତା ଉପର ମହଲାକୁ ଯିବ କି ବାବାଙ୍କ ଶୋଇବା ଘରେ ଥିବ ନା ନନ୍ଦନବାବୁଙ୍କୁ ନମସ୍କାର ଜଣେଇବାକୁ ଯିବ । କିଛି ଠିକ କରି ଭାବି ପାରିଲାନି । ନିଜଦେହକୁ ସେ ଭଲକରି ଚାହିଁନେଲା । ସମ୍ବଲପୁରର ପରଦା ଶାଢ଼ୀ । ଚରଦା ଏଜେନ୍ସିର ବ୍ଲାଉଜ ଲଟରୀ ଫଳ । ସେ କଣ କରିବ । ସେ କଣ ତାର ମନ ମୁତାବକ ଶାଢ଼ୀଖଣ୍ଡେ ଖୋଜିନ !

ପୁଣି ସଦର ଦରଜା ଖୋଲିଯିବାର ଶବ୍ଦ ଶୁଭାଗଲା । ନନ୍ଦତା ଦେଖିଲା ରଘୁଆ ଫେରୁଛି । ନନ୍ଦନବାବୁ ପ୍ରଭୃତି ବୋଧେ ଡ୍ରଇଂ ରୁମରେ ବସିଲେଣି । ସେ ଏଥର ଯିବ । ତା ନ ହେଲେ ସେ ଭାବିବେ କଣ ? ରଘୁଆଠି କୌଣସି ଚଞ୍ଚଳତା ଲକ୍ଷ୍ୟକରି ପାରି ନ ଥିଲା ନନ୍ଦତା । ପଚାରିଲା, "କିରେ ବାବୁ ଆସିଲେ ? "ନା" ଗାଡ଼ି ଅଧଘଣ୍ଟାଏ ଲେଟ୍ ଅଛି । ବାକୁ ଡକେଇ ପଠେଇଛନ୍ତି ।"

"କାହାକୁ, ମତେ ?"

"ହଁ, ଡ୍ରାଇଭର ସେଇଆ କହୁଛି ।"

ନନ୍ଦତା ଭାବିଲା ବାବା ତାକୁ ଷ୍ଟେସନ ଯିବାପାଇଁ ଡାକୁଥିଲେ ! ସେ ପାରିନି । ତାଙ୍କ ମନ କିନ୍ତୁ ମାନିନି । ଗାଡ଼ି ଲେଟ୍ ଥିବାରୁ ବୋଧେ ଡକେଇ ପଠେଇଛନ୍ତି । ସେ ନ ଯିବ ବ କାହିଁକି ? ଛି ଏତେ ଲାଜ କରନ୍ତି । ଯାହା ସାଙ୍ଗରେ ସେ ଘ ସଂସାର କରିବ, ତାକୁ ପୁଣି ଲାଜ ।

"ଅଚ୍ଛା ରଘୁଆ, ରନ୍ଧାବଢ଼ା ସରିଛି ?"

"ନା ଆଉ ଭଜା ଭଜାଭଳି ବାକି ଅଛି ।"

"ମୁଁ ଷ୍ଟେସନ ଯାଉଛି । ତୁ ଟିକିଏ ଡ୍ରଇଂରୁମଟାକୁ ସଫା କରିଦେବୁ । ହଁ ହଁ ଫୁଲଦାନୀରେ ଫୁଲ ଦବୁ ।" କହି କହି ପହଣ୍ଡ୍ର ବଢ଼େଇଲା ନନ୍ଦିତା ।

ବାହାରେ ଆସି ଦେଖିଲା, ଗେଟ୍ ନିକଟ ଦେବଦାରୁ ଗଛ ତଳେ କାର୍‌ଟା ଥୁଆ ହୋଇଛି । ଡ୍ରାଇଭର ବୋଧେ ଗାଡ଼ି ଷ୍ଟାର୍ଟରେ ରଖିଛି । ଅଟେଇଗଲା ନନ୍ଦିତା । "ବାବା ଯେତେବେଳେ ଗାଡ଼ି ପଠେଇଛନ୍ତି ନଗଲେ, ତାଙ୍କମନରେ ହୁଏତ ଦୁଃଖ ହେବ ?"

ସରଳା ନିଷ୍କପଟ ସୁନ୍ଦରୀ ନନ୍ଦିତା । ସନ୍ଦେହ ତା ଜୀବନରେ ହୁଏତ ସେ କେବେ କରିନି ବା ତା ବିକାଶପଥରେ ଅପରକୁ ଅବିଶ୍ୱାସ କରିବାର ଅବକାଶ ପାଇନି । ଘନିଭୂତ ଚିନ୍ତାର ଘନ ବାଦଲ ଭିତରେ ଢାଙ୍କିହୋଇ ପଡ଼ିଥିଲା ନନ୍ଦିତା । ବାହାରର କୌଣସି ଶୁଭ ଅଶୁଭ ଇଙ୍ଗିତକୁ ତାର ଭ୍ରୂକ୍ଷେପ ନାହିଁ ।

ଘଡ଼ିକି ଚାହିଁଲା ଆଠଟା ପନ୍ଦର । ଅହୁରି ତରତରରେ ଗାଡ଼ି ନିକଟକୁ ଅଗେଇଆସି, ପଛପଟର ଦରଜା ଖୋଲି ସେ ବସି ପଡ଼ିଲା । ସଙ୍ଗେ ସଙ୍ଗେ ଗାଡ଼ିଟା ଗେଟ୍ ଡେଇଁ ବାହାରି ପଡ଼ିଲା ସଦର ରାସ୍ତାକୁ । ଗାଡ଼ିର ଗତି କ୍ରମଶଃ ବଢ଼ିବାକୁ ଲାଗିଲା । ନନ୍ଦିତା ସେତେବେଳେ ଭାବୁଥିଲା ଅନେକ କିଛି । କେଜାଣେ ନାହିଁ ସେ । ଗାଡ଼ିଟାକୁ ଥରଟେ ପାଇଁ ଦେଖିନି କି ଡ୍ରାଇଭର ସଙ୍ଗେ ପଦେ କଥା ବି କହିନି । ତା ହୋଇଥିଲେ ହୁଏତ ନନ୍ଦିତା ବାଟବଣା ହୋଇ ନ ଥାନ୍ତା ।

---

୩

# ★ ନନ୍ଦନ ନିରୁଦ୍ଦିଷ୍ଟ

ନନ୍ଦନ ପଟ୍ଟନାୟକ । କବିରାଜ ଗୋପାଳ ପଟ୍ଟନାୟକଙ୍କର ଏକମାତ୍ର ସନ୍ତାନ । ଗୋପାଳବାବୁ ନନ୍ଦନକୁ ଯେତେବେଳେ ଅନ୍ତରକର ବହୁତ ଭଲପାଉଥିଲେ । ସେଇଥି ଯୋଗୁଁ ନନ୍ଦନ ଏମ୍‌: ଏ' ପାଶ କରିଥିଲେ ସୁଦ୍ଧା କଷ୍ଟକଷ୍ଟତା କେବେ ଜଳକଥା ଦେଖିନି । ବାପ ମା'ଙ୍କର ଗେହ୍ଲାପୁଅ । ଧନକପାଇଁ ନ ଦେଖିଲେ ଗୋପାଳବାବୁ ପାଗଳ୍‌ ହୋଇଯାନ୍ତି ।

ଜାନକୀବାବୁଙ୍କ ସଙ୍ଗେ କାନ୍ଧ ପକାଇବାର ଶକ୍ତି ଗୋପାଳ-ବାବୁଙ୍କର ନଥିଲା । କାରଣ ସେ ଥିଲେ ଗତାବସ୍ତୀ, ମଦନାନନ୍ଦ, କାମେଶ୍ୱର ଇତ୍ୟାଦି ଇତ୍ୟାଦି କବିରାଜ ଔଷଧଅର ଘର ବିକିବା ମଣିଷ, ଜାନକୀ ପଟ୍ଟନାୟକ ଜମିଦାର—ବିଲାତ ଫେରନ୍ତା, ଶିଳ୍ପପତି, କାହିଁ ମଣି କାହିଁ କାଚ ।

ଜାନକୀବାବୁଙ୍କଠାରୁ ନନ୍ଦନର ବିବାହ ପ୍ରସ୍ତାବ ଶୁଣି ସେ ଠିକ୍‌ଏ ପ୍ରକୃତରେ ଆଗ୍ରହୀହୋଇ ପଡ଼ିଥିଲେ । କାରଣ ମଣିଷର ଲୋଭକୁ ବ୍ରହ୍ମାଣ୍ଡର ସୁବର୍ଣ୍ଣଭଣ୍ଡ ମଧ୍ୟ ନିଅଣ୍ଟ । ଧନେ ସେ ଜ୍ୟୋତିଷ ନିକଟରେ କୋଷ୍ଠି ଗଣାଇ ଜାଣିଥିଲେ ଯେ ତାଙ୍କପୁଅ ଧନେ କୋଟିକୋଟି ଟଙ୍କାର ଅଧିକାରୀ ହେବ । ସେଇଥିନେଇ ଗୋପାଳବାବୁଙ୍କର ଜାନକୀ ବାବୁଙ୍କ ପ୍ରସ୍ତାବ ଉପରେ ବିଶ୍ୱାସ ଥିଲା ।

ସତକୁ ସତ ଯେଉଁଦିନ ଜଣେ ଦୀର୍ଘକାୟ ପ୍ୟାଣ୍ଟ, କୋଟ୍‌, ଟାଇପିନ୍ଧା ପଞ୍ଜାବୀ ଯୁବକ ତାଙ୍କ ଦୋକାନରେ ପାଦ ପକାଇ ଜାନକୀବାବୁଙ୍କ ଚିଠିଟା ଦେଇଥିଲେ, ସେଇଦିନ ଗୋପାଳବାବୁ ଜାନକୀବାବୁଙ୍କର ହାତଲେଖା ଚିଠିଟିକୁ ପଢ଼ି ବିଶ୍ୱାସ କରି ପାରି ନଥିଲେ । ସଙ୍ଗେ ସଙ୍ଗେ ଦୋକାନ ବନ୍ଦକରି ଭଦ୍ରଲୋକଙ୍କୁ ସଙ୍ଗରେ ନେଇ ଘରକୁ ଆଣିଥିଲେ ।

କଟକ ଚନ୍ଦ୍ରୀଙ୍କଠି ଭେଗ ଲଗେଇଲେ । ସିନ୍ଦୁରଦେଇ ନନ୍ଦନ ମୁଣ୍ଡରେ ମାର ଅଶୀର୍ବାଦ କରିଥିଲେ ଗୋପାଳବାବୁ । ତାପରେ ସେ ପଞ୍ଜାବୀ ଭଦ୍ରଲୋକଙ୍କ ସଙ୍ଗରେ ନନ୍ଦନବାବୁଙ୍କୁ କଟକ ଷ୍ଟେସନରେ ବିଦାୟ ଦେଲାବେଳେ ତାଙ୍କ ଆଖିରୁ ଦ'ଟୋପା ଲୁହ ଖସି ପଡ଼ିଥିଲା—ଟ୍ରେନ୍ ଛାଡ଼ିଲା—ଦୀର୍ଘନିଶ୍ୱାସ ପକେଇ, ନନ୍ଦନର ଭବିଷ୍ୟତ ଆଶାରେ ଫେରିଥିଲେ ଘରକୁ ।

ପାଠକେ ସେ ପଞ୍ଜାବୀ ଭଦ୍ରଲୋକ ଜାନକୀବାବୁଙ୍କର ବନ୍ଧୁ ମ୍ୟାନେଜର ହିମତ୍ ସିଂ ଛଡ଼ା ଅନ୍ୟ କେହିନୁହେଁ ।

ଗାଡ଼ିଭିତରେ ଦୁହେଁ ଅନେକ ରକମର କଥାବାର୍ତ୍ତା ହୋଇଥିଲେ । ହିମତ୍ ସିଂ ଯେତେବେଳେ ଜାଣିଲା ଯେ ନନ୍ଦନ କଟକ ଛଡ଼ା ଅନ୍ୟ କୌଣସି ଯାଗା ଦେଖିନି, ସେତେବେଳେ ଆନନ୍ଦରେ ତା'ର ଛାତି କୁଣ୍ଢେମୋଟ ହୋଇ ଉଠିଥିଲା । ଆଖିର ଭ୍ରୂଭଙ୍ଗୀକୁ ନନ୍ଦନ ଲକ୍ଷ୍ୟ କରି ପାରିନି ।

ହାୱଡ଼ା ଷ୍ଟେସନରେ ହିମତସିଂ ନନ୍ଦନବାବୁଙ୍କୁ ବସେଇ ଦେଇ ଦୁଇଟା ଟେଲିଗ୍ରାମ କରିଥିଲା । ଗୋଟାଏ ଥିଲା ଜାନକୀବାବୁଙ୍କ ନିକଟକୁ ନନ୍ଦନର ପହଞ୍ଚିବା ସମ୍ବାଦ—ଅନ୍ୟଟି ହୁଏତ ପାଠକେ ପରେ ଅବଗତ ହେବେ—

ଷ୍ଟେସନପରେ ଷ୍ଟେସନ ଅତିକ୍ରମ କରି ତୋଫାନମେଲ୍ ଛୁଟିଛି ତୋଫାନ ପରି । ବାହାରର ଦୃଶ୍ୟ ଦେଖିବାକୁ ନନ୍ଦନର ଭାରି ଇଚ୍ଛା । କିନ୍ତୁ କଣହେବ, ଟ୍ରେନର ଗୋଟାଏ ଝରକା ଖୋଲିଦେଇ ଦେଲେ ଯେ ଧୂଳି,ମାଟି, କୋଇଲାଗୁଣ୍ଡ ନେଇ ପବନ ସାଇଁ ସାଇଁ ହୋଇ ଭିତରକୁ ପଶି ଯାଉଛି । ଝଡ଼ବେଗରେ ଛୁଟିଆସି ଗୋଟାଏ କୋଇଲାଗୁଣ୍ଡ ତା ଆଖିକୁ ଆକ୍ରମଣ କଲା । କାଚ ଦରଜାଟା ପକେଇ ଦେବାକୁ ବାଧହେଲା । ନନ୍ଦନ ଦେଖିଲା ହିମତସିଂ ଶୋଇଛି ।

ତା'ର ବି ଶୋଇବାର ଭଳି ପ୍ରବଳ ଇଚ୍ଛା ହେଲା, ନା ସେ ପାରିଲା ।
ଝରକା ଭିତରଦେଇ ବାହାରର ଦୃଶ୍ୟ ଦେଖିବାର ଇଚ୍ଛା ତାଙ୍କୁ
ଶୁଆଇ ଦେଲା ନା ।

ସୁଦୂର ପର୍ବତମାଳାର ସୁରମ୍ୟ ଦୃଶ୍ୟାବଳୀ କେବେ ବା କେମିତି ରଜତ ବସନା ପରି ଦୂରରେ ବହମାନା ତଟିନୀ ତା'ର ଦୃଷ୍ଟି ରୁଦ୍ଧ ହୁଅନ୍ତ । ଯଦ୍ୟପି ଭୌଗୋଳିକ ପରିସ୍ଥିତି ସେ ଜାଣେ ନା, ତଥାପି ପ୍ରକୃତିର ଅବନୀସ୍ତ ସୌନ୍ଦର୍ଯ୍ୟ ଉପଭୋଗ କରୁ କରୁ ଆତ୍ମବିଭୋର ହୋଇପଡେ । ନାନା ଜାତିର ଗଛ, ନାନା ଜାତିର ପକ୍ଷୀ, ନାନା ଜାତିର ଫୁଲ ଦେଖି ନନ୍ଦନ ଭାବୁଥିଲା **I am the monarch of all I servy** । ମନେ ପଡୁଥିଲା ତା'ର ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ । ଏଠି କିନ୍ତୁ ନନ୍ଦନ ବିଳାପ କରୁନି, ଖୋଜୁଛି ଜଣେ ସାଥୀ, ଯାହା ସହିତ ସେ ଏଇ ସୁରୁଚି ସମ୍ପନ୍ନା ପ୍ରକୃତିକୁ ବିଶ୍ଳେଷଣ କରି ଆଳାପ କରନ୍ତା । ହମନ୍ତ୍ ସିଂ । ସେ ପଞ୍ଜାବୀ ଲୋକ—ତା ସହିତ ବା ସେ କେତେ ମନଖୋଲି କଥା ହୋଇ ପାରିବ ?

ନନ୍ଦିତାର କଥା ମଧ୍ୟ ନନ୍ଦନ ଭାବିବାକୁ ଭୁଲିନି । ଏବେ ବି ତା'ର ଠିକ୍ ମନେ ପଡୁଛି ନନ୍ଦିତାର ସେହି ହସ ହସ ମୁହଁଟି । ସେ କେଡ଼େ ଭାଗ୍ୟବାନ । ବିବାହ ସରିଲେ ନନ୍ଦିତାକୁ ସାଙ୍ଗରେ ଧରି ସେ ଥରେ ଏଇ ବାଟେ ଆସିବ । ତାଙ୍କୁ ପାଖରେ ବସାଇ ସେ ନିଶ୍ଚୟ ତା ମନକଥା କହିବ ।

ବିନ୍ଧ୍ୟାଚଳର ଶିଖରରୁ ଭାନୁ ବିଦାୟ ନେବାକୁ ବସିଲେଣି । ତୋଫାନମେଲ୍ର ଗତି କମି ଆସିଥିଲା, ହମନ୍ତ ସିଂ ହଠାତ୍ ଉଠିପଡ଼ି ଘଡି ଦେଖିଲା । ଗୋଟାଏ ଜଙ୍କସନ୍ ବୋଧେ ପାଖେଇ ଆସୁଛି । ସତକୁ ସତ ଗାଡ଼ି ହୁଇସିଲ ଦେଲା ଏବଂ ମନ୍ଥର

ଗତିରେ ଲୋକାରଣ୍ୟ ଷ୍ଟେସନ ଭିତରକୁ ପଶିଗଲା । ଦରଜା ଖୋଲି ହେମନ୍ତ ସିଂ ବାହାରକୁ ଲକ୍ଷ କଲାପରି ଜଣା ପଡୁଥିଲା । ହଠାତ୍ କଣ ଦେଖି ତା ମୁହଁରେ ଆନନ୍ଦ ପୁରି ଉଠିଲା ।

ନନ୍ଦନକୁ ନିର୍ଦ୍ଦେଶ ଦେଲା ଏଇଠି ଓହ୍ଲାଇବା ପାଇଁ । ନନ୍ଦନ ଭାବିଲା ଏଇଟା ବୋଧେ ଏଲାହାବାଦ—କିନ୍ତୁ—ନା— । ଏଲାହାବାଦର ପରବର୍ତ୍ତୀ ଓ୍ୟାଟ୍‌ରଙ୍ଗ୍ ଷ୍ଟେସନ । ହେମନ୍ତ ସିଂ କହିଲା, "ଜାନକୀବାବୁ କାର୍ ପଠେଇ ଦେଇଛନ୍ତି । ଏଇଠାରୁ କାର୍‌ରେ ଯିବେ ।" ନନ୍ଦନ ଓହ୍ଲାଇଲା । ଗାଡ଼ି ପନ୍ଦର ମିନିଟ୍ ରହିବ । ହେମନ୍ତ ସିଂ ଗୋଟାଏ କୁଲିକୁ ନିର୍ଦ୍ଦେଶ ଦେଲା ଏବଂ ସେ କୁଲି ନନ୍ଦନର ବିଛଣା ନେଇ ପ୍ଲାଟଫର୍ମ ବାହାରେ ଥୁଆ ହୋଇଥିବା ଷ୍ଟେଟିଅ ନେଲିଅ କାର୍‌ଟିରେ ରଖିଦେଲା । ନନ୍ଦନ ଚାରିଆଡ଼କୁ ଦେଖି ଦେଖି ପ୍ଲାଟଫର୍ମର ବାହାରକୁ ଗଲା । ହେମନ୍ତ ସିଂ ହିନ୍ଦୀରେ ଡ୍ରାଇଭରକୁ କହିଲା ଗାଡ଼ି ଜଲଦି ନେଇ ଯିବାକୁ ।

ନନ୍ଦନ ହେମନ୍ତ ସିଂକୁ ବସିବାପାଇଁ ଅନୁରୋଧ କଲା । କିନ୍ତୁ ହେମନ୍ତ ସିଂ ବ୍ୟବସାୟ ସମ୍ବନ୍ଧରେ କୌଣସି କାମ ଦେଖିଯିବ ବୋଲି କହି ବସିବାରୁ ବିରତ ହେଲା ।

ନନ୍ଦନ ବସିଲା ।

କାର୍ ଚାଲିଲା । କୁଆଡ଼େ ? ନନ୍ଦନ ଜାଣେ ନା । କାର୍‌ର ଗତି ବଢ଼ିବାରେ ଲାଗିଛି । ନନ୍ଦନ ବସି ଚାହିଁଥିଲା ତା ଅପରିଚିତ ଦେଶର ମାଟି, ଭୂଇଁ, ପାହାଡ଼ ଆଉ ବଣ ଜଙ୍ଗଲକୁ ।

ଜାନକୀବାବୁ ତୋଫାନ୍ ମେଲକୁ ଅପେକ୍ଷା କରି ବସିଥିଲେ ଓ୍ୱେଟିଂ ରୁମ୍‌ରେ । ଗାଡ଼ି ଆସିବାର ଦ୍ୱିତୀୟ ଘଣ୍ଟି ବାଜିଗଲା ଜାନକୀବାବୁ ଅରମ୍ ଚେୟାରରୁ ଉଠି ପ୍ଲାଟ ଫର୍ମ ଉପରକୁ ଆସିଲେ

ନନ୍ଦନ ଆସିବ । ଏଥର ତାଙ୍କର ମୁକ୍ତି । ନନ୍ଦିତାର ବାପଘର ଯାଇ ସେ ଫେରିଯିବେ କଟକ । ସୀତାଦେବୀ ଚାଲିଗଲା ପରଠୁ ଜୀବନଟା ଜଞ୍ଜାଳରେ ଦୁର୍ବହ ହୋଇ ଉଠିଛି । ସେ ଚାହୁଁଛନ୍ତି ଶାନ୍ତି ଟିକିଏ ।

ତୋଫାନ ମେଲ୍‌ର ଦୁର୍ଦ୍ଦାନ୍ତ କଳେବରଟା ମନ୍ଥର ଗତିରେ ଦଉଡ଼ି ଆସି ଅଟକି ଗଲା ଲୋକାରଣ୍ୟ ପ୍ଲାଟ ଫର୍ମର ପେଟ ଚିରି ଗୋଟିଏ ଷ୍ଟେଟ ଲାଇନ ଉପରେ । ବହୁତ ଲୋକ ଓହ୍ଲାଇଲେ । କିନ୍ତୁ ନନ୍ଦନ କାହିଁ ?

କିଛି ସମୟ ପରେ ଜାନକୀବାବୁ ଦେଖିଲେ ହିମତ୍ ସିଂ ଗୋଟାଏ ଫାଷ୍ଟକ୍ଲାସ କଂପାର୍ଟମେଣ୍ଟରୁ ଓହ୍ଲାଉଛି । ଆଗ ଅଗ ହୋଇ ଭିଡ଼ ଠେଲି ତା ନିକଟକୁ ଯାଇଥିଲେ ଜାନକୀବାବୁ ।

ଜାନକୀବାବୁଙ୍କୁ ଯଥାମାନ୍ୟ ସମ୍ମାନ ଦେଇ ହିମତ୍ ସିଂ କହିଲା ଯେ ନନ୍ଦନବାବୁଙ୍କ ବାବା, ନନ୍ଦନକୁ ଛୁଟି ଦେବାପାଇଁ ରାଜି ହେଲେନି ।

ଜାନକୀବାବୁ ଜାଣନ୍ତି ଗୋପାଳବାବୁ ନନ୍ଦନକୁ କେତେ ଭଲ ପାଆନ୍ତି । ସେ ହିମତ୍‌ସିଂକୁ ନ ପଠେଇ ନିଜେ ଯିବାର ଥିଲା — କଣ ବୋଲି ସେ କହିବେ ନନ୍ଦିତାକୁ ? ନନ୍ଦିତାର ମନଗତି ସେ ଦିନଟା ଭିତରେ ସେ ବେଶ ଠଉରେଇ ପାରିଛନ୍ତି । ନନ୍ଦନ ଆସିବ ବୋଲି ସେ କେତେ ବ୍ୟଗ୍ର ହୋଇ ଉଠି ନ ଥିଲା । ଯା ହେଉ ନନ୍ଦିତାକୁ ସାଙ୍ଗରେ ଧରି ତାଙ୍କୁ ଏଥର କଟକ ଯିବାକୁ ପଡ଼ିବ ।

ଦୁହେଁ କଥାବାର୍ତ୍ତା ହୋଇ ପ୍ଲାଟଫର୍ମର ବାହାରକୁ ଆସିଲେ । କାର୍‌ଟା ଯଥା ସ୍ଥାନରେ ରଖା ହୋଇଥାଏ । ହିମତ୍ ସିଂ ପ୍ରଥମେ କାର୍‌ରେ ଯିବାକୁ ମନା କରୁଥିଲା ପରେ ବାଧ୍ୟ ହୋଇ ଗଲା ।

କାର ଗୁଡ଼ିଲା । ଜାନକୀ ବାବୁଙ୍କ ଗେଟ୍ । ଜାନକୀ ବାବୁ ନିଜେ ଓହ୍ଲାଇଯାଇ ଡ୍ରାଇଭରକୁ କହିଲେ ହିମତ୍ ସିଂକୁ ତା ବଙ୍ଗଳାରେ ଛାଡ଼ିଦେଇ ଆସିବା ପାଇଁ ।

କ୍ଲଚ୍ ଦବେଇ ଗିଅର ବଦଳେଇଲା ଡ୍ରାଇଭର । ସଦର ରାସ୍ତା, ଗଙ୍ଗାର ଉପକୂଳ । ତା ପରେ ହୁଏତ କିଛି ଦୂର ଗଲେ ବାଁ ପଟକୁ ଟେଙ୍ଗି ଗଳି ପଡ଼ିବ ତା'ର ଭିତରେ ଗଲେ ହିମତ୍ ସିଂର ଛୋଟ ବଙ୍ଗଳାଟି ।

ହିମତ୍ ସିଂ ଭାବୁଛି । ସେ ବଡ଼ ହିମତର କାମ କରୁଛି । ସାମାନ୍ୟ ଓଡ଼ିଶାର ଜଣେ ଲୋକ, ସେ ଆସି ପୁଣି ଏଲାହାବାଦରେ ପ୍ରତିପତ୍ତି ତା'ର ପ୍ରତିଷ୍ଠା କରିବ । ଅସମ୍ଭବ । ସେ ଠିକ୍ କରିଛି— କାଲି ସକାଳୁ ହୁଏତ ଏଲାହାବାଦ କଟନ୍‌ମିଲ୍‌ସର ସଂପୂର୍ଣ୍ଣ ଅଧିକାରୀ ସେ— ତା ପରେ ନାଗଡ଼ା—ଓଡ଼ିଆ ଝିଅ—ତା'ର ବା ବୁଝିଲେତେ ? ଯଦି ସେ ରାଜି ନ ହୁଏ ତେବେ ତାକୁ କାଟି ଫିଙ୍ଗି ଦିଆଯିବ ଗଙ୍ଗାରେ । ବାସ୍ ତ ପରେ ସେ ନିଷ୍କଣ୍ଟକ । ଜାନକୀବାବୁ ବୋଧେ ବଙ୍ଗଳା ଭିତରକୁ ଯାଇ ଡାକୁ ମାନଙ୍କର ଶିକାର ହୋଇ ସାରିଲେଣି । ବାସ...

ଡାକୁ ସରଦାର ରାତ ବାରଟ'ରେ ଆସିବ । ତାକୁ ଟିକିଏ ହୁସିଆର ରହିବାକୁ ପଡ଼ିବ । ଏଲାହାବାଦ କଟନ ମିଲ୍‌ର ଦଲିଲ ନେଇ ସେ ଯେତେବେଳେ ତାର ହାତରୁ ନେବ ସେ ନିଷ୍ଟ୍ୟ ତାର ସମ୍ବର୍ଦ୍ଧନା କରିଣିବ । ତା ପରେ ଲକ୍ଷପତି । ମୋଟେ ଲକ୍ଷେଟଙ୍କା । ଯିଏ କୋଟି କୋଟି ଟଙ୍କାର ମାଲିକ୍ ହେବାକୁ ଯାଉଛି

ତା ନିକଟରେ ଲକ୍ଷେ ଟଙ୍କା ଯେ କେତେ ସାମାନ୍ୟ, ତା ସହଜରେ
ଅନୁମେୟ ।

ମୋଡ଼ ଭାଙ୍ଗି ଗାଡ଼ି ଗଳି ଭିତରେ ପଶିଲା । ଅଳ୍ପ ବେଳେ
ଦୂର ପରେ ଡ୍ରାଇଭର ବ୍ରେକ୍ ଦେଲା ।

ଗ୍ଲେଟ ବଙ୍ଗଳାଟିଏ । ଅତି ନୂତନ ଧରଣର । ସାମନାରେ
ଫୁଲ ବଗିଚାଟିଏ । ବଗିଚା ଭିତର ଗେଟ୍ ପୋଷ୍ଟ । ଅଲଗା ବଗ୍ଲ
ହୋଇ ପଡ଼ିଛି ଗୁରୁଅଡ଼େ । କେଳିଆ ରଙ୍ଗର କାନ୍ଥରେ ଧଳ
ଅଲଗା ପଡ଼ି ନେମ୍ ପ୍ଲେଟ ଦୂରକୁ ଦେଖାଯାଉଛି । ହେମନ୍ତ ସିଂ
ବି. ଏ:— **Manager Allhabad Cotton Mills, Privat**
**Ltd.** ଗେଟ୍ ଖୋଲି ହେମନ୍ତ୍ ସିଂ ଭିତରକୁ ଗଲା । ସଙ୍ଗେ ସଙ୍ଗେ
ଦଉଡ଼ି ଆସିଲା ତା'ର ଗ୍ରେ ହାଉଣ୍ଡ ଜିମି । ଭେଁ ଭେଁ ଜୋରରେ 
ହୋଇ କରି ଜଣାଉଥିଲା ଯେ ହେମନ୍ତ୍ ସିଂ କୌଣସି ଅନୁମାନ କରିପାର
ନଥିଲା । ବିଶ୍ୱସ୍ତ ଭୃତ୍ୟ ହିସାବରେ ଜିମି ବାଟ ଛାଡ଼ୁ ନଥି
ହେମନ୍ତ ସିଂକୁ ।

ଜିମି, ଜିମି କେତେ ଡାକିଲେ ସୁଦ୍ଧା ସେ କର୍ଣ୍ଣପାତ କରୁନ
ହେମନ୍ତ୍ ସିଂ ବିରକ୍ତ ହେଲା । କାର ଗୁଳି ଗଲଣି ।

ହେମନ୍ତ୍ ସିଂ ଭାବିଲା ଜିମି ବୋଧେ କାଲି ଖାଇନି । ନା ତା
ବାନ୍ଧିବାକୁ ପଡ଼ିବ । ଧରିବାକୁ ଚେଷ୍ଟାକରି ହେଲେ ଲ
ଶିକୁଳିର ଅଧାରେ ଖିଣ୍ଡିକ ତା ବେକରେ ଲାଗିଛି । ବୋ
ରାଗରେ ଛୁଟିଯାଇ ଦେଉଛି । ଧରିବାକୁ ଯେତେ ଚେଷ୍ଟା କ
ପାରିଲାନି ।

ବିରକ୍ତ ହୋଇ ବଙ୍ଗଳାର ବାରଣ୍ଡାକୁ ଉଠିଲା । ପକେଟ
ରୁ ଚାବି କାଢ଼ି ଦେଖେତ ସାମନା ଦରଜା ଖୋଲା ଅଛି । ଅସ୍ଥି
ହୋଇ ଯାଇଥିଲା ହେମନ୍ତ୍ ସିଂ ।

ସେ ଅନୁପସ୍ଥିତ ଥିବା ସମୟରେ ତା' ହେଲେ ଘରେ କିଏ ଜଣେ ପଶିଛି । ନା, ଅସମ୍ଭବ—ଏତେ ସାହସ କାହାର ହେବ ?

ଯାହାର ସାହାସକୁ—ଅଉ ପୁଣି କାହାର ସାହସ ହେବ ଘରେ ପଶି ଚୋରି କରିବାକୁ ।

ତା ହେଲେ କଣ ତା ଚପରାଶି ପୁରନ୍—ସେଇ ପୁରନ୍କୁ କେବଳ ଜାଣିକି ଚାବିଟି ଦେଇ ଯାଇଥିଲେ ।

ଦରଜା ଖୋଲି ଘରେ ପଶିବା ପୂର୍ବରୁ ଜାଣି ଜୋରରେ ମଜବୁତ ଅଧି କୌଣସି ଅଶୁଭ ସଂକେତର ସୂଚନା ଦେଇଥିଲା । କିନ୍ତୁ କୌଣସିଟାକୁ ଭ୍ରୁକ୍ଷେପ ନ କରି ଘର ଭିତରକୁ ପଶିଗଲେ ହେମନ୍ତ ସିଂ—

ଘର ଭିତରଟା ଅନ୍ଧାର । ଦରଜା ନିକଟ ସୁଇଚଟାକୁ ଟିପି ଦେବା ମାତ୍ରେ ସାମନା ଦରଜାଟା ବନ୍ଦ ହୋଇଗଲା ଓ ଆଲୁଅ ଜଳିଲା । ହଠାତ କୁଲବାଡ଼ି ଦେଖାଗଲା କଳା ମୁଖା ପିନ୍ଧା ଦୀର୍ଘକାୟ ଜଣେ ବଳିଷ୍ଠ ଯୁବକ । ମୁହଁରେ ଥିଲା ତା ବିକଟାଳ ହସ— ସେ ସଙ୍ଗେ ସଙ୍ଗେ ଗୋଟାଏ ଜାପ୍ନ ଛୁରିକା ଧରି ଆଗେଇ ଆସିଲା ହେମନ୍ତ ସିଂ ନିକଟକୁ ।

ହେମନ୍ତ ସିଂ ପ୍ରଥମେ ନିଜକୁ ବିଶ୍ୱାସ କରି ପାରିଲେ ନି, ସେ ସ୍ୱପ୍ନ ଦେଖୁଛନ୍ତି ନା ସତରେ ସେ ଆତତାୟୀର କବଳିତ । ଗର୍ଜି ଉଠି କହିଲେ,

"ତୁମେ କିଏ ?"

"ତୋର ଯମ ।"

"ତୁମେ ଯା ହେଲେ ।"

ଲୋକଟା ଖୁବ୍ ଜୋରରେ ପୂର୍ବପରି ଚିତ୍କାର କରିବାକୁ ଲାଗିଲା । ଆତତାୟୀ ହାତ ଖୋଲି ବାହାରକୁ ଉଣ୍ଡି ଦେଖିବା ସମୟରେ

ହିମତ୍ ସିଂ ହଠାତ୍ ଆକ୍ରମଣ କଲା । କିନ୍ତୁ ଫଳ କିଛି ହେଲାନି । ଆତତାୟୀ ଅତି ସହଜରେ ହିମତ୍ ସିଂକୁ କବଳିତ କରିନେଲା ଏବଂ ପରେ ପରେ ଶାଣିତ ଛୁରିକା ବିଦ୍ଧ ହୋଇଗଲା ହିମତ୍ ସିଂର ବକ୍ଷ ଦେଶରେ । ଚିତ୍କାର କରିବା ପୂର୍ବରୁ ଆତତାୟୀ ଖୁବ୍ ଜୋର୍‌ରେ ବନ୍ଦ କରି ଦେଇଥିଲା ହିମତ୍ ସିଂର ପାଟିକୁ । ତା ପରଠୁ କଣସ୍ତ ଜନର ଆଉ ପାଟି ଶୁଭୁନି । ସତେ ଯେମିତି ଆତତାୟୀର କ୍ଷିପ୍ର ନିର୍ଦ୍ଦେଶନାରେ ତାକୁ କିଏ ହତ୍ୟା କରିଛି । ହିମତ୍ ଫେର ରକ୍ତାକ୍ତ ଶରୀରଟା ଲୋଟିଥିଲା ଭୂଇଁରେ ।

ଘନ ଜମିର ଢେଦକର ରାସ୍ତା ଉପରୁ ଗୋଟାଏ କାର୍‌ର ଅବାଜ ଶୁଣାଗଲା । ଆତତାୟୀ ହିମତ ସିଂର ମୃତ ଦେହଟାକୁ ନେଇଯିବାକୁ ଚେଷ୍ଟା କରୁଥିଲା କିନ୍ତୁ ପାରିନି । କାରଣ କାର୍‌ର ଗତିଟା ଥମି ଆସିଲା ଗେଟ୍ ନିକଟରେ । କାରରୁ ଓହ୍ଲାଇ ଆସୁଥିଲେ ଦୁ'ଜଣ ଲୋକ । ଖୁବ୍ ଚଞ୍ଚଳ ଥିଲା ସେମାନଙ୍କ ପଦକ୍ଷେପ । ହଠାତ୍ ଜଣଙ୍କର ପାଦରେ କଣ ଗୋଟାଏ ବାଜିଯିବାରୁ ପକେଟରୁ ଟର୍ଚ୍ଚ କାଢ଼ି ଦେଖିଲେ କୁକୁରଟାଏ ଶୋଇଛି । ନା ହାତମାରି ଦେଖିଲେ ମରିଛି । ତାପରେ କାହାର ପାଦଶବ୍ଦ ଶୁଣି ଠିଆହୋଇ ପଡ଼ିଲେ । ଗୋଟାଏ କଳାଛାଇ ! ଧୀରେ ଧୀରେ ଆଗେଇ ଯାଉଛି ଉତ୍ତରପଟ ଦର୍ଓ୍ୱାଲ ଆଡ଼କୁ, ବିଳମ୍ବ ନକରି ଆଗେଇଗଲେ । ହାତରେ ଥିଲା ରିଭଲଭର । କିଛିଦୂର ଆଗେଇଯାଇ ଦେଖିଲେ ସେ କଳାଛାଇଟା, କାନ୍ଥଡ଼େଇଁ ଚାଲିଯିବାକୁ ବସିଛି । ଗର୍ଜି ଉଠିଥିଲା ରିଭଲଭର—ଏବଂ ତା ସଙ୍ଗେ ସଙ୍ଗେ ମଧ୍ୟ କଳାଛାଇଟା ମିଶିଯାଇଥିଲା କାଳ ରାତିର ଅନ୍ଧକାର ଭିତରେ ।

ଟର୍ଚ୍ଚ ପକେଇ ପକେଇ ଦଉଡ଼ି ଯାଇ ଦେଖିଲେ—ତାଙ୍କ ଗୁଳି ବ୍ୟର୍ଥ ହୋଇଛି । କାନ୍ଥ ଉପରକୁ କୁଦାମାରି ଉଠିଗଲେ

କିନ୍ତୁ କିଛି ନାହିଁ—ତେବେ କଣ ତାଙ୍କର ଅନୁମାନ ଭୁଲ୍ ।
ଅସମ୍ଭବ, ଅଶ୍ୱ ଦାସ ଗୋଇନ୍ଦାର ଅନୁମାନ କେବେ ଭୁଲହୁଏନା ।

ପଛକୁ ଗୃହିଁ ଦେଖିଲେ ବଙ୍ଗଳା ଭିତର ଆଲୋକ ଜଳି ଉଠିଲାଣି ଏବଂ ଜାନକୀବାବୁଙ୍କର ମର୍ମଭେଦୀ ଚିତ୍କାର ଶୁଣି ପାଚେରୀ ଉପରୁ ଡେଇଁପଡ଼ି ଦୌଡ଼ିଯାଇଥିଲେ ବଙ୍ଗଳା ଭିତରକୁ ।

ଜାନକୀବାବୁ ବେହୋସ ହୋଇ ପଡ଼ିଯାଇଥିଲେ । ଘର ଭିତରକୁ ଗୃହିଁ ଦେଖିଲେ । ରକ୍ତ, ରକ୍ତଭିତରେ ଭାସୁଛି କାହାର ଗୋଟାଏ ଶରୀର ।

ତା ପରେ ପରେ ପୋଲିସ୍ ଭ୍ୟାନ୍ ଗର୍ଜନକରି ଯାଇ ଗେଟ୍ ନିକଟରେ ଅଟକିଗଲା ଏବଂ ଅସ୍ତ୍ରଶସ୍ତ୍ର ହାତରେ ଧରି ଆଗେଇ ଆସିଥିଲେ ପୋଲିସ୍ ଇନ୍‌ସପେକ୍ଟର, ସବ୍‌ଇନ୍‌ସପେକ୍ଟର ଏବଂ କେତେଜଣ ସିପାହୀ ।

ଅଶ୍ୱବାବୁଙ୍କୁ ଠିଆହୋଇଥିବାର ଦେଖି ଇନ୍‌ସପେକ୍ଟର ପଚାରିଲେ, "କଣହେଲା ଅଶ୍ୱ ?" "ନା । ବିଫଳ ହୋଇଛି । ଆପଣ ବର୍ତ୍ତମାନ ଜାନକୀ ବାବୁଙ୍କୁ ଡାକ୍ତରଖାନା ନେଇ ଯାନ୍ତୁ ତ ।"

ଇନ୍‌ସପେକ୍ଟରଙ୍କ ନିର୍ଦ୍ଦେଶ ମତେ ସବ୍‌ଇନସ୍‌ପେକ୍ଟର ଏବଂ ସିପାହୀମାନେ ଜାନକୀ ବାବୁଙ୍କର ବେହୋସ ଶରୀରଟାକୁ ଗାଡ଼ିରେ ଲଦି ନେଇଗଲେ ଡାକ୍ତରଖାନା ।

ଇନସ୍‌ପେକ୍ଟର ପଚାରିଲେ, "ଅଶ୍ୱବାବୁ ଘଟଣା କଣ ଥିଲା ?" ଅଶ୍ୱବାବୁ କିଛି ନକହି ଘରର ଦରଜା ଫିଟାଇ ଦେଲେ । ଇନସ୍‌ପେକ୍ଟର ଘର ଭିତରର ରକ୍ତଦେଖି ସ୍ତମ୍ଭିଭୂତ ହୋଇ ଯାଇଥିଲେ ।

ଅଶ୍ୱବାବୁ ଗୃହଅଡକୁ ଲକ୍ଷ କରିକରି ଆଗେଇ ଯାଇଥିଲେ ଘର ଭିତରକୁ । ତାଙ୍କର ତୀକ୍ଷ୍ଣଚକ୍ଷୁର ଚଞ୍ଚଳତା ଭିତରେ ସତେ ଯେମିତି ସେ କଳ୍ପନା କରି ଯାଉଛନ୍ତି କେତେ କଣ ?

ହଠାତ୍ ଫିରି ପଛ ଶରୀରଟା ନିକଟରେ ବସି ପିନ୍ଧିଥିବା କୋଟ ପକେଟରୁ କେତେଖଣ୍ଡ କାଗଜ ବାହାର କରି ଦେଖି ଅତି ସାବଧାନତାର ସହିତ ପକେଟରେ ରଖିଲେ । ଲେଡ଼ିଟିର ଦେଖିଲେ ଯେ ଛୁରୀଟା ଆଘାତ ହୋଇଛି ପିଞ୍ଜରାର ଠିକ୍ ତଳକୁ । ହଠାତ୍ ହିଂସ ଯେ ମରିବା ପୂର୍ବରୁ ଅତ୍ୟାଚାରୀ ସହିତ ଜୀବନ ପଣ ସଂଗ୍ରାମ ଚଳେଇଥିଲା ତା ସ୍ପଷ୍ଟ ଜଣା ପଡ଼ୁଥିଲା ତା ହାତ ପାପୁଲିର କଟା କଟା ଦାଗରୁ ।

ଶବ ନିକଟରୁ ଉଠି ଘରଟା ଯାକ କଣି ନିରୀକ୍ଷଣ କରି ଦେଖିଲେ ଏବେ ପର ମୁହୂର୍ତ୍ତରେ କାନ୍ଥରେ ହଠାତ୍ ରକ୍ତର ଚିହ୍ନ ଟିକିଏ ଦେଖି ତା ନିକଟକୁ ଯାଇଥିଲେ । ପକେଟରୁ ବାହାର କରିଥିଲେ ଚୋଟାଏ ମ୍ୟାଗ୍ନିଫାଇଙ୍ଗ୍ ଗ୍ଲାସ । ଦେଖିଲେ ଏବେ ପର-ମୁହୂର୍ତ୍ତରେ ତାଙ୍କ ମୁଖମଣ୍ଡଳ ହର୍ଷୋତ୍ପୁଲକିତ ହୋଇ ଉଠିଥିଲା ।

ପୋଲିସ ଇନ୍ସପେକ୍ଟର କେବଳ ଅଶ୍ୱବାବୁଙ୍କୁ ବୋକାଭଳି ଚାହିଁ ରହିଥାନ୍ତି । ପକେଟରୁ ପେନ୍ସିଲଟାଏ ବାହାର କରି ସେ ରକ୍ତଚିହ୍ନଥିବା କାନ୍ଥରେ ଦାଗ ଟାଣିଦେଲେ । ଇନ୍ସପେକ୍ଟର ଏଥର କୌତୁହଳ ପୂର୍ବକ କହିଲେ, "କିଛି ଅନୁମାନ କରି ପାରୁଛନ୍ତି ଅଶ୍ୱବାବୁ ?"

"ଏତେ ଶୀଘ୍ର ଯେ ମୁଁ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁନି । ହୁଏତ ମତେ ଦିନେ ଦି'ଦିନ ସମୟ ଲାଗିବ ।"

"ଆଚ୍ଛା ହତ୍ୟାର କାରଣଟା କିଛି ଅନୁମାନ କରି ପାରୁଛନ୍ତି ?"

"ହୁଏତ ଶୀକାର ନିଜେ ଶୀକାରି ହୋଇଯାଇଛି ।"

ଏତିକିବେଳେ ପୋଲିସ ଭ୍ୟାନଟା ପୁଣି ଆସି ପହଞ୍ଚିଲା । ଅଶ୍ୱବାବୁ କହିଲେ, "ଏଥର ଶବଟାକୁ ପୋଷ୍ଟମାର୍ଟମ ପାଇଁ ପଠେଇ

ଦେବାର ବ୍ୟବସ୍ଥା କରନ୍ତୁ ।" କହି କହି ଘର ଭିତରୁ ବାହାର ଆସିଲେ ଏବଂ ଭାବି ଭାବି ଓହ୍ଲାଇ ଯାଉଥିଲେ କୋଠି ତଳକୁ ।

ଇନ୍‌ସପେକ୍ଟର ବାଧା ଦେଇ କହିଲେ, "ଆପଣ ଆସନ୍ତୁ ମୁଁ ଗାଡ଼ିରେ ନେଇ ଘରେ ଛାଡ଼ି ଦେବି । ବର୍ତ୍ତମାନ ରାତି ୧୨ଟା । ଅନ୍ଧାର । ପୁଣି କୁଆଡ଼େ ବାହାରିବେ ।"

ଅଶ୍ୱିନୀବାବୁ କିଛି ନ କହି ଚାଲିଥାନ୍ତି । କୌଣସି କଥାରେ ଅଶ୍ୱିନୀବାବୁଙ୍କୁ କେହି କେବେ ବାଧା ଦିଅନ୍ତି ନା । ଏପରି ଥିଲା ତାଙ୍କର ବ୍ୟକ୍ତିତ୍ୱ ।

ଡିଟେକ୍ଟିଭ୍ ଜୀବନର ୨୫ ବର୍ଷ ଭିତରେ ଅଶ୍ୱିନୀବାବୁ ତାଙ୍କର ଜୀବଦ୍ଦଶା ଭିତରେ ଅନେକ ଜଟିଳ ସମସ୍ୟାର ସମାଧାନ କରି ପାରିଛନ୍ତି ଅତି ସହଜରେ । ହୁଏତ ଦୁର୍ଦ୍ଦାନ୍ତ ଡାକୁ ଡକାୟତ, ଯେ କି କେବଳ ମଧ୍ୟପ୍ରଦେଶ କ'ଣ ସାରା ଭାରତବର୍ଷରେ ଦିନେ ଚହଳ ପକାଇ ଦେଇଥିଲା, ତାକୁ ମଧ୍ୟ ଅଶ୍ୱିନୀବାବୁଙ୍କ ସାହାଯ୍ୟରେ ଧରାଯାଇଛି, ଦେଶର ନାଗରିକ ମାନଙ୍କର ଶାନ୍ତି ଶୃଙ୍ଖଳା ପାଇଁ ସେ ନିଜ ଜୀବନକୁ ମଧ୍ୟ ଅନେକ ସମୟରେ ବିପନ୍ନ କରି ସୁଦ୍ଧା ହାରି ନାହାନ୍ତି ।

ଇନ୍‌ସପେକ୍ଟର ଆଉ ତାଙ୍କୁ ବାଧାଦେଲେନି । ଅଶ୍ୱିନୀବାବୁ ବଙ୍ଗଳାର ବଗିଚା ଭିତରେ ଉତ୍ତର ପଟ ଦେଓ୍ୱାଲ ଆଡ଼କୁ ଆଗେଇ ଗଲେ । ତାଙ୍କ ବେଡ଼ରୁମର ଝରକା ତଳେ ଥିବା ଯାଗାକୁ ନିରୀକ୍ଷଣ କରି ଦେଖିଲେ ଏବଂ କଣ ଚିହ୍ନ ଲାଗିଥିବାର ଦେଖି ତାକୁ ଅତି ଯତ୍ନ ସହକାରେ ମଧ୍ୟ ଗୋଟାଏ କାଗଜରେ ଗୁଡ଼ାଇ ପକେଟସ୍ଥ କଲେ । କାନ୍ଥ ଉପରକୁ ଉଠିଲେ । ରକ୍ତର ଦାଗ । ଟର୍ଚ୍ଚ ପକାଇ ଦେଖି ପେନ୍‌ସିଲ ଦାଗ ଦେଲେ ।

ହଠାତ୍ ତାଙ୍କ ମନକୁ ପୁଣି କଣ ଗୋଟାଏ ଚିନ୍ତା ସ୍ପର୍ଶ କଲା । ଓହ୍ଲେଇ ଆସି ଦେଖିଲେ ଇନ୍‌ସପେକ୍ଟର ଗେଟାକୁ ନେବାର

ଅୟୋଜନ କରୁଛନ୍ତି । ଅଶୁବାବୁ କହିଲେ, "ଏ ଶବଟାକୁ ସକାଳ ପର୍ଯ୍ୟନ୍ତ ରଖିବାର ବ୍ୟବସ୍ଥା କରନ୍ତୁ । ମୁଁ ଅସି ଅଜଥରେ ଦେଖିଲା ପରେ ପୋଷ୍ଟମାର୍ଟମକୁ ପଠେଇବେ ।" ଇନ୍ସପେକ୍ଟର ସମ୍ମତି ଜଣେଇଲେ ।

ଅଷାଢ଼ର ସେଇ ଅନ୍ଧକାର ରାତିର ସ୍ତ୍ରଧତରେ ପାଦ ପକେଇ ଅଗେଇ ଗଲେ ଅଶୁବାବୁ । ଅକଳନ୍ତ ଚିନ୍ତା, ଅଦମ୍ଯ ସାହସ ଭିତରେ ସାମନା ଗେଟ୍ ଖୋଲି ଯିବାର ଅବାଜ ଇନ୍ସପେକ୍ଟର ଶୁଣିଲେ । ତା'ପରେ ସେ ଅଉ ଅଶୁବାବୁଙ୍କୁ ଦେଖି ନାହାନ୍ତି ।

———

## ୫ ★ ଷଡ଼ଯନ୍ତ୍ରର କ୍ଷୀଣପ୍ରଭା

ପାଠକେ ! ଜାନକୀବାବୁଙ୍କୁ ଅଶୁବାବୁଙ୍କ ସହିତ ଆପଣମାନେ ଦେଖି ବୋଧେ ବିସ୍ମୟ ହୋଇ ଉଠିଥିବେ । ତା'ର କାରଣ ଥିଲା ! ହିମତ୍ ସିଂଙ୍କୁ କାର୍‌ରେ ଯିବାର ନିର୍ଦ୍ଦେଶ ଦେଇ ଜାନକୀବାବୁ ଯେତେବେଳେ ଗେଟ୍‌ଡ଼େଇଁ ଭିତରକୁ ଯା'ନ୍ତି—ରଘୁଆ ଗୋଟାଏ ଟେଲିଗ୍ରାମ ହାତରେ ଧରି ଦାଉଡ଼ିଲା । ବାହାରର ବିଜୁଳିବତୀର ଆଲୁଅରେ ଜାନକୀବାବୁ ଟେଲିଗ୍ରାମଟା ପଢ଼ି ଅଶ୍ଚର୍ଯ୍ୟ ହୋଇଯାଇ-ଥିଲେ । ଟେଲିଗ୍ରାମଟା ଗୋପାଳବାବୁଙ୍କର ଲେଖା ଥିଲା, **"Nandan left with Himat Babu. Wire Safety."** ଅର୍ଥାତ୍ "ନନ୍ଦନ ହିମତ୍ ବାବୁଙ୍କ ସଙ୍ଗେ ଗଲା—ତା'ର ଭଲରେ ପହଞ୍ଚିବା ସମ୍ବାଦ ଦେବେ ।

ଜାନକୀବାବୁଙ୍କର କପାଳ କୁଞ୍ଚିତହୋଇ ଉଠିଥିଲା । ତା'ପର ରଘୁଆ ଯେତେବେଳେ ପଚାରିଲା, "ଆପଣତ ଆସିଲେ, ଦେଈ ତାହାନ୍ତି ?" ଜାନକୀବାବୁ ଅଶ୍ଚର୍ଯ୍ୟ ହୋଇ, "ଦେଈ, ନନ୍ଦତା କୁଆଡ଼େ ଯାଇଛନ୍ତି କି ?"

"ଆପଣ ପରା ଷ୍ଟେସନରୁ ଖବର ପଠେଇଲେ-କାର୍‌ରେ ବସି ଦେଈ ଗଲେ ?" ଚିତ୍କାରକରି ଉଠିଥିଲେ ଜାନକୀ ବାବୁ । "କିଏ କାର୍ ପଠେଇଥିଲା ? ମୁଁ ତ ପଠେଇନି ?"

"ଆପଣଙ୍କ ଯିବା ପରେ ପରେ ତ ଠିକ୍ ଆମରି କାର୍ ପରି ଗୋଟାଏ କାର୍ ଆସିଥିଲା—ଡ୍ରାଇଭର ତରତରରେ ନନ୍ଦତାଙ୍କୁ ଯିବାପାଇଁ ଖବର ଦେଲା ।"

"ହଁ ତା ପରେ କଣ ହେଲା"—

"ଦେଈ ଚାଲିଗଲେ"—

"ରଘୁଆ ! ମୋ ଝିଅ କୁଆଡ଼େ ଗଲା !" ଡ୍ରାଇଭରକୁ ଡାକି ପଚାରିଲେ. "ତୁ ଗାଡ଼ି ଆଣି ନନ୍ଦିତାକୁ ନେଇଥିଲୁ ?" ସେ ମନା କଲା —

ଗୋପାଳ ବାବୁଙ୍କର ତାର, ଆଜ ନନ୍ଦିତାର ଅନ୍ତର୍ଦ୍ଧାନ ସଂବାଦରେ କ୍ଷଣିକପାଇଁ । ସେଇ ଖୋଲା ଆକାଶତଳେ ବସି ପଡ଼ିଥିଲେ ଜାନକୀବାବୁ । ମୁହଁରୁ ତାଙ୍କର ଫେଲଟ୍‌କ୍ୟାପ୍‌ଟା ଖସି ପଡ଼ିଥିଲା ଏବ ତୁଣ୍ଡରେ କଥା ନଥିଲା । ରଘୁଆ ପାଟିକରି ଡାକିଲା । ରଘୁଆ ପାଟିରେ ବାହାରେ ଯାଉଥିବା କେତେଲୋକ ଜମା ହୋଇଗଲେ ।

ରଘୁଆ ଦେଖିଲା ପାରିଜାତ ମହଲ ଭିତରୁ କିଏ ଜଣେ କଳା ଓଭରକୋଟ୍-ପିନ୍ଧା ଲୋକ ଅନ୍ଧାର ଅନ୍ଧାରେ ବଗିଚା ଭିତର ଦେଇ ଚାଲି ଯାଉଛି । ରଘୁଆ "ଚୋର" "ଚୋର" ବୋଲି ଚିତ୍କାର କରି ଦଉଡ଼ି ଥିଲା ଏବଂ ହଠାତ୍ ରିଭଲ୍‌ଭର୍‌ରୁ ଗୋଟାଏ ଆବାଜ ହୋଇଥିଲା । ରଘୁଆ ଚିତ୍କାର କରି ପଡ଼ିଗଲା—ବାହାରୁ ଆସିଥିବା ଲୋକମାନେ ଏପଟ ସେପଟ ଦଉଡ଼ା ଦଉଡ଼ି କରି ଦେଖିଲେ କିନ୍ତୁ ସେତେବେଳେ କେହି ନ ଥିଲେ । ରଘୁଆର ବାଁ ଗୋଡର ଗୋଇଠାରେ ଗୁଳି ବାଜିଛି । ରଘୁଆ ଛଟପଟ ହେଉଛି ।

ରିଭଲ୍‌ଭର୍ ଗୁଳିର ଆବାଜରେ ଜାନକୀବାବୁଙ୍କର ଚେତନା ଫେରି ଆସିଥିଲା । ଯେତେବେଳେ ବି ସେ ଜଣେ ବଳିଷ୍ଠ ଫୌଜଦାରୀ ଲୋକ । ସାହସ ବାନ୍ଧିଥିଲେ । ଯଥେଷ୍ଟ ସାହସ । ଆଖିରୁ ଲୁହଗୁଡ଼ା କିନ୍ତୁ ବୁନ୍ଦା ବୁନ୍ଦା ହୋଇ ଖସି ପଡ଼ୁଥିଲା । କାରଣ ସୀତାଦେବୀ ଚାଲିଗଲା ପରଠୁ ନନ୍ଦିତାହିଁ ଥିଲା ତାଙ୍କର ସର୍ବସ୍ୱ । ଏପରିକି ନନ୍ଦିତା ତାଙ୍କ ଜୀବନର ଅତି ସୂକ୍ଷ୍ମତମ ପ୍ରଦେଶଟାକୁ ଅଧିକାର କରି ବସିଥିଲେ । ତା'ର ଅନ୍ତର୍ଦ୍ଧାନ—ଏ କାଷ୍ଟପୂ

ସଇତାନ୍ ହମନ୍ତ ସିଂହର କାମ—ସେ ତାଙ୍କ ସଙ୍ଗେ ଚୁଲବାଜୀ ଖେଳୁଛି । ଓଡ଼ିଆ ସରଳବିଶ୍ୱାସୀ ବୋଲି ସେ ତା'ର ସୁଯୋଗ ନେବାକୁ ବସିଛି । କିନ୍ତୁ ନା ଜାନକୀବାବୁ ତାକୁ ଛାଡ଼ିବେନି । ତାଙ୍କର ଦରକାର ରିଭଲଭର—ସେ ହମନ୍ତ ସିଂହ ହାତରେ ରିଭଲଭର ବସେଇ ନନ୍ଦତାଙ୍କୁ ତା'ଠୁ ଛଡ଼େଇ ଆଣିବେ । ନିଶ୍ଚୟ ଆଣିବେ । ତା ନ ହେଲେ ହମନ୍ତ ସିଂ ବୁଝିବ ··· ···

ଯଥେଷ୍ଟ ସାହସ ହାତରେ ଧରି କାହାକୁ କିଛି ନ କହି ଆଗେଇଗଲେ ବୈଠକ୍ ଖାନାକୁ । ସେ ରିଭଲଭର ଆଣିବେ । ବାରଣ୍ଡାର ସୁଇଚ୍ ଚିପିଲେ । ଜଳି ଉଠିଲା ପାଞ୍ଚଶ ପାୱାର ବଲ୍ବ । ବୈଠକଖାନା ଖୋଲା ଅଛି । ଭିତରକୁ ପଶିଗଲେ । ତାଙ୍କ ଆଲମାରିଟା ଫିଟାଇ ଏକା ନିଶ୍ୱାସକେ ରିଭଲଭରଟା ବାହାର କରି ଆଣିଲେ । ତାଙ୍କର ନଜର ପଡ଼ିଗଲା ଟେବୁଲ ଉପରେ । ଖଣ୍ଡେ ନୀଳରଙ୍ଗର କାଗଜ—କାଗଜଟାକୁ ଉଠେଇ ନେଇ ଦେଖିଲେ, ଖଣ୍ଡେ ଚିଠି । ଏକା ନିଶ୍ୱାସକେ ଚିଠିଟା ପଢ଼ିଦେଇଥିଲେ ଜାନକୀବାବୁ—ଚିଠିରେ ଲେଖାଥିଲା—

ଜାନକୀବାବୁ !

ତୁମେ ଭାଗ୍ୟବାନ—କାରଣ ଓହ୍ଲେଇ ବୈଠକ୍ ଖାନାରେ ପଶିଥିଲେ ହୁଏତ ତୁମେ ମୋର ସାକ୍ଷାତ ପାଇଥାନ୍ତ । ବୈଠକଖାନା ଭିତରେ ମୁଁ ତୁମ୍ଭକୁ ଅପେକ୍ଷା କରି ଠିଆ ହୋଇଥିଲି । ମୋର ଅଳ୍ପ ଟିକିଏ ଅସାବଧାନତା ଦୃଷ୍ଟିରୁ ତୁମେ ବଞ୍ଚି ଗଲ । ତଥାପି ନିରାଶ ହୋଇନି । ତମ ଜୀବନର ଅତି ମୂଲ୍ୟବାନ ମଣି ଦୁଇଟି ମୋ ହାତରେ । ଖୋଜିବାର ବୃଥା ଚେଷ୍ଟା କରିବେନି । ଯୁଆ ପରେ ହୁଏତ ତୁମେ ନିଶ୍ଚୟ ଅଶୁ ଦାସର ଅଣ୍ଡା ନେବ । ସେଇଟା ଗୋଟାଏ ମହା ମୂର୍ଖ । ତା କଥାରେ ଭରସା କରିବେନି, କାରଣ

ଚିତ୍ରଗୁପ୍ତ ତା ପାଞ୍ଜି ପୋଛୁଦେବାକୁ ବସିଛୁ—ସେ ବା ମୋର ଉଦ୍ଦେଶ୍ୟ ବୁଝିବ କଣ ? ମୁଁ ଯାଉଛୁ । ନିକଟରେ ପୁଣି ସାକ୍ଷାତ୍ ହେବ ।

ଇତି

ତମର ଶୁଭାକାଂକ୍ଷୀ—

ଜାନକୀବାବୁଙ୍କ ଦେହ ଭିତରେ ରକ୍ତ ଗରମ ହୋଇ ଉଠିଥିଲା । ସେ ନିଜକୁ ସଂଯତ କରି ପାରି ନଥିଲେ ! ସତେ ଯେପରି ତାଙ୍କ ଭିତରର ମଣି ଭୂତ ପାଲଟି ଯାଇଥିଲା । ତାଙ୍କ ଶିକ୍ଷା, ସଭ୍ୟତା ସବୁ ଭୁଲି ସେ ହୋଇଯାଇଥିଲେ କୃତାନ୍ତ । ଯମଠାରୁ ଅହୁରି ଭୀଷଣ । ଦୃଢ଼ ମୁଷ୍ଟି ଭିତରେ ରିଭଲଭରଟାକୁ ଧରି ସେ ବୈଠକଖାନାର ଏପଟ ସେପଟ ବୁଲି ଯାଉଥିଲେ । ତାଙ୍କ ଧକ୍କାରେ ଯେପରି ଗୃହ ମଧ୍ୟସ୍ଥ ଟେବୁଲ ଚଉକି ଗୁଡ଼ାକ ତଳେ ପଡ଼ି ଚିତ୍କାର କରୁଥିଲେ ।

ବାହାରୁ ଆସି ଜମା ହୋଇଥିବା ଲୋକମାନେ ରଘୁଆକୁ ଟେକି ଆଣିଥିଲେ ବାରଣ୍ଡା ଉପରକୁ । ରଘୁଆର କରୁଣ ଚିତ୍କାର ଭିତରେ ଜାନକୀବାବୁଙ୍କର ଚେତନା ଫେରି ଆସିଥିଲା । ସେ ହଠାତ୍ ବୈଠକଖାନାରୁ ବାହାରି ପଡ଼ି ରଘୁଆର ଅବସ୍ଥା ଦେଖିଲେ । ତାଙ୍କ ରକ୍ତ ବିବର୍ଣ୍ଣିତ ଚକ୍ଷୁ ଦୁଇଟିରୁ ତଥାପି ଦୁଇବୁନ୍ଦା ଲୁହ ଖସି ପଡ଼ିଥିଲା । ରଘୁଆକୁ କାର୍ ରେ ଲଦିବାର ନିର୍ଦ୍ଦେଶ ଦେଇଥିଲେ । ଲୋକମାନେ ରଘୁଆକୁ ଟେକି ନେଇ କାର୍ ରେ ରଖି ଦେଇଥିଲେ ।

ଜାନକୀବାବୁ ସିଧା ସିଧା ଡାକ୍ତରଖାନା ଯାଇ, ରଘୁଆକୁ ଛାଡ଼ି ଦେଇ ଆସି, ଥାନାକୁ ଯାଇଥିଲେ । ଅଶ୍ୱ ବାବୁଙ୍କ ଠିକଣା ନେଇ ବଡ଼ ବଜାରର ଗୋଟିଏ ଦୋ ମହଲା କୋଠା ନିକଟରେ ବ୍ରେକ୍ ଦେଲେ ତାଙ୍କର ପ୍ଲାଇମାଉଥ୍ କାର୍ କୁ ।

---

ସେଦିନ ଅଶୁବାବୁଙ୍କ ଘରେ ଗୋଟାଏ ଷ୍ଟେକାଟର ନୈଶ ଭୋଜର ଆୟୋଜନ କରାଯାଇଥିଲା । କାରଣ ସେ ଦିନ ଥିଲା ଅଶୁ ବାବୁଙ୍କ ଜନ୍ମତିଥି ।

ବନ୍ଧୁମାନଙ୍କର ଉପହାର ସବୁ ସଜାହୋଇ ରଖାହୋଇଥାଏ ଗୋଟିଏ ଟେବୁଲରେ । ତାଙ୍କର ବନ୍ଧୁମାନେ ସବୁ ଚାଲିଗଲେଣି । ଅଶୁବାବୁ ହାତରେ ପ୍ଲାଏ ଚିଠିଧରି ବସିଥାନ୍ତି—ସେ ଗୁଡ଼ାକ ଥିଲା ତାଙ୍କ ଦୂରସ୍ଥ ବନ୍ଧୁମାନଙ୍କର—ତାଙ୍କ ଦୀର୍ଘ ଜୀବନ କାମନାର ଶୁଭେଚ୍ଛା ସମ୍ବାଦ । ନିକଟରେ ବସିଥିଲେ ଶ୍ରୀମତୀ ଦାସ । ଆରାମ ଚେୟାରରେ ଅଳସପଣ୍ଡି ଗୋଟାକପରେ ଗୋଟାଏ କାଗଜ ଦେଖି ଶ୍ରୀମତୀ ଦାସଙ୍କ ହାତକୁ ବଢ଼େଇ ଦେଉଥାନ୍ତି ।

ଶ୍ରୀମତୀ ଦାସ ହଠାତ୍ ଆରମ୍ଭ କରିଦେଲେ, "ଆଜ ଏଣିକି ତୁମର କ୍ଲବକୁ ଯିବାର ନାହିଁତ ?"

ସିଗାରେଟ୍ ଧୂଆଁ ଭିତରଦେଇ ଅଶୁବାବୁ ଦେଖିଥିଲେ ରାଣୀଙ୍କର ମୁହଁ । ସତେ ଯେପରି ଫୁଟିଲା ପଦ୍ମଟିଏ । କିନ୍ତୁ ଆଖିତଳକୁ ଲକ୍ଷ୍ୟକଲେ ଜଣାପଡ଼ୁଥିଲା ମନେ ଯେମିତି ରାଣୀ କଣ ଚାହୁଁଥିଲେ । ହଁ ସେ ଯାହା ଚାହୁଁଥିଲେ ପ୍ରତ୍ୟେକ ନାରୀମାନେ ତା ଚାହାନ୍ତି । କିଏ ନଚାହେଁ ଜନନୀ ହେବାକୁ । ତାଙ୍କ ବିବାହର ପ୍ରାୟ କୋଡ଼ିଏ ବର୍ଷ ବିତିଗଲାଣି କିନ୍ତୁ ରାଣୀଙ୍କ କୋଳ ଖାଲି । ସେ କେତେ ବ୍ରତ ଉପବାସ କରିଛନ୍ତି, ତଥାପି ଭଗବାନ ତାଙ୍କ ଗୁହାରି ଶୁଣି ନାହାନ୍ତି । ତଥାପି ରାଣୀ ସେ ଆଶାରୁ ନିବୃତ୍ତ ହୋଇ ନାହାନ୍ତି । ତଥାପି —ତଥାପି ତାଙ୍କର ଆଶା—ସେଇ ଜନ୍ମ ତିଥିରେ ସେ ନିଜେ ତାଙ୍କ ଶୋଇବାଘର ସଜେଇଥାନ୍ତି । ସ୍ୱାମୀଙ୍କ ମନଲାଖି ସଜେଇବାରେ ସେ ଯେମିତି ସିଦ୍ଧହସ୍ତା । ଅଶୁବାବୁଙ୍କଠୁ

ଉତ୍ତରଟା ପାଇଲେ ହୁଏତ ସେ ଡ୍ରଇଁରୁମ୍‌ର ସୁଇଚ୍‌ଟା ବନ୍ଦ କରି ଦେଇ ତାଙ୍କୁ ଟାଣିନେବେ ବେଡ୍‌ରୁମ୍ ଭିତରକୁ । ଅଶ୍ରୁବାବୁଙ୍କୁ ସେ ଆଜି ମୋଟେ ଛାଡ଼ିବେନି ।

ଜଣେ ଜ୍ୟୋତିଷଙ୍କୁ ସେ କୋଷ୍ଠି ଦେଖେଇଥିଲେ । ସେ କହିଛନ୍ତି ତାଙ୍କର ନିଶ୍ଚୟ ପୁଅଟିଏ ହେବ । ତା ପରଠୁ ସେ ତାଙ୍କ ସ୍ୱାମୀଙ୍କୁ ପୁନର୍ବିବାହ ପ୍ରବୃତ୍ତିରୁ ନିବର୍ତ୍ତାଇ ପାରିଛନ୍ତି । ତାଙ୍କର ପୁଅଟିଏ ହେବ । କାହିଁକି ବା ନ ହେବ । ତାହେଲେ କଣ ଜ୍ୟୋତିଷ ଶାସ୍ତ୍ର ମିଥ୍ୟା—ଅସମ୍ଭବ । ସେ ଆଜି ତାଙ୍କ ସ୍ୱାମୀଙ୍କୁ ତାଙ୍କ ମନକଥା ଖୋଲି କହିବେ, ଯାହା ଜ୍ୟୋତିଷ ତାଙ୍କୁ କହିଛନ୍ତି । ତାପରେ ସ୍ତ୍ରୀ ସୁଲଭ ସରଳ ଚପଳତା ଭିତରେ ବାନ୍ଧି ରଖିବେ ତାଙ୍କ ସ୍ୱାମୀଙ୍କୁ—ସେଇ ବନ୍ଧନ, ସେଇ ମମତା ଆଉ ପ୍ରତୀକ୍ଷା ଭିତରେ ସେ ଭିକ୍ଷାମାଗିବେ ଟିକିଏ ପ୍ରେମ । ଅଶ୍ରୁ ମାଡ଼ି ଦିଆତ ଅଞ୍ଜଳୀ ଭରି ସେ ଭିକ୍ଷାମାଗିବେ ଗୋଟିଏ ସନ୍ତାନ—

ରାଣୀଙ୍କର ପ୍ରଶ୍ନ ଉପରେ ଅଶ୍ରୁବାବୁ ନିରୁତ୍ତର ହୋଇ ରହି ପାରିନଥିଲେ । ସେ କହିଲେ, "ରାଣୀ ! ତୁମର ମନେ ଅଛି ନା —କହିଥିଲି ସେଇଦିନ, ଯୋଉଦିନ ଓଢ଼ଣା ଖୋଲି ତମ ମୁହଁକୁ ମୁଁ ଚାହିଁଥିଲି ପ୍ରଥମ କରି । ଏ ଡିଟେକ୍‌ଟିଭର ହାତ ଉପରେ ହାତ ରଖି ତୁମେ ଭୁଲ କରିଛ । ତୁମେ ଉତ୍ତରରେ କଣ କହିଥିଲ ମନେ ଅଛି ? କହିଥିଲ ମୋର ଭାଗ୍ୟରେ ଆଉ କିଏ ଅଛି ? ତାପରେ ମୋ ହାତଟାକୁ ତୁମ ମୁଠିଭିତରେ ଧରି ମତେ କଣ କହିବାକୁ ଯାଉଥିଲ, ଏତିକିବେଳେ ମୁଁ ତମକୁ କହିଥିଲି ନା ତୁମେ ମତେ ତୁମରି କରି ରଖିବାକୁ ଚେଷ୍ଟା କରିପାର, ହେଲେ ମୁଁ—ଠିକ୍ ଏତିକିବେଳେ ମୋ ମୁହଁଟାକୁ ବନ୍ଦ କରିଦେଇ ମୋତେ ଆଉ କଥା କୁହାଇ ଦେଇନ । ସ୍ୱାଭାବରେ କୋଉଁଏଠି ଅପାତ୍ର କଟିଗଲିଣି ରାଣୀ, ହେଲେ ଏମିତି ପ୍ରଶ୍ନ ମତେ କେବେ କରିନ, ଆଜି କାହିଁକି ?"

ରାଣୀ ଜ୍ୟୋତିଷଙ୍କ କଥା କହିବାକୁ ଯାଉଥିଲେ କିନ୍ତୁ ପାରିଲେନି । ତାଙ୍କ ଚଳଚଞ୍ଚଳ ଆଖି ଯୋଡ଼ିକ ଅପଲକ ଭାବରେ ଚାହିଁ ରହିଥିଲା ଅଶୁବାବୁଙ୍କ ମୁହଁକୁ । ସତେ ଯେପରି ଦୁଇଟିଯାକ ମୁହଁ ଏକା ହୋଇଯିବ, ଦୁଇଟିଯାକ ଶରୀର ମିଶି ଗୋଟାଏ ହୋଇଯିବ, ଦୁଇଟି ଆତ୍ମାର ମିଳନରେ ଯେପରି ସୃଷ୍ଟି ହୋଇଯିବ ଗୋଟିଏ ଅପୂର୍ବ ଜୀବ । କାମ୍ନା ସହିତ ଯନ୍ତ୍ରଣାର ମିଶିଯିବାକୁ ଯେପରି ଆଗ୍ରହୀ ହୋଇ ଉଠୁଥିଲେ ସେଇ ଅଦ୍ଭୁତ ମହଲର ଦୁଇଟି ଶ୍ରେଷ୍ଠ ଜୀବ ।

ରାଣୀ ନିଜକୁ ସଂଯତ କରି ପାରିନଥିଲେ ! ଅଶୁବାବୁଙ୍କ ହାତଟାଧରି ଉଠେଇ ନେଇଥିଲେ ।

"ମତେ କୁଆଡ଼େ ନେଉଛ ରାଣୀ ?" ଅଶୁବାବୁଙ୍କ ମୁହଁରେ ଥିଲା ଦରଫୁଟା ହସ ।

"ତୁମେ କଣ ଯିବନି !" ରାଣୀଙ୍କର ଗଳାରେ ଥିଲା ଦରଜ ।

"ମାନେ ।"

ଏତିକିବେଳେ ରାଣୀ ହାତ ବଢ଼େଇ ବୈଠକଖାନାର ସୁଇଚ୍ ବନ୍ଦ କରି ଦେଇଥିଲେ । ତାପରେ କୋଠରୀଟା ଅନ୍ଧାର ହୋଇ ଯାଇଥିଲା—ସେଇ ଅନ୍ଧକାର ଭିତରେ ରାଣୀ ତାଙ୍କ ଦୁଇ କୋମଳ ହାତର ବନ୍ଧନରେ ବାନ୍ଧି ପକେଇଥିଲେ ଅଶୁବାବୁଙ୍କୁ ସତେ ଯେମିତି ତାଙ୍କୁ ଠେକି ନେବେ ।

ଅଶୁବାବୁଙ୍କର ମନର ଭାବ ସେ ଅନ୍ଧକାର ଭିତରେ ବୁଝା ପଡ଼ୁନଥିଲେ ମଧ୍ୟ, ସେ ବୋଧେ ଭାବୁଥିଲେ ସତେ ଯେମିତି କୌଣସି ଗୁହା ଭିତରେ ଦସ୍ୟୁର ବନ୍ଧନରେ ପଡ଼ିଯାଇଛନ୍ତି—ଆଉ ତାଙ୍କର ମୁକ୍ତି ନାହିଁ ।

କି ଅଲୌକିକ କଳ୍ପନା—ସତେକଣ ଡିଟେକ୍ଟିଭର ଜୀବନ ଏଇଆ ! ତାଙ୍କ ମନର ଚିନ୍ତାଗୁଡ଼ା କଣ ଖାଲି ରିଭଲଭର, ଗୁପ୍ତଚର, ଦସ୍ୟୁ ଆଉ ଦସ୍ୟୁର ଆଡ୍ଡା ସ୍ଥଳୀ ।

ଉତ୍ତରଟା ପାଇଲେ ହୁଏତ ସେ ଓ୍ୱାଇଁକ୍ସ୍ ସୁଇଚ୍‌ଟା ବନ୍ଦ କରି ଦେଇ ତାଙ୍କୁ ଟାଣିନେବେ ବେଡ଼୍‌ରୁମ୍ ଭିତରକୁ। ଅଶୁବାବୁଙ୍କୁ ସେ ଆଜି ମୋଟେ ଛୁଇଁବେନି।

ଜଣେ ଜ୍ୟୋତିଷଙ୍କୁ ସେ କୋଷ୍ଠି ଦେଖାଇଥିଲେ। ସେ କହିଛନ୍ତି ତାଙ୍କର ନିଶ୍ଚୟ ପୁଅଟିଏ ହେବ। ତା ପରଠୁ ସେ ତାଙ୍କ ସ୍ୱାମୀଙ୍କୁ ପୁନର୍ବିବାହ ପ୍ରବୃତ୍ତିରୁ ନିବର୍ତ୍ତାଇ ପାରିଛନ୍ତି। ତାଙ୍କର ପୁଅଟିଏ ହେବ। କାହିଁକି ବା ନହେବ। ତାହେଲେ କଣ ଜ୍ୟୋତିଷ ଶାସ୍ତ୍ର ମିଥ୍ୟା—ଅସମ୍ଭବ। ସେ ଆଜି ତାଙ୍କ ସ୍ୱାମୀଙ୍କୁ ତାଙ୍କ ମନକଥା ଖୋଲି କହିବେ, ଯାହା ଜ୍ୟୋତିଷ ତାଙ୍କୁ କହିଛନ୍ତି ତାପରେ ସ୍ତ୍ରୀ ସୁଲଭ ସରଳ ଚପଳତା ଭିତରେ ବାନ୍ଧି ରଖିବେ ତାଙ୍କ ସ୍ୱାମୀଙ୍କୁ—ସେଇ ବନ୍ଧନ, ସେଇ ମମତା ଆଉ ପ୍ରତୀକ୍ଷା ଭିତରେ ସେ ଭିକ୍ଷାମାଗିବେ ଟିକିଏ ପ୍ରେମ। ଅଶ୍ରୁ ମାଡ଼ି ଦୁହାତ ଅଞ୍ଜଳୀ କରି ସେ ଭିକ୍ଷାମାଗିବେ ଗୋଟିଏ ସନ୍ତାନ—

ରାଣୀଙ୍କର ପ୍ରଶ୍ନଉପରେ ଅଶୁବାବୁ ନିରୁତ୍ତର ହୋଇ ରହି ପାରିନଥିଲେ। ସେ କହିଲେ, "ରାଣୀ ! ତୁମର ମନେ ଅଛିନା —କହିଥିଲ ସେଇଦିନ, ଯୋଉଦିନ ଓଢ଼ଣାଖୋଲି ତମ ମୁହଁକୁ ମୁଁ ଚାହିଁଥିଲି ପ୍ରଥମକରି। ଏ ଡିଟେକ୍‌ଟିଭ୍‌ର ହାତଉପରେ ହାତ ରଖି ତୁମେ ଭୁଲ କରିଛ। ତୁମେ ଉତ୍ତରରେ କଣ କହିଥିଲ ମନେ ଅଛି ? କହିଥିଲ ମୋଠୁ ଭାଗ୍ୟବତୀ ଆଉ କିଏ ଅଛି ? ତାପରେ ମୋ ହାତଟାକୁ ତୁମ ମୁଠିଭିତରେ ଧରି ମତେ କଣ କହିବାକୁ ଯାଉଥିଲ, ଏତିକିବେଳେ ମୁଁ ତମକୁ କହିଥିଲି ନା ତୁମେ ମତେ ତୁମରକରି ରଖିବାକୁ ଚେଷ୍ଟାକରିପାର, ହେଲେ ମୁଁ—ଠିକ୍ ଏତିକିବେଳେ ମୋ ମୁହଁଟାକୁ ବନ୍ଦକରିଦେଇ ମୋତେଆଉ କଥା କୁହାଇ ଦେଇନ। ସ୍ୱାଭାବରେ କୋଡ଼ିଏଟି ଅଷାଢ଼ କଟିଗଲା ରାଣୀ, ହେଲେ ଏମିତି ପ୍ରଶ୍ନ ମତେ କେବେ କରିନ, ଆଜି କାହିଁକି

ରାଣୀ ଜ୍ୟୋତିଷଙ୍କ କଥା କହିବାକୁ ଯାଉଥିଲେ କିନ୍ତୁ ହିଲେନି । ତାଙ୍କ ଛଳଛଳ ଛଳଛଳ ଆଖି ଯୋଡ଼ିକ ଅପଲକ ଭାବରେ ଚାହିଁ ରହିଥିଲା ଅଂଶୁବାବୁଙ୍କ ମୁହଁକୁ । ସତେ ଯେପରି ଦୁଇଟିଯାକ ମୁହଁ ଏକା ହୋଇଯିବ, ଦୁଇଟିଯାକ ଶରୀର ମିଶି ଗୋଟିଏ ହୋଇଯିବ, ଦୁଇଟି ଆତ୍ମାର ମିଳନରେ ଯେପରି ସୃଷ୍ଟି ହୋଇଯିବ ଗୋଟିଏ ଅସୃଷ୍ଟ ଜୀବ । ବାୟୁ ସହିତ ସୁବାସ ପରି ମିଶିଯିବାକୁ ଯେପରି ଆଗ୍ରହୀ ହୋଇ ଉଠିଥିଲେ ସେଇ ଅଦ୍ଭୁତ ମହଲର ଦୁଇଟି ଶ୍ରେଷ୍ଠ ଜୀବ ।

ରାଣୀ ନିଜକୁ ସଂଯତ କରି ପାରିନଥିଲେ ! ଅଂଶୁବାବୁଙ୍କ ହାତଟାଧରି ଉଠେଇ ନେଇଥିଲେ ।

"ମତେ କୁଆଡ଼େ ନେଉଛ ରାଣୀ ?" ଅଂଶୁବାବୁଙ୍କ ମୁହଁରେ ଥିଲା ଦରଫୁଟା ହସ ।

"ତୁମେ ଜାଣି ପାରିବନି !" ରାଣୀଙ୍କର ଗଳାରେ ଥିଲା ଦରଦ ।

"ମାନେ !"

ଏତିକିବେଳେ ରାଣୀ ହାତ ବଢ଼େଇ ବୈଠକଖାନାର ସୁଇଚ୍ ବନ୍ଦ କରି ଦେଇଥିଲେ । ତାପରେ କୋଠରୀଟା ଅନ୍ଧାର ହୋଇଯାଇଥିଲା—ସେଇ ଅନ୍ଧକାର ଭିତରେ ରାଣୀ ତାଙ୍କ ଦୁଇ କୋମଳ ହାତର ବନ୍ଧନରେ ବାନ୍ଧି ପକେଇଥିଲେ ଅଂଶୁବାବୁଙ୍କୁ ସତେ ଯେମିତି ତାଙ୍କୁ ଠେଲି ନେବେ ।

ଅଂଶୁବାବୁଙ୍କର ମନର ଭାବ ସେ ଅନ୍ଧକାର ଭିତରେ ବୁଝାପଡ଼ୁନଥିଲେ ମଧ୍ୟ, ସେ ବୋଧେ ଭାବୁଥିଲେ ସତେ ଯେମିତି କୌଣସି ଗୁହା ଭିତରେ ଦସ୍ୟୁର ବନ୍ଧନରେ ପଡ଼ିଯାଇଛନ୍ତି—ଆଉ ତାଙ୍କର ମୁକ୍ତି ନାହିଁ ।

କି ଅଲୌକିକ କଳ୍ପନା—ସତେକଣ ଡିଟେକ୍ଟିଭର ଜୀବନ ଏଇଆ । ତାଙ୍କ ମନର ଚିନ୍ତାଗୁଡ଼ା କଣ ଖାଲି ରିଭଲଭର, ଗୁପ୍ତଚର, ଦସ୍ୟୁ ଆଉ ଦସ୍ୟୁର ଆଡ୍ଡା ଗୁଳି !

ଅଶୁବାବୁ ବୋଧହୁଏ ଅଖିବନ୍ଦକରି ଦେଇଥିଲେ । ଆଖି ଟେଖାଲିଲା ବେଳକୁ ଦେଖିଲେ—ସେ ତାଙ୍କ ଶୋଇବାଘର ପଲଙ୍କ ଉପରେ ବସିଛନ୍ତି ।

ଅନ୍ୟ ସାଧାରଣ ଦିନ ଅପେକ୍ଷା ଆଜି ବେଶ୍ ସୁନ୍ଦର ସାଜସଜ୍ଜା । ରାଣୀଅସି କେତେବେଳେ ତାଙ୍କ ନିକଟରେ ବସି ପଡ଼ିଲେଣି ସେ ଜାଣି ନାହାନ୍ତି କିନ୍ତୁ ହଠାତ୍ ଯେତେବେଳେ ତାଙ୍କର ଡ୍ରେସିଂ ଟେବୁଲର ଆଇନାକୁ ଚାହିଁ ଦିଅନ୍ତି, ଦେଖନ୍ତି ଯୋଡ଼ିଏ ଜୀବ । ବାଃ ବଡ଼ ସୁନ୍ଦର । ପ୍ରଥମେ ସେ ନିଜର ପ୍ରତି ଛବିକୁ ଦେଖି ବିଶ୍ୱାସ କରି ପାରିଲେନି । ସେ ଆଜି ଏତେ ସୁନ୍ଦର ଦେଖା ଯାଉଛନ୍ତି କାହିଁକି ? ଅଉ ରାଣୀ, ନା ସେ ଆଜି ମାନବୀ ନୁହଁ—ଦେବୀ—ନା—ଗାନ୍ଧର୍ବୀ – ନା, ନା ସେ ଅପ୍ସରୂପା ଅଯୋଧ୍ୟା ରମଣୀ ଆସିଛି ଋଷ୍ୟଶୃଙ୍ଗଙ୍କୁ ପ୍ରେମଦେଇ କିଣିନେବାକୁ ଲୋମ-ପଦର ରାଜ୍ୟକୁ ।

ଅଗୁରୁ ଗନ୍ଧରେ ଘର ଭିତରଟା ମହକି ଉଠୁଥିଲା । ରଜନୀ ଗନ୍ଧାର ବାସ୍ନାନେଇ ମୁଣ୍ଡଉପରେ ପଙ୍ଖାର ଥିରି ଥିରି ପବନ ଖେଳି ବୁଲୁଥିଲା ଅଶୁବାବୁଙ୍କ ଗୁରୁପଟେ ।

ସିଗାରେଟ୍ରୁ ଧୂଆଁ ପୁଳାଏ ଯୋରରେ ଟାଣି ଆହୁରି ଗମ୍ଭୀର ହୋଇଯାଇଥିଲେ ଅଶୁବାବୁ—

ରାଣୀତାଙ୍କ ତନ୍ଦ୍ରା ଭାଙ୍ଗି କହିଲେ, "କଣ ଶୋଇବନି ?"

"ଏଁ, କଣ କହିଲ ।"

ବଡ଼ ଅନ୍ୟମନସ୍କ—ରାଣୀ ନିଜେ ଉଠିଯାଇ ଘରର ସୁଇଚ୍‌ଟା ଟିପି ଦେଇଥିଲେ—ବନ୍ଦ ହୋଇଯାଇଥିଲା ୧୦୦ ପାୱାରର ବଲ୍‌ବଟା ଏବଂ ତା ପରିବର୍ତ୍ତେ ଜଳି ଉଠିଥିଲା ଗୋଟିଏ ଛୋଟିଆ ୱାଟ୍‌ଲେସ୍ ବଲ୍‌ବ—"ଏ କଣ କରୁଛ ରାଣୀ—ମୋର ଯେ

ଗାଇବା ସମୟ ହେବନି ।" ଖୁବ୍ ଉରଉରରେ କହୁଦେଇଥିଲେ ଶ୍ୱାବାରୁ ।

"ସବୁଦନ ସମୟଟାକୁ ଧରି ବସିଲେ ଚଳେନି । ଅଜ ବେ…" ରାଣୀ ମଣାସ୍ରିଟା ଟାଣି ଦେଇଥିଲେ—ତାପରେ ପା’ ପାଛରେ ଗୋଡ଼ ପୋଛୁ ନିଜେ ଉଠି ଯାଇଥିଲେ ବିଛଣା ପରକୁ ।

ମଣାସ୍ରି ପଡ଼ିଛି—ଗୋଟିଏ ବିଛଣା—ଯୋଡ଼ିଏ ଜୀବ—ଗୋଟିଏ ନାରୀ ଅନ୍ୟଟି ପୁରୁଷ —

ଅଷାଢ଼ର କହଲ୍ଲ ପବନ ଝଁରକା ଦେଇ ପଶିଥିଲ୍ଲ ସେ କାଠସ୍ରିଭିତରେ—ରାଣୀ ଗୋଡପାଖ ରେଜେଇଟାକୁ ଭିଡ଼ି ନଇଥିଲେ —

କଳିଙ୍ଗବେଲ ବାଜିଉଠିଲ୍ଲ—ଏତେ ଯୋରରେ ବାଜୁଥାଏ ଯ ଅଶ୍ୱାରୁ ଆଜ ଶୋଇପାରି ନଥିଲେ । ଉଠିବାକୁ ବାଧ ହେଲେ-ରୁ ରାଣୀ ମନା କରୁଥିଲେ ।

ସେ କଣ ମାନିବା ଜନ୍ତୁ । ରାଣୀଙ୍କର ହାତଟା ତାଙ୍କ ଗ୍ଲତ ରୁ ଅଡ଼େଇଦେଇ ଉଠିଲେ । କହିଲେ, "ରାଣୀ ଏଇଟା କୌଣସି ଗୁରୁତର ଜରୁରୀ—ତା ନ ହେଲେ କଳିଙ୍ଗବେଲଟା ତେ ଜୋରରେ ବାଜି ନ ଥାନ୍ତା—ମତେ ମୋ କର୍ତ୍ତବ୍ୟ ପଥରେ ବାକୁ ତୁମେ ବାଧା ଦଅନା ରାଣୀ !"

ପଲଙ୍କଉପରୁ ମଶାସ୍ରି ଉଠେଇ ଓହ୍ଲେଇଥିଲେ ଅଶ୍ୱାରୁ । ଜେଇଟାକୁ ଅଡ଼େଇ ଦେଇ ରାଣୀ ଅଧଉଠା ହୋଇଥିଲେ । ତୁମେ ସତେ ଗୁଲିଦାଜଛ ନା କଣ ?" କେତେ ଅଭୁଲଥିଲ ସେ ଶୁର ଲ୍ଭଷ୍ୟ । କେତେ କୋମଳଥିଲ ସେ ମିନତିଭରା ଗୁହାଣୀ·· !!

ସତେତକଣ ଅଶ୍ବବାବୁ ଗୋଟିଏ ନାରୀର ନିବେଦନକୁ ଅଣଦେଖି ଦେଇ ଚାଲିଯିବେ ?

ପର ମୁହୂର୍ତ୍ତରେ ରାଣୀ ଜାଣୁ ଦେଖିଲେ ପୁଣି ବୈଠକଖାନାର ବତୀ ଜଳିଉଠିଲାଣି—ଗମ୍ଭୀର ପଦକ୍ଷେପରେ ଆଗେଇ ଚାଲିଛନ୍ତି ଅଶ୍ବବାବୁ ।

ଠିକ୍ ଯେମିତି ଯୁଦ୍ଧଭୂମିର ସୈନିକ । ଜୀବନର ସବୁ ସରସତା, ସବୁ ମମତା ଆଡେଇଦେଇ ଆଗେଇ ଚାଲିଛି କଦମ ପରେ କଦମ ବଢ଼େଇ—'Forward March'ର ଆବାହନରେ । ଦେଶର ସୈନିକ ସେ—ଦେଶର ଡ଼ାକରେ ତା ସ୍ମୃତି ଭିତରଟା ଯେମିତି ପଥର ହୋଇଯାଇଛି ।

ରାଣୀ ବିଛଣାରୁ ଓହ୍ଲେଇ ଚାଲି ଚାଲିହୋଇ ବୈଠକଖାନାର ଦ୍ଵାରବନ୍ଧ ପର୍ଯ୍ୟନ୍ତ ଆସିଲେ—ସେ ପଦଚାଲାର ଗତି ଏତେ ମନ୍ଥର ଥିଲାଯେ, ରାଣୀ ସେତେବେଳକୁ ତାଙ୍କର ନିଜତ୍ଵ ହରେଇ ବସିଥିଲେ ସେ ଯେମିତି କୌଣସି କୁହୁକ ମନ୍ତ୍ର ! କାହିଁକି ମରଣରେ ଆଗେଇ ଯାଉଥିଲେ, ସେ କଥା ସେ ନିଜେ ବି ବୁଝିପାରୁ ନଥିଲେ । ସେ ତେବେ କାହିଁକି ? ଯଦି ତାଙ୍କ ନିଜର ସ୍ବାମୀ ତାଙ୍କ ବିଷୟରେ ଏତେ ଉଦାସୀନ— ସେ ତେବେ କଣ ମଣିଷ ନୁହନ୍ତି ? ତାଙ୍କର କଣ ବିବେକ ନାହିଁ ?

ନା ସେ ଅବିବେକୀ ସତ୍ତ୍ୱହରା ହୋଇ ଯାଇଥିଲେ । ସ୍ବାମୀଙ୍କର କୋମଳ ଅଙ୍ଗସ୍ପର୍ଶ ଭିତରେ ସେ ଯେମିତି ଆତ୍ମବିଭୋର ହୋଇ ଉଠିଥିଲେ । ନାରୀ ପୁରୁଷଠାରୁ ଯାହା ଚାହେଁ, ସେ କଣ ତା, ତାଙ୍କ ସ୍ବାମୀଙ୍କଠୁ ସେଦିନ ସେତିକିବେଳେ ଚାହିଁ ନଥିଲେ ? ତଥାପି ନାରୀର ନିବେଦନକୁ ଅଗ୍ରାହ୍ୟ କରି ମଣିଷ ଆଗେଇଚାଲେ ତା କର୍ତ୍ତବ୍ୟ ପଥରେ ।

ସେଇ କର୍ତ୍ତବ୍ୟ ଅଜି ରାଣୀଙ୍କର ବାହୁବନ୍ଧନ ଭିତରୁ ଂଶୁବାବୁଙ୍କୁ ଟାଣି ନେଇଛି । ନା ସେ ଦୁଃଖ କରିବେନି । ମଣିଷ ା କର୍ତ୍ତବ୍ୟ କରିବ ହିଁ, ମଣିଷ ତଲେ ଗଣା ହୋଇଛି । ଯିଏ ନିଜର ର୍ତ୍ତବ୍ୟରେ ହେଳାକରେ ସେ ମଣିଷନୁହେଁ, ସେ କେବଳ ଏ ଥିରେ ଗୋଟାଏ ଜୀବ—ଜନ୍ମ ଅଉ ମୃତ୍ୟୁର ବ୍ୟବଧାନ ଭିତରେ ସ କିଛି ରଖିଯାଇ ପାରେନା ।

ତେବେ ସେ କାହିଁକି ତାଙ୍କ ସ୍ୱାମୀଙ୍କୁ ନିଜର କର୍ତ୍ତବ୍ୟ କର- ାକୁ ବାଧାଦେବେ ? ଅଜଯାଏ କେବେ ବି ରାଣୀ ତାଙ୍କୁ କୌଣସି ଥାରେ ବାଧା ଦେଇନାହାନ୍ତି । ସେ ଏ ଭୁଲଟା ଅଜ କାହିଁକି ଲେ ? ଅନୁତାପ—ଅନୁରାଗ ଅଉ ଅନୁତାପର ସଂଘର୍ଷଭିତରେ ଣୀ ଦେଖିଲେ ଅଶୁବାବୁ କୌଣସି ଜଣେ ଭଦ୍ରଲୋକଙ୍କ ସହିତ ଥାବାର୍ତ୍ତା ଆରମ୍ଭ କରିଦେଲେଣି । ଭଦ୍ରଲୋକଟିର ଅଖିରେ ଥିଲା ଦ୍ଧ—ଗଳାର ସ୍ୱରରେ ଥିଲା କୋହ । ନା ନିଶ୍ଚୟ ଲୋକଟି ପଦରେ ପଡ଼ି ତାଙ୍କ ସ୍ୱାମୀଙ୍କ ପରାମର୍ଶ ଲୋଡ଼ୁଛି ।

ରାଣୀ ଫେରିଆସିଲେ । କିଛି ସମୟପରେ ଅଲମିରା ଖୋଲି ାର ଶବ୍ଦ ଶୁଣିବାକୁ ପାଇଲେ । ବିଷୟଟା ଅନୁମାନ କରିନେଲେ ାଣୀ—କାରଣ କୌଣସି ସାଧାରଣ ପରିସ୍ଥିତିରେ ଅଶୁବାବୁ କବେହେଲେ ଅଲମିରା ଖୋଲନ୍ତିନି । ତା ଭିତରେ ତାଙ୍କ ଟେକ୍ଟିଭ ଇକ୍ୟୁପମେଣ୍ଟସ - ରିଭଲଭର ଇତ୍ୟାଦି ଥାଏ ।

ତାପରେ ହଠାତ୍ ଅଶୁବାବୁଙ୍କ ଗଳାର ଅବାଜ ଶୁଣିବାକୁ ାଇଲେ ଶୋଇବାଘରର ଦରଜା ନିକଟରେ ।

"ମୁଁ ଅସୁଛି ରାଣୀ—ମୋପାଇଁ ଅପେକ୍ଷା କରିବନି—ମୁଁ ଗାଡ଼ିକୁ ପଠେଇ ଦେଉଛି"।

ତାପରେ ସେ ରାଣୀଙ୍କଠୁ କୌଣସି ଉତ୍ତର ନ ପାଇ ବୃଦ୍ଧ ପଣ୍ଡା ଭଦ୍ରଲୋକଙ୍କୁ ସାଙ୍ଗରେ ଧରି ଷ୍ଟେସ୍ନାର—କେସ୍ତେ ଓହ୍ଲାଇଲେ ।

ରାଣୀ ବୃଦ୍ଧିପାର ଯାଇ ବୈଠକ ଖାନାର ଦରଜା ବନ୍ଦକ ଦେଇ ଅସିଲେ ।

ପାଠକେ ! ଯୋଗ ଭଦ୍ରଲୋକଙ୍କ ସହିତ ଅଶୁବାବୁ ଲ ଛାଡ଼ି ହୋଇଥିଲେ, ସେ ଅନ୍ୟକେହି ନୁହନ୍ତି—ଅମର ଜାନକୀବାବୁ

ସେଇ ଅଷାଢ଼ର ଗମ୍ଭୀର ନିଶୀଥରେ ପାଦପବେଗ ଚାଲି ଥାନ୍ତି ଅଶୁବାବୁ । ମନରେଥିଲା ଅପରାଧମୂଳକ ପୂର୍ବ ଇତିହାସର ଏକ ତୁଳନାତ୍ମକ ଆଲୋଡ଼ନ । ମନରେଥିଲା ଦମ୍ଭ, ଗୁଡିରେଥିଲା ସାହସ—ଆଉ ହାତରେ ଥିଲା ରିଭଲଭର । ଅଷ୍ଟେଲିଆର ଗୁଳି ଭରିଥିଲା ଗୃହଆଡ଼େ । ଅସାଧାରଣ ଅଷ୍ଟ ତାଙ୍କର—ସତେ ଯେମିତି ଦାଆଡା ଅଧିକ ଶକ୍ତିଦେଇ ତିଆରି କରିଥିଲା ସେ ଅଷ୍ଟ ଦୁଇଟିକୁ ।

ଗଙ୍ଗାର ଉପକୂଳରେ ଠିଆହୋଇ ରହିଛନ୍ତି ଜୀର୍ଣ୍ଣଶୀର୍ଣ୍ଣ ମୋଗଲ ରାଜତ୍ୱର ଅଟ୍ଟାଳିକା ସବୁ । ଧ୍ୱସ୍ତ-ବିଧ୍ୱସ୍ତ-ତଥାପି ସେ ଇତିହାସର ସାକ୍ଷୀ ହଉଛନ୍ତି । ତଥାପି ଗର୍ବ ଅସେ ଭାରତୀୟ ସ୍ଥାପତ୍ୟବିଦ୍ୟାର ଗୌରବ ଦେଖି ।

ଦିନେ ଯୋଉ ହର୍ମ୍ୟସବୁ ବାଦଶାହାମାନଙ୍କର ପ୍ରମୋଦର ହେନା ଗନ୍ଧଭିତରେ ହସି ଉଠୁଥିଲା, ସେ ସବୁ ଆଜି ହୋଇଛି ଭୂତ, ପ୍ରେତ ଆଉ ସର୍ପମାନଙ୍କର ବାସସ୍ଥଳୀ । କୁଙ୍କୁମ ଚନ୍ଦନ ଚର୍ଚ୍ଚିତ ଅଟ୍ଟାଳିକାର କାନ୍ଥସବୁ ଫାଟିଗଲାଣି କାଳର ଅଟ୍ଟହାସରେ । ବରଗଛର ଚେରମାନ କାନ୍ଥରେ ସବୁ ଶାଖା ପ୍ରଶାଖା ମେଲି ମୁଣ୍ଡଟେକି ଠିଆ ହେଲଣି ଛୋଟଛୋଟ ବରଗଛ ।

ଅଟ୍ଟାଳିକାର ତଳଦେଶରେ ପିଚୁଦିଆ ରାସ୍ତା ଲମ୍ବିଯାଇଛି ମିର୍ଜାପୁର ଦେଇ ବିନ୍ଧ୍ୟାଚଳ ପର୍ଯ୍ୟନ୍ତ; ତାପରେ ବିନ୍ଧ୍ୟାଚଳର ଭୀଷଣ ଅରଣ୍ୟାନୀ ଭିତରେ ନିଜକୁ ଟାଣିନେଇ ଆଗେଇ ଯାଇଛି ବହୁଦୂର ।

ଅଶୁବାବୁ ଅଗେଇଥାନ୍ତି । ହଠାତ୍ ‘ତାଙ୍କ ପାଦ ଅଟକିଗଲା ଗଙ୍ଗାକୂଳସ୍ଥ ଗୋଟାଏ ବଡ଼ ବରଗଛ ତଳେ । ଗହଳିଆ ଗଛଟା ଅଷାଢ଼ର ଅନ୍ଧାର ରାତିକୁ ଅଧିକ ଘନୀଭୂତ କରି ପକାଇଛି ତା'ର ବହଳିଆ ଛାଇ ।

ଦୂରରୁ ସେ ଠିକ୍ ଶୁଣିଛନ୍ତି କାହାର ପାଦଶବ୍ଦ । କିନ୍ତୁ ଚାହିଁଦେଖିଲେ. ବାଦୁଡ଼ିଗୁଡ଼ା ତାଙ୍କୁ ଦେଖି ଚୋଟେ ଏଡ଼ାଳି ସେଡ଼ାଳି ହେଉଛନ୍ତି । ଗଙ୍ଗା ଉପର ପବନରେ ବରଗଛର ପତ୍ର ଗୁଡ଼ା ଖଡ଼୍ ଖଡ଼୍ ହେବାକୁ ଆରମ୍ଭ କଲାଣି । ଅଧିକ ଭୟଙ୍କର-ଅନ୍ୟକେହି ରାତିରେ ସେ ରାସ୍ତା ଦେଇ ଯିବାକୁ ସାହସ କରନ୍ତିନି । ପୁଣି ପ୍ରବାଦ ଅଛି ସେଇଟା ଗୋଟାଏ ଭୂତବର । ଅନେକ ଲୋକ ମଧ୍ୟ ସେଇ ବରଗଛ ମୂଳରେ ଭୂତ ଦେଖି ଅଚେତ ହୋଇ ପଡ଼ିଛନ୍ତି । କେତେବା ପ୍ରାଣ ହରେଇଛନ୍ତି ।

କିନ୍ତୁ ଅଶୁବାବୁଙ୍କର ଭୂତପ୍ରେତରେ ବିଶ୍ବାସ ନଥାଏ । ସେ ସ୍ଥିର ହୋଇ ଠିଆ ହୋଇ ଦେଖିଲେ ଭଙ୍ଗା ଅଟ୍ଟାଳିକାର ଫାଟ କାନ୍ଥ ଦେଇ ଦିଶୁଛି ଗୋଟିଏ କ୍ଷୀଣ ରଶ୍ମି—କି ଆଶ୍ଚର୍ଯ୍ୟ ! ଯା ଭିତରେ ମଧ୍ୟ କଣ ଲୋକ ରହିବାର ସମ୍ଭବ । ହଁ ନିଶ୍ଚୟ, ତା ନହେଲେ ଏ ଆଲୋକ ଜାଳନ୍ତା କିଏ ? ଅଧିକ ନିରୀକ୍ଷଣ କରି ଦେଖିଲେ ଦୁଇଟି କଳା କଳା ଛାଇ ପଡ଼ୁଛି । ନିଶ୍ଚୟ ସେ ମଣିଷଛାଇ । ତାଙ୍କ ମନ ଭିତରଟା ଚଞ୍ଚଳ ହୋଇ ଉଠିଥିଲା ।

ସେ ଭଙ୍ଗା କାନ୍ଥ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ । କିନ୍ତୁ ବଡ଼ କାନ୍ଥଟା । ପ୍ରାଚୀରଟିର କାନ୍ଥ ଦଶଫୁଟରୁ ଅଧିକ ଉଚ୍ଚ । ପକେଟ୍ ଦରାଣ୍ଡି ଦେଖିଲେ ତାଙ୍କ ହୁକ୍ ଲଗା ବସି ନାହିଁ । ନିରୁପାୟ ହୋଇ ବରଗଛର ଗୋଟାଏ ଡ଼ାଳ ଧରି ଗଛ ଉପରକୁ ଉଠିବାକୁ ଚେଷ୍ଟା

କଲେ । ହଁ ଏଥର ଗଛର ଉପର ଡାଳଟା ଲମ୍ବିଯାଇଛି ପାଚେରୀ ସେପଟକୁ — ଠିକ୍ — ଏଥର ସେ ଉଠିଲେ ।

ବାହୁଡ଼ିଗୁଡ଼ା ଭୟରେ ଗଛରୁ ଉଡ଼ିବାକୁ ଆରମ୍ଭ କଲେ । ସେ ଅତି ସାବଧାନତାର ସହିତ ଡାଳକୁ ଡାଳ ହୋଇ ଉପରଡାଳ ଧରିଲେ । ଗୋଟାଏ ଶାଖାହୀନ ଲମ୍ବାଡାଳ ପୋକଟା ଲମ୍ବିଛି ପାଚେରୀ ଭିତରକୁ । ଗୋଡରେ ଅଶ୍ରୟ ଦେବାକୁ ଡ଼ାଳଟାରେ ଟିକିଏ ହେଲେ ଜାଗା ନାହିଁ ।

ଭାଲବିଲମ୍ବ ନକରି ପେଟେଇ ପେଟେଇ ଉଠିଥିଲେ । ଡାଳର ଛିଣ୍ଡା ଛିଣ୍ଡା ଅଂଶ ଲାଗି ତାଙ୍କଗ୍ଭିତ ଅଙ୍ଗ ପେଟର କେତେ ଜାଗା କଟିଗଲାଣି — ସେଥିପ୍ରତି ତାଙ୍କର ଭ୍ରୁକ୍ଷେପ ନାହିଁ ।

ହଁ ସେ ଏଥର ପାଚେରୀ ଉପର ଦେଇ ଅଟ୍ଟାଳିକା ଭିତରକୁ ଅତିକ୍ରମ କଲେ । ତାପରେ ଡାଳଟାରେ ଓହଳି ପଡ଼ି ତଳକୁ ଡେଇଁ ପଡ଼ିଥିଲେ । ଘନ ବୁଦୁ-ବୁଦୁକିଆ କଣ୍ଟାଗଛର ଜଙ୍ଗଲ — ସେ ନିଶ୍ଚୟ ଗୋଟାଏ କଣ୍ଟାବୁଦା ଉପରେ ପଡ଼ିଯାଇଛନ୍ତି । ଦୁଇହାତର ପାପୁଲି ଭିତରେ କେତେ ଗୁଡ଼ାଏ କଣ୍ଟାର ଅଘାତ ।

ବରଗଛର ଡାଳଟା ଉପରକୁ ଉଠି ତଳଉପର ହେଉଛି । ଅଶୁବାବୁ ତଳେବସି ପଡ଼ିଥାନ୍ତି । ଅଣ୍ଟାରେ ତାଙ୍କର ଟିକିଏ ଅଘାତ ଲାଗିଛି ! ହାତରୁ କଣ୍ଟା ଗୁଡ଼ାକ କାଢ଼ି କାଢ଼ି ଚାରି ଆଡ଼କୁ ଦୃଷ୍ଟିପାତ କରି ରାସ୍ତା ଦେଖୁଥାନ୍ତି । ନା ମୋଟେ ବାଟନାହିଁ । ଅରମା ଜଙ୍ଗଲ ।

ହଠାତ୍ ଗୋଟିଏ ଅଲୋକର ଫୋକାସ୍ ଅସି ବୁଲିବାକୁ ଆରମ୍ଭ କଲା । ଅଶୁବାବୁ ପେଟେଇ ପଡ଼ି ଦେଖିଲେ, ଫୋକାସ୍‌ଟା ବରଗଛର ଡ଼ାଳକୁ ଲକ୍ଷ୍ୟ କରୁଛି । ତାପରେ ଗୋଳିଗୁଳି ଏପଟ ସେପଟ ହେଉଛି ।

ଅଶୁବାବୁ ଏଥର ଲମ୍ବହୋଇ ସେ କଣ୍ଟାବଣ ଉପରେ ଶୋଇପଡ଼ି ଲକ୍ଷ୍ୟ କରୁଥାଆନ୍ତି ଅଲେକର ଆସିବା ବାଟକୁ । ଠିକ୍ ତାଙ୍କର ସେଇ ନିର୍ଦ୍ଦିଷ୍ଟ କୋଠରୀର ଗୋଟିଏ ଝରକା ଭିତରୁ କିଏ ଜଣେ ଅତି ପାୱାରଫୁଲ ଟର୍ଚ୍ଚ ଫୋକସ୍ କରୁଛି ଏବଂ ସେଇପରି ଗୋଟିଏ ପ୍ରଦୀପ ଜଳୁଛି ଘର ଭିତରେ ।

କିଛି ସମୟପରେ ଆଲୋକଟା ଲିଭିଗଲା । ଅଶୁବାବୁ ଗୁରୁଣ୍ଡି ଗୁରୁଣ୍ଡି ଅଗେଇଲେ ସେଇ କୋଠରୀ ପର୍ଯ୍ୟନ୍ତ । ପଶିଷ ପାଟିର ବିକଟାଳ ହସ । ଜଣେ ହସୁଛି ଏବଂ ଅନ୍ୟଜଣେ କଣ କହୁଛି— ଅତି ଧୀରେ । କାନ୍ଥଟା ଅତିକ୍ରମ କରି ତା'ର ଶବ୍ଦ ଭଲ ରକମ ଶୁଣା ଯାଉନି । ତା'ର ଭିତରୁ କିନ୍ତୁ ଅଶୁବାବୁ କେତେପଦ କଥା ଅନୁମାନ କରିଥିଲେ । ଅଶୁ—ଦାସ—ଜା—ନି—କି—ତାପରେ କ୍ଷୀଣ ହୋଇ ଯାଉଥିଲା କଣ୍ଠର ସ୍ୱର ।

ଅଶୁବାବୁଙ୍କ ଅନୁମାନ ବୋଧେ ଠିକ୍—ସେ ଆତତାୟୀ ନିଶ୍ଚୟ ତାଙ୍କ କବଳରେ । ନା, ସେ ମୋଟେ ଘାବରେନି ।

ପକେଟରୁ ରିଭଲଭରଟା ବାହାରକରି ହାତରେ ଧରିଲେ । କାନ୍ଥକରଡେଇ ଦରଜା ନିକଟକୁ ଆସିବାକୁ ଚେଷ୍ଟାକଲେ । ତାଙ୍କୁ ନିଶ୍ଚୟ ଆତତାୟୀର ସାମନା ସାମନି ହେବାକୁ ।

ଅଶୁବାବୁଙ୍କ ନିଜର ବଳଉପରେ ତାଙ୍କର ଅଦମ୍ୟ ବିଶ୍ୱାସ— କାରଣ ବହୁ ପରିସ୍ଥିତିଉପରେ ସେ ନିଜେ ଶତ୍ରୁପକ୍ଷ ଦୁର୍ଦ୍ଧାନ୍ତ ଡକାୟତ ସହିତ ଲଢ଼ିଛନ୍ତି । ତାଙ୍କ ପରାକ୍ରମ ନିଶ୍ଚୟ ଶତ୍ରୁ ସେଦିନ ଜାଣିଥିବ ।

ଅଗେଇ ଅଗେଇ ଦେଖିଲେ, ନା ଦରଜା ତାଙ୍କୁ ମିଳୁନି । କୋଠରୀଟା ବଡ଼ ଲମ୍ବା—ଅନ୍ଧାରଭିତରେ ପୁଣି କିଛି ଦେଖାଯାଉ ନଥାଏ ।

ଭଣ କରିବେ । ତେଣୁହେଲେ ହୁଏତ ସେମାନେ ଗ୍ଲୁମ୍ବାଭ
ପ ରନ୍ତି । ତାହେଲେ ତାଙ୍କର ସମସ୍ତ ପରିଶ୍ରମ ପଣ୍ଡ ହୋଇଯିବ ।
ଆଜ ଦଶ ବାରଗଜ ଅତିକ୍ରମ କଲାପରେ ସେ କ୍ଳାନ୍ତି ପଡ଼ିଲେ ।
ଦ୍ୱାରମାର ଦେଖିଲେ ଗୁଡ଼ାଏ ପାହାର ଉପରକୁ ଲମ୍ବିଛି । ଗୋଟାଏ
ଗୋଟାଏ କରି ଉପରକୁ ଉଠିଲେ । ସେ ପ୍ରାୟ ୪୦ଟା ପାହାଚ
ଅତିକ୍ରମ କଲେଣି କିନ୍ତୁ ଶେଷ ନାହିଁ—ଆହୁରି ଯେ କେତେ
ଉପରକୁ ଉଠିବେ କିଛି ଜଣାନାହିଁ ।

ସେ ବୋଧେ ବାଟ ଭୁଲିଛନ୍ତି । ଏଇଟା ଠିକ୍ ରାସ୍ତାନୁହେଁ—
ପକେଟରୁ ଟର୍ଚ୍ଚ କାଢ଼ି ଦେଖିଲେ ସେ ପ୍ରାୟ କୋଠା ଉପରେ
ହେବାକୁ ବସିଲେଣି ।

କି ଭ୍ରମ ତାଙ୍କର । ପୁଣି ଓହ୍ଲାଇଲେ ତଳକୁ । ସେ
କୋଠାଟିର ଅନ୍ୟ ପଟରେ ଯାଇ ଦେଖିଲେ, ନା, କୌଣସି ରାସ୍ତା
ନାହିଁ । କୋଠିକୁ ଲାଗି ଅଠର ଫୁଟ ଉଚ୍ଚର ଗୋଟାଏ ପାଚେରି
କୁ ଆଡ଼େ ଯାଇଛି । ଫେରିଲେ । ସେ କିନ୍ତୁ ହତୋତ୍ସାହ ହୋଇ
ନାହାନ୍ତି । ଯେଉଁ ପାହାଚ ସବୁ ଦେଇ ସେ ଉଠିଥିଲେ ପୁଣି
ସେଠିକି ଆସି ଭାବିଲେ, ନା ଏଥର ସେ କୋଠା ଉପରକୁ ଯାଇ
ରାସ୍ତାଟା ଅନୁମାନ କରିବେ । ଝରକା ଦେଇ ପୁଣି ଦେଖିଲେ
ଆଲୋକଟି ଠିକ୍ ସେପରି ଜଳୁଛି । କିନ୍ତୁ ତାହାର ପାଖି ଶୁଣ
ଯାଉନି ।

ତେବେ କଣ ଅତତାୟୀ ଗୁଲିଗଲେ । ପାଠକେ । ମନେ
ଝରକାଟା କୋଠିଟିର ପ୍ରାୟ ୮ ଫୁଟ ଉଚ୍ଚରେ । ବାହାରକୁ କେବଳ
ଆଲୋକ ଦେଖିବା ଛଡ଼ା କୋଠିଭିତ୍ର ଅନ୍ୟ କିଛି ଭିତ
ଜିନିଷ ଦେଖାଯାଏନି । ରାସ୍ତା ଉପରୁ କିନ୍ତୁ ଅଶୁବାବୁ ଝରକା
ଦେଇ କଳାଙ୍ଗିଭ ଚୁରିଟା ଦେଖିଥିଲେ । ବୋଧେ ରାସ୍ତାର ଉଚ୍ଚ
ସଙ୍ଗେ ଝରକାର ଉଚ୍ଚତା ସମାନ ଥିବ ।

ଅଂଶୁବାବୁ ଉଇ ପାହାଚକୁ ଉଠିଯିବାକୁ ବସିଲବେଳେ ଗୋଟିଏ ଗ୍ଲେଟ କବାଟ ତାଙ୍କ ଦୃଷ୍ଟି ଗୋଚର ହେଲ । ସେ ବୁଲିପଡ଼ି ଦେଖିଲେ ପାହାଚ କଡ଼କୁ ଟିକିଏ ଦୂରରେ ଜାଇଁଳି କବାଟ ଲଗା ଗୋଟିଏ ଦରଜା ।

ଦରଜା ନିକଟକୁ ଅସି ଦେଖିଲେ ଖୋଲିଅଛି । ଦରଜାଟ ଖୋଲିବାକୁ ଚେଷ୍ଟାକଲେ କିନ୍ତୁ ଅବାଜ ହେଉଛି । କେଉଁ ଯୁଗର କବାଟ ସବୁ । କେଁ କଟର ନ ହୋଇ ଖୋଲୁଛି ବା କେତେବେଳେ । କବାଟର ଖୋଲିବା ଶବ୍ଦରେ କାଳେ ଅତତାୟୀ ଖସିଯିବେ । ଧୀରେ ଧୀରେ ଇଞ୍ଚେ ଇଞ୍ଚେ କରି କବାଟଟାକୁ ଅତି ସତର୍କତା ସହ ଖୋଲିଲେ । ତାପରେ ଦେଖିଲେ ଗୋଟିଏ ବଡ ଅଗଣା । ଅଗଣା ମଝିରେ ମଧ୍ୟ ଅରମା ଗଛ ସବୁ, ଜନ ସମାଗମର ଅାଦୌ ପରିଚୟ ଦେଉ ନ ଥାଏ । ଗୋଡ଼ ବଢ଼େଇ ଭିତରେ ପଶିଲେ ଅଂଶୁବାବୁ ।

ପାଦ ଚିପି ଚିପି ବାରଣ୍ଡା ଉପରକୁ ଉଠିଲେ । ବଡ ବଡ଼ ଗମ୍ବୁଜସବୁ ଅତି ନିକଟ ନିକଟରେ ଦଣ୍ଡାୟମାନ । କୋଠରୀ ପରେ କୋଠରୀ ଅତିକ୍ରମ କରି ତାଙ୍କ ନିର୍ଦ୍ଦିଷ୍ଟ କୋଠରୀର ଅନତିଦୂରରେ ତାଙ୍କର ପାଦ ଅଟକି ଗଲ । ମଣିଷର ସ୍ୱର । ଅଦୂର ଟିକିଏ ଅଁଲତାର ସହିତ କୋଠରୀଟିର ସାମନାକୁ ଯିବାକୁ ଚେଷ୍ଟାକଲେ କିନ୍ତୁ ଦେଖିଲେ ଦୁଇଜଣ ଲୋକ ସେ କୋଠରୀ ଭିତରୁ ବାହାରକୁ ଚାଲି ଅସୁଛନ୍ତି । ସେ ହଠାତ୍ ଗୋଟାଏ ଗମ୍ବୁଜର ପଛପଟେ ଲୁଚି ଗଲେ ।

ଦୁଇଜଣ ଲୋକ—ଖୁବ୍ ଉଚା—ଅନୁମାନ ୬ଫୁଟ ୪ଇଞ୍-ଦହସାର୍ କଳା ଓଭରକୋଟ—କେବଳ ପାଦ ଦୁଇଟି ଯାହା ଲକ୍ଷ୍ୟ ହେଉଥିଲ । ସେଥିରେ ପୁଣି ଅନ୍ଧାର ।

ଘର ଭିତରୁ ବାହାରକୁ ଅସି, ସେମାନେ ସେଇ ଅନ୍ଧକାର ତ ଛାତରେ ଦ୍ରୁତପଦରେ ଅଗେଇ ଯିବାକୁ ଲଗିଲେ ।

ଏଇ ହେଉଚି ସୁବର୍ଣ୍ଣ ସୁଯୋଗ—ଅଶ୍ବବାବୁ ଏଥର ସୁଝିବେନି । ରିଭଲ୍‌ଭର ହାତରେ ଧରି ଲକ୍ଷ୍ୟ କରିବା ପୂର୍ବରୁ ହଠାତ୍ ତାଙ୍କ ମନକୁ ସ୍ପର୍ଶକଲା, "ଏମାନେ କଣ ପ୍ରକୃତରେ ହମନ୍ ସିଂର ହତ୍ୟାକାରୀ ?" ସେ ନିର୍ଦ୍ଦୋଷୀ ଲୋକ ଦୁଇଟାଙ୍କୁ ଆଘାତ କରିବେ କାହିଁକି ? ନା, ସେମାନେ କୁଆଡ଼େ ଯାଉଛନ୍ତି, ସେମାନଙ୍କର ସନ୍ଧାନ ନେବାକୁ ହେବ—ତା ପରେ······

ରିଭଲଭରଟାକୁ ପୂର୍ବପରି ପକେଟଭିତରେ ପୂରେଇ ଦେଇ ସେ ଦୁଇଟି ଲୋକଙ୍କ ଅନୁଗମନ କଲେ ।

ପ୍ରାୟ ପନ୍ଦରଗଜ ଗୁଲିଗଲା ପରେ ପୂର୍ବପରି ସେଇ ପାଟେରୀ ଘର ରହସ୍ୟ କୋଠରୀ ଗୁଡ଼ିକୁ । ଗୋଟାଏ ଦରଜା ଖୋଲିବାର ଶବ୍ଦ ହେଲା । ଦୁଇଜଣ ଲୋକ ଦରଜା ଡେଇଁ ବାହାରକୁ ଗଲେ । ଅଶ୍ବବାବୁ ମଧ୍ୟ ସେତେବେଳେ ପୂର୍ବାପେକ୍ଷା ଅଧିକ ଚଞ୍ଚଳ ହୋଇ ଯାଇଥିଲେ । ସେ ମଧ୍ୟ ପାଟେରୀର ଦରଜା ଡେଇଁ ଦେଖିଲେ ସାମନାଟା ମଧ୍ୟ କଣ୍ଟାବୁଦାରେ ଆବୃତ । କୌଣସି ଚଲାବାଟ ନାହିଁ—ତଥାପି ସେ ଦୁଇଜଣ ଲୋକ ଚାଲିଛନ୍ତି । ଅଗରୁ ସେଇ ଅନ୍ଧ-କାର ଭିତରେ ଦେଖା ଯାଉଥିଲା ଗୋଟାଏ ଭଙ୍ଗା ଅଟ୍ଟାଳିକାର ଦୃଶ୍ୟ । ସେମାନେ ସେଇ ଭଙ୍ଗାଘର ଭିତରେ ପ୍ରବେଶ କଲେ । ଅଶ୍ବବାବୁ ମଧ୍ୟ ସେମାନଙ୍କର ଠିକ୍ ପଛେ ପଛେ ଚାଲିଥାନ୍ତି । ସେଇ ଭଙ୍ଗା ଅଟ୍ଟାଳିକା ଭିତରୁ ଗୋଟାଏ ଶବ୍ଦ ଶୁଣାଗଲା । କଣ୍ଟାବୁଦା ସବୁ ଜମାଣି ଅଗ୍ର ଗତିରେ ସେଇ ଭଙ୍ଗା ଅଟ୍ଟାଳିକାର ଗୋଟିଏ କୋଠରୀ ଭିତରେ ପଶିଗଲେ—ଅଶ୍ବବାବୁ । ସେ ଯାହାହେଉ ସେମାନଙ୍କର ସମ୍ମୁଖସ୍ଥ ହୋଇ ତାଙ୍କ ଭିତରୁ ଜଣକୁ ହେଲେ ଧରି ନେବାକୁ ପଡ଼ିବ ।

ଅଶ୍ବବାବୁ କୋଠରୀଟି ଭିତରେ ପଶିଗଲେ ସତ, ମାତ୍ର ଘନ ଅନ୍ଧକାର ଭିତରେ କିଛି ଦୂର ଆଗେଇ ଯାଇ ଦେଖିଲେ ସେଠିପରି

ଗୋଟାଏ ସୁବୃହତ୍ ଜାନ୍ତୁ । ଟର୍ଚ୍ଚ ଜାଳି ଦେଖିଲେ କେବଳ ଘରଟା-କୌଣସି ଅଡ଼େ ରାସ୍ତା ନାହିଁ । ନିକଟକୁ ଲାଗି ରହିଛି ଆଉ ଗୋଟାଏ ଛୋଟ କୋଠରୀ । ନିଶ୍ଚୟ ସେମାନେ ତାର ଭିତରେ ଅଛନ୍ତି । ଦମ୍ଭ ସହକାରେ ସେ କୋଠରୀ ଭିତରେ ମଧ୍ୟ ପଶିଗଲେ । କିନ୍ତୁ କାହିଁ କେହି ନାହାନ୍ତି । ନିରୀକ୍ଷଣ କରି ଚାରିଆଡ଼େ ଦେଖିଲେ । ଜନସମାଗମର କୌଣସି ସଙ୍କେତ ସେ ସେଠି ପାଇ ପାରିଲେନି । ତା ହେଲେ ସେ ଦୁଇଜଣ ଗଲେ କୁଆଡେ ? ସେ ତ ସେମାନଙ୍କୁ ଠିକ୍ ଏଇ କୋଠରୀ ଭିତରେ ପଶିଯିବାର ଦେଖିଛନ୍ତି । ବୁଲିପଡ଼ି ବାହାରକୁ ଆସିଲେ । ଟର୍ଚ୍ଚ ପକେଇ ଚାରିଆଡ଼କୁ ଅନୁମାନ କଲେ । ଅଟ୍ଟାଳିକାର ସୁଦୂର ପ୍ରାଙ୍ଗଣ—ଘନ ବନାବୃତ—ମଝି ମଝିରେ ଗୋଟାଏ ଗୋଟାଏ ବଡ଼ ବଡ଼ ବରଗଛ ମୁଣ୍ଡଟେକି ଠିଆ ହୋଇଛି । ଭଙ୍ଗାକାନ୍ଥର ଇଟାସବୁ ଭୁଷୁଡ଼ି ପଡ଼ି ଅନ୍ଧାର ଦୁର୍ଭେଦ୍ୟ କରି ପକେ-ଇଛି ପ୍ରାସାଦଟିକୁ ।

ଅଶୁବାବୁ ଟର୍ଚ୍ଚ ପକେଇ ଦେଖିଲେ କିନ୍ତୁ କେହି ନାହାନ୍ତି । ତା ହେଲେ ସେ କଣ ପ୍ରକୃତ ମନୁଷ୍ୟ ନୁହଁନ୍ତି । ଭୂତ, ପ୍ରେତ । ଛାୟାପରି ମିଳେଇଗଲେ କୋଠରୀଟିର ଅନ୍ଧକାର ଭିତରେ । ସେତ ଠିକ୍ ମଣିଷର ଶବ୍ଦ ଶୁଣିଛନ୍ତି । ଭୂତମାନେ କଣ ମଣିଷମାନଙ୍କ ପରି କଥାବାର୍ତ୍ତା କରନ୍ତି ? ଭୂତବର କିମ୍ବଦନ୍ତୀର କୁହୁକରେ ସେ କଣ ପଥଭ୍ରଷ୍ଟ ହୋଇଛନ୍ତି ?

ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ଚାରିଆଡ଼େ ନିଜେ ଅଶୁବାବୁ ସନ୍ଧାନ ନେଇଥିଲେ । ତାଙ୍କର ପାୱାରଫୁଲ ଟର୍ଚ୍ଚର ଫୋକସ୍ ଦେଇ ସେ କେବଳ ଗଛ ଉପର ବାଦୁଡ଼ି ଛଡ଼ା ଅନ୍ୟ କିଛି ଦେଖି ନାହାନ୍ତି । ହଠାତ୍ କଣ ଗୋଟାଏ ସାଇଁ କରି ତାଙ୍କ ନିକଟରେ

ଚାଲିଗଲା । ଟର୍ଚ୍ଚ ନିକ୍ଷେପ କରି ଦେଖିଲେ, ବାଲୁଅଟାଏ । ତାଙ୍କ ଅଡ଼କୁ କରୁଣ ସମସ୍ତ ଅନେଇ ପୁଣି ପଳେଇଲା ।

ବୁଢ଼ା ଗହଳାରେ ଲୁଚିଯାଇ ବାଲୁଅଟା ରଡ଼ି ଛାଡ଼ିଲା ।

ଅଣ୍ଡିର ବାଲୁଅଟା—ତା ଚିତ୍କାରରେ ଯେପରି ଅଶୁବାବୁଙ୍କର ଦମ୍ଭ ତୁଟି ଆସୁଥିଲା । ଅଶୁଭ ସଙ୍କେତ । ପୁଣି ପବନର ଗତି ବଢ଼ିବାରେ ଲାଗିଲା । ବରଗଛ ଗୁଣ୍ଡିକର ନହକା ଡାଳ ସବୁ ପବନରେ ଦୋଳି ଖେଳି ସେଇ ଅନ୍ଧକାର ଭିତରେ ଗୋଟାଏ ରକମର ଶବ୍ଦ ସୃଷ୍ଟି କଲେଣି ।

ଅଶୁବାବୁ ପୁଣି ଥରେ ନିଜର ଚାରିପଟକୁ ଲକ୍ଷ କଲେ । ନା କେହି ନାହାନ୍ତି—କେବଳ କାଳ ରାତ୍ରିର ବାଷ୍ପିକା ଘେରି ରହିଛି ଚାରିପଟେ ।

ଲେଉଟିବାକୁ ଚେଷ୍ଟା କଲେ ତାଙ୍କ ପୂର୍ବ ନିର୍ଦ୍ଦିଷ୍ଟ କୋଠରୀ ନିକଟକୁ । ଦୀପଟିଏ ଜଳୁଥିଲା ସେଇଠି । କିନ୍ତୁ କେଉଁ ରାସ୍ତା ଦେଇ ସେ ଯିବେ ? ଟର୍ଚ୍ଚ ପକେଇ ଦେଖିଲେ, ଚାରିଅଡ଼େ କେବଳ ଭଙ୍ଗା ଭଙ୍ଗା କୋଠରୀର ଦୃଶ୍ୟ । ସେ ଭିତରୁ କେଉଁଟା ତାଙ୍କର କୋଠରୀ, ତା ପ୍ରଥମେ ଠିକ୍ କରି ପାରିଲେନି ।

ହାତ ଘଣ୍ଟାକୁ ଚାହିଁ ଦେଖିଲେ ଦୁଇଟା ଡେରିଣି । ରାଣୀ ହୁଏତ ତାଙ୍କ ବାଟ ଚାହିଁ ବସିଥିବ—

ସେ କିନ୍ତୁ ବାଟ ଭୁଲିଛନ୍ତି ।

ଅରମା ବୁଦୁବୁଦିଆ ଜଙ୍ଗଲ ଭିତରେ ପଡ଼ି ସଙ୍କେତର କୌଣସି ରାହା ନାହିଁ—ଅଜ କିନ୍ତୁ ସେ ଠିଆ ହୋଇପାରୁ ନଥିଲେ । ବହୁତ ଅନୁମାନ ପୂର୍ବକ ତାଙ୍କ ସାଧ୍ୟମତେ ସଠିକ ରାସ୍ତାରେ ଅଗେଇବାକୁ ଚେଷ୍ଟା କଲେ । କିନ୍ତୁ ହଠାତ୍ ଯାଇ ଗୋଟାଏ ବଡ଼

ପାଟେଶ୍ୱରୀ ନିକଟରେ ପହଞ୍ଚିଗଲେ । ତାହାରକୁ ଚାହିଁ ଦେଖିଲେ ଗଙ୍ଗାର ଘନ ନୀଳ ଜଳ ପାଟେଶ୍ୱରୀର ଇଟା ଛୁଇଁ ପିଟି ହେଉଛି ।

ସୁଦୂର ବ୍ୟାପି ଘୁମନ୍ତ ଜାହ୍ନବୀ । ପବନର ଗତିରେ ତରଙ୍ଗର କଂପନ । ନୀରବ, ନିସ୍ପନ୍ଦ ନିଶୀଥରେ ସେ କ୍ଲାନ୍ତ ପ୍ରବାହମାନା । ସବୁ ସମୟରେ ସେ ଯେପରି ତା'ର କର୍ତ୍ତବ୍ୟରୁ ନିବୃତ୍ତ ହୁଏନା ।

ବହୁତଦୂର ପର୍ଯ୍ୟନ୍ତ ଅକ୍ଷି ନିକ୍ଷେପ କରି ନିର୍ନିମେଷ ନୟନରେ ଚାହିଁ ରହିଥିଲେ ଅଶ୍ୱବାବୁ ଗଙ୍ଗାର ସେହି ଗମ୍ଭୀରତା ପ୍ରତି । ହଠାତ୍ ଚମକି ଉଠିଲା ତାଙ୍କ ଜ୍ୱଳନ୍ତ ଚକ୍ଷୁ ଦୁଇଟି । ଗଙ୍ଗା ଗର୍ଭରୁ ଆଲୋକିତ ହୋଇ ଆସୁଛି କୌଣସି ଗୋଟାଏ ଆଲୋକର ତୀକ୍ଷ୍ଣ ରଶ୍ମି । ହେଲିଓ ସିଗ୍ନାଲ୍ ପରି ଆଲୋକଟି କୌଣସି ସଙ୍କେତ ଦେବାରେ ଲାଗିଲା ସେଇ ଅଟ୍ଟାଳିକାର ଇଟା କାନ୍ଥ ଉପରକୁ ।

ସେଇ ଆଲୋକପାତକୁ କେତେସମୟ ଅନୁମାନ କଲେ ଅଶ୍ୱବାବୁ । ତା କୌଣସି ସିଗ୍ନାଲ ସଙ୍କେତ ନୁହେଁ—କେବଳ ଗୋଟାଏ ଟର୍ଚ୍ଚ । କାହାର ପଦଶବ୍ଦ ଶୁଣାଗଲା ତାଙ୍କ ପଛରୁ । ପଛକୁ ଚାହିଁ ଦେଖିଲେ କିଏ ଜଣେ ଆସୁଛି—ଅଶ୍ୱବାବୁ ଗୋଟାଏ ଖୁଣ୍ଟିଆ କାନ୍ଥ ପଛପଟେ ଲୁଚିଗଲେ । ଲୋକଟି ଠିକ୍ ଆଗେଇଆସି ନିଜ ପକେଟରୁ ଟର୍ଚ୍ଚଟିଏ କାଢ଼ି ସଙ୍କେତ ଦେବାରେ ଲାଗିଲା । ଅଶ୍ୱବାବୁ ନିରୀକ୍ଷଣ କରି ଆଲୋକର ସଂପାତଭଙ୍ଗୀ ଅନୁମାନ କରିନେଲେ । ତାପରେ ସେ ଲୋକ ଲେଉଟି ଚାଲିବାକୁ ଆରମ୍ଭ କଲା । ଅଶ୍ୱବାବୁ ମଧ୍ୟ ତା ପଛେ ପଛେ ଗୋଡ଼ ଚିପି ଚିପି ଚାଲିବାକୁ ଆରମ୍ଭ କଲେ । ଏଥର ଆଉ ସେ ବାଟ ଭୁଲିବେନି । ଯଥାସାଧ୍ୟ ମୁତାବକ ରାସ୍ତା ତମାମ୍ ନିରୀକ୍ଷଣ କରି କରି ଚାଲିଥାନ୍ତି । ଲୋକଟି ତାଙ୍କର ପୂର୍ବ ବର୍ଣ୍ଣିତ ଭଙ୍ଗା ଅଟ୍ଟାଳିକାଟି ଭିତରେ ପଶିଲା । ଅଶ୍ୱବାବୁ ମଧ୍ୟ ସେଥିରେ ପଶିଲେ । ଲୋକଟି ନିକଟରେ ଥିବା ଘରଟି ଭିତରେ ପଶିଲା ଏବଂ

ପୁଣି ପୂର୍ବବତ୍ ଶବ୍ଦହେଲା । ଅଶୁବାବୁ ମଧ୍ୟ ଏଥର ଠିକ୍ ସେ ଲୋକଟାର ପଛେ ପଛେ ଥାନ୍ତି । ସେଇ ଶବ୍ଦଦ୍ୱାରା କୋଠରୀ ଚଟାଣର ଗୋଟାଏ ଖଣ୍ଡ ଉଠିଗଲା ଏବଂ ଲୋକଟି ତା ଭିତରକୁ ପଶିଯିବାକୁ ଆରମ୍ଭ କଲା । ଅଶୁବାବୁ ଆଉ କାଳବିଳମ୍ବ ନକରି ସେ ଲୋକଟି ଉପରକୁ ଆକ୍ରମଣ କଲେ ଏବଂ ସେହି ଅପରିଚିତ ଯୁବକଟି ମଧ୍ୟ ସଜୋର୍‌ରେ ଧରି ପକାଇଲା ଅଶୁବାବୁଙ୍କୁ । ଅଶୁବାବୁ ଅତି ଚତୁର ସହକାରେ ଲୋକଟିକୁ କବଳିତ କରି ନେଲେ । ତାଙ୍କୁ ମାଡ଼ିବସି ପକେଟରୁ କ୍ଲୋରଫର୍ମ ବାହାରକରି ତାଙ୍କୁ ଅଚେତକରି ପକାଇଲେ ଏବଂ ତାର ପୋଷାକପିନ୍ଧି ସେଇ ଗୁପ୍ତ ଦ୍ୱାରରଭିତରେ ପଶିପିବାକୁ ଆରମ୍ଭକଲେ । ପାହାଚ ପରେ ପାହାଚ ଲମ୍ବିଯାଇଛି । ମଣିଷ ଯିବାଭଳି ରାସ୍ତା, ବୋଧେ ବାଦଶାମାନଙ୍କର ଗୁପ୍ତଦ୍ୱାର ।

ସେହି ଗହ୍ୱର ଭିତରେ ପ୍ରାୟ ତିନିଶଗଜ ଗଲାପରେ ଗୋଟାଏ ସିମେଣ୍ଟର ଚଉତରା ତାଙ୍କର ଦୃଷ୍ଟିଗୋଚର ହେଲା ଏବଂ ପୂର୍ବପରି ଗଙ୍ଗାଭିତରୁ ମଧ୍ୟ ଆଲୋକଟି ସଙ୍କେତ ଦେଉଥିଲା ସେଇ ଯାଗାକୁ । ଅଶୁବାବୁ ଠିକ୍ ଅବିକଳ ନିଜ ଟର୍ଚ୍ଚଲାଇଟଦ୍ୱାରା ସଙ୍କେତ ଦେଲେ । ଠିକ୍ ପରେ ପରେ ଗୋଟାଏ ନୌକାଆସି ଲାଗିଗଲା ସିମେଣ୍ଟ ଚଉତରା ନିକଟରେ ।

ଦୁଇଜଣ କଳାବସ୍ତ୍ରାଚ୍ଛାଦିତ ବଳିଷ୍ଠକାୟ ବ୍ୟକ୍ତି ଗୋଟାଏ ତରୁଣୀକୁ ନୌକା ଉପରୁ ନେଇଆସି ଚଉତରା ଉପରେ ଗଡ଼େଇ ଦେଲେ ଏବଂ ହିନ୍ଦିରେ ଜଣେ କହିଲା "ସରଦାର ଆସିଗଲେଣି ?" "ହଁ"—ଅଶୁବାବୁ ମଧ୍ୟ ଉତ୍ତରଦେଲେ । "ନେଇଯାଅ, ଏଇଟାକୁ ସରଦାରଙ୍କୁ ଦେଇଦେ
—ଆଉ କହିବ ଆମେ କାଲିରାତିରେ ସେ ଟୋକାଟାକୁ ନେଇ ଠି

ଏତକ୍ଷଣବେଳେ ପହଞ୍ଚିଥାନ୍ତେ । ହଁ ତୁମେ ସରଦାରଙ୍କୁ କହିବ ଅଶ୍ରୁଦାସ ଏଇକୋଠା ତଳେ ତଳେ ବୁଲୁଥିଲା ।”

ନିଜର ନା ଶୁଣି ଚମକି ପଡ଼ିଥିଲେ ଅଶ୍ରୁବାବୁ-ତାପରେ ପରେ ନୌକାଟି ପୂର୍ବବତ ଗଙ୍ଗାନଦୀର ଗର୍ଭିତରେ କୁଆଡେ ଉଭେଇ ଗଲା ।

ସେଇ ଅଚେତନ ତରୁଣୀନିକଟକୁ ଯାଇ, ଦେଖି ଅଶ୍ଚର୍ଯ୍ୟ ହୋଇଯାଇଥିଲେ—ଯାଁର ଅବିକଳ ଫଟୋ ସେ ଜାନକୀବାବୁଙ୍କ ଠାରୁ ଦେଖିଥିଲେ—ତେବେ ଏଇକଣ ସେଇ ନନ୍ଦିତା ।

ଯୁବତୀସୁଲଭ ଅତୁଳନୀୟ କମନୀୟ କାନ୍ତି । ମୌଳିକତା ହରେଇ ମଉଳି ପଡ଼ିଛି ତା'ର ମୁହଁଟି । ଅଲସ କେଶଗୁଚ୍ଛସବୁ ଅସ୍ତବ୍ୟସ୍ତ ହୋଇପଡ଼ିଛି କପାଳ ଦେଶରେ । କୌଣସି ଶକ୍ତ ଆଘାତ ଦ୍ୱାରା ସେ ଅଚେତ । କପାଳ ଉପରୁ ବାଳଗୁଡ଼ାକୁ ଧୀରେ ଧୀରେ ଅଡ଼େଇଦେଲେ ଅଶ୍ରୁବାବୁ ।

ଗୁଣ୍ଡାମାନଙ୍କ ସହିତ ଆପ୍ରାଣ ସଂଗ୍ରାମ ଚଳେଇଥିଲା ତରୁଣୀ-ଟା ନହେଲେ ତା ପିନ୍ଧିବାଲୁଗାସବୁ ସ୍ଥାନେ ସ୍ଥାନେ ଫାଟିଯାଇ ନଥାନ୍ତା—ତରୁଣୀଟି ପାରିନି । ଗୁଣ୍ଡାମାନେ ଅଚେତକରି ପକେଇଛନ୍ତି ।

ଅଶ୍ରୁବାବୁ ତାଙ୍କ ପକେଟସବୁ ଦାଗଣ୍ଡି ପକେଇଲେ । ଗୋଟାଏ ସ୍ମେଲିଂ ଶିଶି ତାଙ୍କ ହାତରେ ବାଜିଲା—ମନ ଆନନ୍ଦରେ ନାଚି ଉଠିଲେ । ଏତେଦିନ ଗବେଷଣା କରିକରି ସେ ଯେଉଁ ଔଷଧ ଉଦ୍ଭାବନ କରିଥିଲେ ତା ତାଙ୍କନିକଟରେ ଅଛି । ବୋତଲଟି ବାହାରକରି ଟର୍ଚ୍ଚନିକ୍ଷେପକରି ଦେଖିଲେ ଔଷଧ ଅଛି । ଦୁଇବୁନ୍ଦା ତରୁଣୀଟି ନାକରେ ପକେଇଦେଲେ ଏବଂ ଅଞ୍ଜୁଳା ଅଞ୍ଜୁଳା କରି ପାଣିଆଣି ତରୁଣୀଟିର ମୁହଁରେ ମାରିଲେ ।

ଘଣ୍ଟା'କୁ ଗୁହିଁଥାନ୍ତି । ଏକ, ଦୁଇ, ତିନି, ଠିକ୍ ପାଞ୍ଚମିନିଟପରେ ତରୁଣୀଟି ଉଠି ଲେଉଟିଗଲା । ଅଶୁବାବୁଙ୍କ ଆନନ୍ଦ ପଶ୍ଚରେ କିଏ ?

ବିପଦର ବନ୍ଧୁରାବର୍ତ୍ତର ଭିତରେ ବିଜଡ଼ିତ ହୋଇସୁଦ୍ଧା ସେମାନଙ୍କର ମନରେ ଆନନ୍ଦର ସିନ୍ଧୁ ନାଚିଉଠେ । ସେତିକି ସେମାନଙ୍କ ଜୀବନର ମାଦକତା—ଦ୍ୱିତଳ ପ୍ରାସାଦର ମଖମଲଶେଯ ରଜନୀଗନ୍ଧାର ଗନ୍ଧବହ ଆମୋଦ, ଧର୍ମ୍ମପତ୍ନୀଙ୍କର ପ୍ରେମ ବିହ୍ୱଳ ଅଚାହାଣି ତାଙ୍କୁ ସବୁ ଗନ୍ଧାଏ । ସେ କିନ୍ତୁ ବରି ନିଅନ୍ତି ଏଇ ଅନ୍ଧକାର ରଜନୀର ଅକଥନୀୟ ବିଭିଷୀକା ।

ଅଳ୍ପଟିକିଏ ଦୂରରେ ଠିଆହୋଇ ଲକ୍ଷ୍ୟ କରୁଥିଲେ ଅଶୁବାବୁ । ତରୁଣୀଟି ଉଠିବାକୁ ଚେଷ୍ଟାକରୁଛି । ଉଠି ବସିଲା । ଅନ୍ଧାରରେ ଏଣେତେଣେ ନେତ୍ର ବୁଲେଇ ବୋଧେ କଣ ଅନୁମାନ କରୁଛି । ତାପରେ ହଠାତ୍ ଚିତ୍କାରକରି ଉଠି ଠିଆହେଲା ।

ଅଶୁବାବୁ ଆଗେଇଆସି, "ଭୟକରନା—ପାଟିକରନା—ପାଟିକଲେ ହୁଏତ ।"

"ଆପଣ କିଏ ? ମୋତେ ଛାଡ଼ିଦିଅନ୍ତୁ ।"

"ତୁମ ନା ନନ୍ଦିତା "

ହଁ—ମୋ ବାବାମୋତେ ନଦେଖି ପାଗଳହୋଇ ଯାଉଥିବେ । ମୋତେ ଦୟା'କରି ଛାଡ଼ିଦିଅନ୍ତୁ ।"

"ତୁମେ ଭୟକରନା ନନ୍ଦିତା—ମୋ ସଙ୍ଗେ ଆସ ।"

"ନା, ମୁଁ ତୁମସଙ୍ଗେ ଆଉ କୁଆଡେ଼ ଯିବି—ମତେ ଏତେ ମାରିଲ । ଆଉପୁଣି କୁଆଡେ଼ ନବ ?" ଥରୁଥିଲା ନନ୍ଦିତା ।

ଚକିତରେ ନନ୍ଦିତା ଦସ୍ୟୁମାନଙ୍କଦ୍ୱାରା ଆହତ—

"ମୁଁ ତୁମକୁ ତୁମ ବାବାଙ୍କପାଖେ ଛାଡ଼ିଦେବି ନନ୍ଦିତା ।"

"ଆପଣ ତା-ହେଲେ ।"

"ମୁଁ ଶ୍ରୀଧର, ଗୁଣ୍ଡାନୁହେଁ—ମୁଁ ତୁମବାବାଙ୍କର ବନ୍ଧୁ—ତୁମକୁ ଖୋଜି ଆସିଥିଲି।"

"ନା, ତୁମେ ମିଛ କହୁଛ—ବାବା ମତେ ଡକେଇ ପଠେଇଛନ୍ତି କହି ଗାଡ଼ିରେ ମତେ ନେଇ ଆସିଲ-ପୁଣି ମିଛ କହୁଛ।"

"ଆଉ ବେଶି ଡେରି କଲେ ହୁଏତ ଆହୁରି ବିପଦର ସମ୍ମୁଖୀନ ହେବାକୁ ପଡ଼ିପାରେ। ତୁମେ ମୋତେ ବିଶ୍ୱାସ କର—ମୁଁ ଡିଟେକ୍ଟିଭ ଅଶୁବାବୁ—ଚାଲିଆସ।

ନନ୍ଦିତା ମନରେ ଏଥର ସାହସ ଆସିଥିଲା। ସେ ଅଶୁବାବୁଙ୍କ ପଛେ ପଛେ ସେଇ ଅନ୍ଧକାରପୂର୍ଣ୍ଣ ଗହ୍ୱର ଭିତର ପାହାଚ ପରେ ପାହାଚ ଛୁଟି ଯିବାକୁ ଲାଗିଲା।

କିନ୍ତୁ କଣ ହେବ, ଜୀବନରେ ବିପଦକୁ ବନ୍ଧୁଭାବରେ ଯିଏ ବରଣ କରି ନେଇଛି, ତାକୁ କେଉଁଠି ବିପଦ କେବେ ଛାଡ଼ି ପାରେ। ସେହି ଅନ୍ଧକାର ଗହ୍ୱରର ଅଧାବାଟରେ ହୋଇଥାନ୍ତି ଅଶୁବାବୁ ଆଉ ନନ୍ଦିତା, ସେଇଠାରୁ ଟିକିଏ ବଙ୍କା ରାସ୍ତା ଦେଇ ଉଠିବାକୁ ହେବ—ଅଶୁବାବୁ ଟର୍ଚ୍ଚ ପକେଇ ପକେଇ ଆଗେ ଆଗେ ଚାଲିଥାନ୍ତି।

ଗହ୍ୱରର ଠିକ୍ ସେଇ ମୋଡ଼ ନିକଟରେ ହୋଇଛନ୍ତି ଅଶୁବାବୁ କାହାର ଦୌଡ଼ିବା ପାଦଶବ୍ଦ ଶୁଣିବାକୁ ପାଇଲେ। ତା ପରେ ପରେ ଗୋଟାଏ ଗୁଳି ସାଇଁକିନା ତାଙ୍କ ନିକଟ ଦେଇ ଚାଲିଗଲା। ଆଗରୁ ହୁଏତ କିଏ ଆସୁଛି! ସେ ନିଶ୍ଚୟ ଜାଣେ ଅଶ୍ୱଦାସ ଗୁପ୍ତଦ୍ୱାରର ଭିତରେ।

କୌଣସି ଉପାୟ ନଦେଖି ଅଟକିଗଲେ। ବିପଦ ମନେକରି ନନ୍ଦିତାକୁ ନିଜ ପଛପଟେ ରଖିଦେଲେ। ଭାଗ୍ୟଭଲ। ଗୁଳିଟା କାହା ଦେହରେ ବାଜିନି, ତାପରେ ଅଶ୍ୱବାବୁ ସେଇ ମୋଡ଼ର ଗୋଟାଏ କଡ଼କୁ ନନ୍ଦିତାକୁ ପଛରେ ରଖି ଆଉଜି ପଡ଼ିଲେ।

ଘୋଡ଼ାର ଶବ୍ଦ ଆହୁର ନିକଟହୋଇ ଆସିଲା। କିଏ ଜଣେ ଜଣ ଖିଲିଖିଲାରେ କହୁଥାଏ, କିନ୍ତୁ ଗହ୍ୱର ଭିତରେ ଶବ୍ଦଗୁଡ଼ାକ ପ୍ରତିଧ୍ୱନିତ ହୋଇ ଅସ୍ପଷ୍ଟ ହୋଇପଡ଼ୁଥାଏ—ନନ୍ଦତା କିନ୍ତୁ ଥରୁଥାଏ ଏତେ ଜୋରରେ ଯେ, ସତେ ଅବା ସେ ପୁଣି ଅଚେତହୋଇ ପଡ଼ିଯିବ। ଅଶୁବାବୁ ଚୁପ୍ ଚୁପ୍ ହୋଇ କହିଲେ, "ତୁମେ ଡରନା ନନ୍ଦତା, ଧୈର୍ଯ୍ୟଧରି ଠିଆହୁଅ – ହୁଏତ ଦସ୍ୟୁମାନେ ଆମର ଉଦ୍ଦେଶ୍ୟରେ ଆସୁଛନ୍ତି।" ନନ୍ଦତା କିଛି ନକହି ଚୁପ୍‌ହୋଇ ଠିଆହୋଇ ରହିଗଲା। ମାଡ଼ାଳପୁଷ୍ପର ଶେଷ ଫୋଡ଼। ଅନ୍ଧକାର ଓସାରରେ ପ୍ରସ୍ଥ ଦଶଫୁଟହେବ। ଚୁନବୋଲା ମାଟିର ଗହ୍ୱର। ଆବରଣ ଫାଟି ସ୍ଥାନେ ସ୍ଥାନେ ପାହୁର ଗୁଡ଼ାକୁ ପୋଡ଼ି ପକେଇଥାଏ

ପଦ ଶବ୍ଦ ନିକଟତର ହେଲା ଏବଂ ଆଲୋକିତ ହୋଇଉଠୁ ଦସ୍ୟୁମାନଙ୍କର ଟର୍ଚ୍ଚ ଫୋକସରେ। ଅଶୁବାବୁ ଚାହିଁ ଦେଖିଲେ ପୂର୍ବପରି ଦୁଇଜଣ କଳା ଓଭରକୋଟ୍ ପିନ୍ଧା ବଳିଷ୍ଠବ୍ୟକ୍ତି। ମୁହଁ ଉପରର ମୁଖାଭିତରୁ ଜଳଜଳ ଥିଲା ସେମାନଙ୍କର ରକ୍ତାକ୍ତ ଚକ୍ଷୁ।

ଅଶୁବାବୁ ନିଜ ପକେଟରୁ ରିଭଲଭର ବାହାରକରି ଧରିଲେ ଦସ୍ୟୁମାନେ ଯଦି ତାଙ୍କୁ ନଦେଖି ସିଧା ଚାଲିଯାଆନ୍ତି ତେବେ ସେ ତାଙ୍କୁ ବାଧାଦେବେନି। କାରଣ ନନ୍ଦତାର ଉଦ୍ଧାର ତାଙ୍କର ବର୍ତ୍ତମାନ ବଡ଼ କର୍ତ୍ତବ୍ୟ। ସେ ଅତି ସତର୍କତା ସହିତ ଅପେକ୍ଷାରେ ଥାନ୍ତି।

ଦସ୍ୟୁମାନଙ୍କର ତୀକ୍ଷ୍ଣଦୃଷ୍ଟିରୁ କିନ୍ତୁ ଅଶୁବାବୁ ବର୍ତ୍ତି ପାରିଲେନି। ଦୁଇଜଣଯାକ ଲୋକ ହଠାତ୍ ଠିଆହୋଇଗଲେ ସେମାନଙ୍କଠିକ୍ ନିକଟରେ ଏବଂ ଜଣେ ଟର୍ଚ୍ଚ ପକେଇ ଦେଖିଲା ଅଶୁବାବୁଙ୍କୁ— "କିଏ ଅଶ୍ୱଦାସ ?" —ଜୋର୍‌ରେ ହସି ଉଠିଥିଲା—କି ଭୟଙ୍କର ସେ ହସ।

ଅଶୁବାବୁ କିନ୍ତୁ ନିର୍ଭୟରେ ଠିଆହୋଇଥାନ୍ତି । ହାତରେ ରିଭଲଭର ତାଙ୍କର ସତେଜ ହୋଇଉଠିଲାଣି—"ନନ୍ଦଭାଙ୍କୁ କୋଉଠି ରଖିଲ ?" ହ୍ରଦରେ କହିଲା ସେଇ ଦସ୍ୟୁ—

"ମୋ ନିକଟରେ ଅଛନ୍ତି ।" ନିର୍ଭୟରେ ଉତ୍ତରଦେଲେ ଅଶୁବାବୁ—"ନନ୍ଦିଭାଙ୍କୁ ମତେ ଦେଇଦିଅ ।"

ଗଳାର ଶବ୍ଦରୁ ଅଶୁବାବୁ ଅନୁମାନ କରି ନେଇଥିଲେ ଯେପରି କୌଣସି ଚିହ୍ନା ଲୋକର ଗଳା—କିନ୍ତୁ ଚିହ୍ନିବାର କୌଣସି ଉପାୟ ନଥିଲା—ଆପାଦମସ୍ତକ ସବୁ କଳାପୋଷାକରେ ଆଚ୍ଛାଦିତ ।

"ନା" ସଦମ୍ଭରେ ଉତ୍ତର ଦେଲେ ଅଶୁବାବୁ—"ତୁମେ ଚାଲିଯାଅ ନଚେତ୍ ତୁମକୁ ମରଣ ବରଣ କରିବାକୁ ପଡ଼ିବ ।" ଅଟ୍ଟର ଯୋର୍ ରେ ହସି ଉଠିଲା ଦସ୍ୟୁ—"ଦେଖିବା"—"ଅଚ୍ଛା, ଏତେ ଦମ୍ଭ", ଅନ୍ୟ ଜଣଙ୍କୁ ନିର୍ଦ୍ଦେଶ ଦେବାମାତ୍ରେ ଅନ୍ୟ ଲୋକଟି ଅଶୁବାବୁଙ୍କ ନିକଟକୁ ଯାଇ ତାଙ୍କୁ ବନହାଁର ସହକାର ଟାଣି ଆଣିଲା ବେଳକୁ ଅଶୁବାବୁଙ୍କ ରିଭଲ୍‌ଭର୍ ଗର୍ଜି ଉଠିଥିଲା । କିନ୍ତୁ କି ଆଶ୍ଚର୍ଯ୍ୟ ଲୋକଟା ପୂର୍ବପରି ହସିବାରେ ଲାଗିଛି ।

ଲୋକଟି ଆଗେଇ ଆସିଲା ଅଶୁବାବୁଙ୍କ ନିକଟକୁ, "ତୁମେ ଅଜ କାହିଁକି ଏ ନିଷ୍ଫଳ ଚେଷ୍ଟା କରୁଛ ଅଶୁ ଦାସ—ତୁମ ରିଭଲ୍-ଭର୍ ମୋ ନିକଟରେ ଅଦୌ କାମରେ ଆସିବନି ।"

ତା'ର ବଳିଷ୍ଠ ହାତ ମୁଠାରେ ଅଶୁବାବୁଙ୍କ ହାତଧରି ଟାଣି ଆଣିଲା ଏବଂ ଅନ୍ୟ ଲୋକଟି ନନ୍ଦଭାଙ୍କୁ ଧରି ନେଲା । ନନ୍ଦଭା ଚିତ୍କାର କରି ଉଠିଲା—ଏବଂ ଅଶୁବାବୁ ଲୋକଟାକୁ ଆକ୍ରମଣ କଲା ପୂର୍ବରୁ ତାଙ୍କ ମୁଣ୍ଡରେ ନିର୍ଘାତ ଗୋଟାଏ ପ୍ରହାର ବାଜିଥିଲା । ତା ପରେ ସେ କୋଉଠି ପଡ଼ିଥିଲେ ଭୁଲିଗଲେ ।

---

ସିନ୍ଦୂର ଫାଟିଲାଣି । ସୂର୍ଯ୍ୟଦେବ ଆସିବେ । ନିଷ୍ଫଳ ରଜନୀର ସୁଷୁପ୍ତି ଭାଙ୍ଗି ଯାଗି ଉଠିବ ଚେତନା । ମ୍ରିୟମାଣା ଧରଣୀ ହସି ଉଠିବ । ବିରହ ଦଗ୍ଧା ଚକ୍ରୁଆ ଉଡ଼ି ଗଲାଣି ଚକୋଇର କୋଳକୁ । ହସି ଉଠିଲାଣି ଶତଦଳ । ନିଦ୍ରାଭଙ୍ଗ ନାଚ ଉଠିଲେଣି ବିହଙ୍ଗମ । ଉଷାର ଆଗମନୀ ଗୀତ କଣ୍ଠରେ ଢାଳି ଅମ୍ବରାଳରୁ ଡାକୁଛନ୍ତି ଡାହୁକ—

ରାଣୀଙ୍କର ଦୀର୍ଘ ଚେତନା ପରେ ଘୁଇ ନିଦ ମାଡ଼ି ଆସୁଛି ଆଖିକୁ । ଗୋବିନ୍ଦବାବୁ କିନ୍ତୁ ଘୁଡ଼ୁଡ଼ି ମାରୁଥିଲେ ଡ୍ରଇଂ ରୁମ୍ ଭିତରେ । ଘଣ୍ଟାର ଆଲାରାମଟା ବାଜି ଉଠିଲା—ଗୋବିନ୍ଦବାବୁ ଆଖି ମଳି ମଳି ଉଠି ଚାହିଁ ଦେଖିଲେ ସାଢ଼େ ପାଞ୍ଚ । ଅଶୁବାବୁ ଫେରି ନାହାନ୍ତି—ତା ନହେଲେ ସେ କେତେବେଳୁ ଉଠନ୍ତେଣି ।

ଗୋବିନ୍ଦବାବୁ ଜାଣନ୍ତି ଅଶୁବାବୁଙ୍କର ସ୍ୱଭାବ । ତେଣୁ ସେ ନିଶ୍ଚିନ୍ତରେ ଶୋଇ ଯାଇଥିଲେ । ରାଣୀଙ୍କର ଆଖିରେ କିନ୍ତୁ ରାତି ତମାମ ନିଦ ନଥିଲା । ସେ ଅଶୁବାବୁଙ୍କର ଆସିବା ପାଇଁ ପ୍ରତି ମୁହୂର୍ତ୍ତରେ ପ୍ରତୀକ୍ଷାରେ ଚାହିଁ ବସିଥିଲେ । ଅଶୁବାବୁ କିନ୍ତୁ ଆସିଲେନି । ଦେହ ମନ୍ତ୍ରର ସବୁ ଅଳସ ତାଙ୍କ ଆଖିପତା ଦୁଇଟି ଉପରେ ଲଦି ହୋଇ ଭାରି ସହି ନପାରି ମୁଜି ହୋଇ ଆସିଲା । ରାଣୀ ଶୋଇଲେ ।

ଗୋବିନ୍ଦବାବୁ କିନ୍ତୁ ଶୋଇ ପାରି ନଥିଲେ । ଦରଜା ଖୋଲି ବାହାରକୁ ଆସିବାକୁ ବାହାରିଲେ । କବାଟ ଫିଟାଇ ଫିଟାଇ ଆଖି ତାଙ୍କର ପଡ଼ିଗଲା ଆକାଶରେ—ଅରେ ଏତେବେଳଯାଏ ସେ ଶୋଇ ଥିଲେ—ମୁହଁଟା ପୋଛୁ ପୋଛୁ ତଳକୁ ଚାହିଁ ଚମକି ଉଠିଥିଲେ—

ଅଶୁବାବୁ ପଡ଼ିଛନ୍ତି—ଦଉଡ଼ି ଯାଇ ଅଶୁବାବୁଙ୍କୁ ଟେକି ଧରିଥିଲେ-ନା ଚେତନା ନାହିଁ । କୌଣସି ପାଟିତୁଣ୍ଡ କଲେନି । କାରଣ ରାଣୀଙ୍କୁ ହୁଏତ ସମ୍ଭାଳି ହେବନି । ଅଶୁବାବୁଙ୍କୁ ଡ୍ରଇଂ ରୁମ୍ ଭିତରକୁ ନେଇ ପଙ୍ଖାଟା ଖୋଲି ଦେଲେ ଫୁଲ୍ ସ୍ପିଡ୍‌ରେ । ଦଉଡ଼ି ଯାଇ ପାଣି ଆଣି ତାଙ୍କ ମୁହଁରେ ମାରିଥିଲେ । କିଛି ସମୟପରେ କଣ ଲେଉଟେଇଲେ ଅଶୁବାବୁ ।

ଏଥର ଗୋବିନ୍ଦବାବୁ ଦଉଡ଼ି ଯାଇ ରାଣୀଙ୍କୁ ଉଠେଇଲେ । ରାଣୀ କିନ୍ତୁ ଉଠିବାକୁ ନାରାଜ । ଅଶୁବାବୁ ଆସିଛନ୍ତି—ସେ ଶୁଣି-ଛନ୍ତି କିନ୍ତୁ ସେ କାହିଁକି ଯିବେ ? ନାରୀ ସୁଲଭ ଅଭିମାନ ।

ଅଶୁବାବୁ ନିଜେ ଆସି କହନ୍ତେକି "ରାଣୀ ! ମୋ ପାଇଁ ତୁମକୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ୁଥିବ ନା ?" ରାଣୀ ନିଶ୍ଚୟ ସେଇକି ଅଶୁବାବୁଙ୍କଠାରୁ ଆଶା କରୁଥିଲେ, କିନ୍ତୁ ଅଶୁବାବୁ ନିଜେ ନ ଆସି ଗୋବିନ୍ଦବାବୁଙ୍କ ହାତରେ ଖବର ପଠେଇ ଦେଲେ କାହିଁକି—ରାଣୀ ଉଠିବାକୁ ଚେଷ୍ଟା କରୁଥିଲେ ସୁଦ୍ଧା ପୁଣି ମୁହଁମୋଡ଼ି ଶୋଇଲେ ।

ଗୋବିନ୍ଦବାବୁଙ୍କର ଘନ ଘନ ଡାକରାରେ କିନ୍ତୁ ସେ ଶୋଇ ପାରିନଥିଲେ—ଗୋବିନ୍ଦବାବୁ ଷ୍ଟୋଭ୍‌ଟା ମାଗୁଛନ୍ତି—ଅଶୁ ବାବୁଙ୍କର ଚା ଦରକାର । ହଁ ସକାଳୁ ସେ ଚା ଖାଆନ୍ତି । ସବୁ ମାନ ଅଭିମାନ ପଛକୁ ପକେଇ ରାଣୀ ଉଠିଲେ – ସ୍ୱାମୀଙ୍କର ସେବା—ସେ ତାକୁ କିପରି ଅବହେଳା କରିବେ ।

ଦରଜା ଖୋଲି ଖୋଲି ଗୋବିନ୍ଦବାବୁ ଶୀଘ୍ର ଚା' ପାଇଁ ଅନୁରୋଧ କଲେ ରାଣୀଙ୍କୁ—ରାଣୀ ଷ୍ଟୋଭ୍ ଲଗେଇ ଚା' ବସେଇଲେ ।

ଗୋବିନ୍ଦବାବୁ ଫେରି ଅସିଲେ ଡ୍ରଇଂ ରୁମ୍‌କୁ । ଅଶୁବାବୁ ଉଠିବସି ତାଙ୍କ ପକେଟ ସବୁ ଦରାଣ୍ଡୁଛନ୍ତି । "ସାର ! ମୁଁ ତ ଆପଣଙ୍କ ସଙ୍ଗେ ଯିବାକୁ କହୁଥିଲି—ମନା କଲେ କାହିଁକି ?"

ଅଶୁବାବୁ ବଡ଼ ବ୍ୟସ୍ତରେ କହିଲେ, ଗୋବିନ୍ଦ ! ତୁମେ ବର୍ତ୍ତମାନ ମିର୍ଜାପୁର ଯିବ । ଅଜ ମିରଜାପୁରଠାରୁ ଷୋଡ଼ଏ ମାଇଲ ଦୂରରେ ସେ ଯେଉଁ ଭଙ୍ଗା ବଙ୍ଗଳାଟା ଜଙ୍ଗଲଭିତରେ ଅଛି ସେଇଠି ତୁମେ ରହିଥିବ ।

ଗୋବିନ୍ଦବାବୁ ଅଶୁବାବୁଙ୍କର ସହକାରୀ ଭାବରେ ଏଇ ମାସେ ହେଲା ଏଠାକୁ ଅସିଛନ୍ତି । ତାଙ୍କଘର ଓଡ଼ିଶାରେ—ସେ ଓଡ଼ିଶାର ଜଣେ ଖ୍ୟାତ ଡିଟେକ୍‌ଟିଭ୍—ତଥାପି ଅଶୁବାବୁଙ୍କ ଭଳି ଭାରତ ବିଖ୍ୟାତ ଡିଟେକ୍‌ଟିଭଙ୍କ ନିକଟରୁ ଶିକ୍ଷା ପାଇବାପାଇଁ ସରକାର ତାଙ୍କୁ Depute କରିଛନ୍ତି ।

ଅଶୁବାବୁ ପୁଣି ଶାନ୍ତ ଭଙ୍ଗୀରେ କହିଲେ, "ହଁ ସେଇ ବଙ୍ଗଳାର ଉତ୍ତରପଟ ଜଙ୍ଗଲଭିତରେ ଠିକ୍ ବିନ୍ଧ୍ୟାଚଳକୁ ଉଠିଯିବାର ବାଁ ପଟକୁ ଗୋଟିଏ ଗ୍ଲେଟ ଖୋଲା ଅଛି । ଅଜ ସେହି ଖୋଲାର ଅଳ୍ପ ଟିକିଏ ଦୂରକୁ ଗୋଟିଏ ଗ୍ଲେଟବାଟ ଜଙ୍ଗଲ ଭିତରେ ଅଛି । ସେହି ରାସ୍ତା ଦେଇ ତୁମେ ଗଙ୍ଗାପର୍ଯ୍ୟନ୍ତ ପହଞ୍ଚି ଦେବ । ଏମିତି ଛଦ୍ମବେଶରେ ନୁହେଁ—ଜଣେ ସନ୍ନ୍ୟାସୀ ଭାବରେ । ଅଜ ତୁମକୁ ଯଦି କେହି ପଗୃଟରେ ତେବେ ମନେରଖ ତୁମେ ଡିଟେକ୍‌ଟିଭ ।" ଗୋବିନ୍ଦବାବୁ ସବୁକଥା ଅଳ୍ପକେ ଧରିନେଲେ ତାଙ୍କୁ ଛଦ୍ମବେଶରେ ରହିବାକୁ ପଡ଼ିବ ।

ରାଣୀ ଚା'ନେଇଅସି ଠିଆ ହେଲେଣି । ଅଶୁବାବୁ ଟିକିଏ ହସି, "ରାଣୀ, ଠିଆହେଲ କାହିଁକି ? ଚା'ଟା ଅଣ ।" ରାଣୀ ଚା' ନେଇ ଟିପଏ ଉପରେ ରଖିଦେଲେ । ଗୋବିନ୍ଦବାବୁଙ୍କୁ କପେ ଚା'

ବଢ଼େଇଦେଇ ଅଶୁବାବୁ କହିଲେ, "ହଁ ଜଳ ଅଉ ସ୍ଥଳ ଉଭୟ ପଥ ତୁମକୁ ଜଗିବାକୁ ପଡ଼ିବ ।

ପାଠକେ ! ଘଟଣାର ଇତିହାସ ଗୋବର୍ଦ୍ଧନବାବୁଙ୍କ ପୂର୍ବରୁ ଜଣା ।

ଟୁ' ଖାଇସାରି ଗୋବର୍ଦ୍ଧନବାବୁ ବାହାରି ପଡ଼ିଲେ—ଅଶୁବାବୁ କହିଲେ, "ଜିଲଭରଟା ଅତି ଗୁପ୍ତଭାବରେ ରଖିଥିବ । ମୁଁ ବି ସେଠି ପହଞ୍ଚିବି । ଯାଅ ତୁମେ ।" ଗୋବର୍ଦ୍ଧନବାବୁ ଆଉ କିଛି ନ କହି ମିରଜାପୁର ଜଙ୍କେଶ୍ୟନରୁ ବାହାରି ପଡ଼ିଲେ ।

ଗୋବର୍ଦ୍ଧନବାବୁଙ୍କ ଚାଲିଯିବା ପରେ ରାଣୀ ଧୀରେ ଧୀରେ ହୋଇ ଆସି ଗୋଟାଏ ଚେୟାରରେ ବସିଲେ । କହିଲେ, "ରାତିସାରା ବୋଧେ ଅନିଦ୍ରା ?".

"କେବଳ ଅନିଦ୍ରା ନୁହେଁ ରାଣୀ—ଶୋଇ ମୁଁ ଗୋଟାଏ ସ୍ୱପ୍ନ ଦେଖୁଥିଲି ?".

"କୋଉଠି ଶୋଇଥିଲ ?"

ଠିକ୍ ଏତିକିବେଳେ ପୋଲିସ ଇନ୍‌ସପେକ୍ଟର ଆସି ପହଞ୍ଚିଗଲେ । ରାଣୀ ଭିତରକୁ ଚାଲିଗଲେ ।

"ଅଶୁବାବୁ ! କିଛି ସନ୍ଧାନ ମିଳିଲା ?"

"ଶିକାର ଖସିଗଲା ।"

"ଖସିଗଲା—ମାନେ—"

"ଧର, ଧରନପାରି ହାରିଯିବାକୁ ହେଲା ।"

"ଅଶୁଦାସଙ୍କ ହାର—ଏତ ଅସମ୍ଭବ କଥା—"

"ନା ଅଶୁଦାସ କେବେ ହାରେନା ବୋଲି ସେ ଭାବୁଛି ।"

"ତେବେ କଣ କରିବିବ ଅଶୁବାବୁ ? Dead body ଟା ଏ ପର୍ଯ୍ୟନ୍ତ ଅଛି ।"

"ହଁ ଠିକ୍ ଅଛି—ଏଥର ଚାଲନ୍ତୁ -"

କପେ ଚା' ଇନ୍ସପେକ୍ଟରଙ୍କୁ ଦେଲେ—ଇନ୍ସପେକ୍ଟର ଗରମ ଚା'ଟା ଖୁବ ତରତରରେ ପିଇନେଲେ । ଅଶୁବାବୁ ସିଗାରେଟ୍ ଖଣ୍ଡେ ଲଗେଇ ଲଗେଇ କହିଲେ, "ସେ ଗୋଟାଏ ଷଡ଼ଯନ୍ତ୍ର ଇନସପେକ୍ଟର—ମୋର ଅନୁମାନ ଷଡ଼ଯନ୍ତ୍ରକାରୀ ଭାରି ଚାଲାକ । ସେ ମୋର ସବୁ କାଗଜ ପତ୍ର ଏପରିକି ମୋର ରିଭଲଭର ଇତ୍ୟାଦି ମଧ୍ୟ ନେଇ ଯାଇ ପାରନ୍ତି ।"

ଆଶ୍ଚର୍ଯ୍ୟ ହୋଇ ଇନ୍ସପେକ୍ଟର କହିଲେ; "ଆପଣ କଣ କହୁଛନ୍ତି ଅଶୁବାବୁ ! ରିଭଲଭର ନେଇ ଯାଇଛି ? ମୁଁ ଗୋଟାଏ କେସ୍ ରେଜେଷ୍ଟ୍ରି କରି ଦେଉଛି—"

ଅଶୁବାବୁ ଆଉ କାଳବିଳମ୍ବ ନକରି ଉଠିଲେ । ଇନ୍ସପେକ୍ଟରଙ୍କ ଜିପ୍ରେ ବସି ଦୁହେଁ ହ୍ୟାମଟନଙ୍କର ବଙ୍ଗଳା ନିକଟରେ ପହଞ୍ଚିଲେ ।

ଗେଟ୍ ନିକଟରେ ଗାଡ଼ି ଷ୍ଟାର୍ଟ ବନ୍ଦ କଲେ ଇନ୍ସପେକ୍ଟର—ଅଶୁବାବୁଙ୍କର ଆଖିଦ୍ୱୟ ବୁଲୁଥିଲା ଗୃହ ଆଡେ । ଇନ୍ସପେକ୍ଟର ଆଉ ଅଶୁବାବୁ ଚାଲିଚାଲି ହୋଇ ଯାଉଥାନ୍ତି । ଅଶୁବାବୁ ମଞ୍ଜୁଲୁର ଜନାଟା ନିକଟରେ ଅଟକିଯାଇ କଣ ଦେଖିଲେ ।

ପହରା ଦେଉଥିବା ସିପାହୀମାନେ ଆସି ସଲାମ ଦେଲେଣି ଅଶୁବାବୁଙ୍କୁ । ସେଆଡ଼କୁ ତାଙ୍କର ନଜର ନାହିଁ । ଅଶୁବାବୁ ଜଣେ ପହରାବାଲାଙ୍କୁ ପଚାରିଲେ । "ଏଠିକି କିଏ ଆଉ ଆସିଥିଲେ କି ?"

"ହଁ ଜଣେ ଡାକ୍ତରବାବୁ ଆସିଥିଲେ—ଆପଣଙ୍କ କଥା ପଚାରି ଚାଲିଗଲେ ।"

"ଗୋଟିଏ ଛୋଟ ନେଳିଆ ବ୍ୟାଗରେ ଆସିଥିଲେ ନା ?"

"ହଁ" କହି ସିପାହୀଜଣକ ନୀରବ ରହିଲା ।

ତାପରେ ଅଶୁବାବୁ ଶବ ନିକଟକୁ ଗଲେ ଏବଂ ପରୀକ୍ଷାକରି ଦେଖିଲେ—ଇନ୍‌ସପେକ୍ଟର ଗୌରବରେ ଠିଆହୋଇ ଦେଖୁଥା'ନ୍ତି ।

ଶବ ଦେହରେ କୌଣସି ସଙ୍କେତ ନାହିଁ । ଶବ ଉପରେ ତାଙ୍କୁ ନିର୍ଦ୍ଦେଶ ଦେଇଦେଇ ଅଶୁବାବୁ ଦେଖିଲେ ଗୋଟାଏ ରକ୍ତର ଧାର ଲମ୍ବିଯାଇଛି ବାହାରକୁ । ତାକୁ ନିରୀକ୍ଷଣ କରି କରି ଯାଇ ସେ ଠିକ୍ ବାହାର କମ୍ପାଉଣ୍ଡ ୱାଲ ନିକଟରେ ପହଞ୍ଚିଲେ ଏବଂ ସେଯେଉଁଠିକି ଲକ୍ଷ୍ୟକରି ରିଭଲ୍‌ଭର ଚଳେଇଥିଲେ ଠିକ୍ ସେ ପର୍ଯ୍ୟନ୍ତ ମଧ୍ୟ ରକ୍ତବୁନ୍ଦା ବୁନ୍ଦା ପଡ଼ିଛି । ଆତତାୟୀ ନବାଧେ ରକ୍ତାକ୍ତ ଛୁରିକାଟିକୁ ଧରି ନେଇଯାଇଛି ।

ତାଙ୍କ ରିଭଲଭର ଗୁଳି ବାଜିଥିବା ଜାଗାରେ ଦେଖିଲେ କଳା କଳା କେତେଗୁଡ଼ିଏ ଲୋମ କେବଳ ଲାଗିରହିଛି । ଯତ୍ନ ସହକାରେ ତାକୁ ବାହାରକରି ଆଣି ପରୀକ୍ଷାକରି ଦେଖିଲେ, ଆତତାୟୀ ଗୋଟାଏ ଫ୍ୟାରପ୍ରୁଫ୍ କୋଟ ପିନ୍ଧିଥିଲା । ତାନହେଲେ ତାଙ୍କ ଦୁଇଦୁଇ ଥର ଲକ୍ଷ୍ୟ କେବେ ବ୍ୟର୍ଥ ହୋଇନଥାନ୍ତା—

ରକ୍ତଧାର ତଥାପି ଲମ୍ବିଛି-ଅଶୁବାବୁ ଅନୁଗମନ କରୁଥାନ୍ତି । ଟିକଏ ଦୂରରେ ଆଉ ରକ୍ତର କୌଣସି ସଙ୍କେତ ନାହିଁ—କେବଳ ଦୁଇଜଣଙ୍କର ଜୋତାଚିହ୍ନ ଅଛି । ପଦଚିହ୍ନକୁ ଲକ୍ଷ୍ୟକରି କରି ପୁଣି ଆଗେଇଲେ ଅଶୁବାବୁ । ପଛେ ପଛେ ଇନ୍‌ସପେକ୍ଟର ଚାଲିଥାନ୍ତି ।

ଅଶୁବାବୁ କେତେ ଗଳିକନ୍ଦି ଡେଇଁଯାଇ ସେଇ ଗଙ୍ଗାକୂଳସ୍ଥ ଭଙ୍ଗା ଅଟ୍ଟାଳିକା ନିକଟରେ ପହଞ୍ଚିଲେ ।

ଇନ୍‌ସପେକ୍ଟର ବାଧାଦେଇ କଣ ପଚାରିବାକୁ ସାହସ କରୁଥିଲେ କିନ୍ତୁ ଅଶୁବାବୁ କହିଲେ, "ଦେଖ, ଇନ୍‌ସପେକ୍ଟର ଆତତାୟୀ କାଲିରାତିରେ ଯାହାଭିତରେ ଆତ୍ମଗୋପନ କରିଥିଲା "ଏ ଭଗ୍ନ କୋଠିରେ—"

"ହିଁ ଅସନ୍ତୁ ଦେଖିବେ" ବହି ଅଶ୍ବିନୀବାବୁ ସେଇଭଙ୍ଗା ଅଟ୍ଟାଳିକା ଭିତରେ ପଶିଲେ ।

ଲକ୍ଷ୍ୟକଲ ଠିକ୍ ସେହି କୋଠରୀସବୁ ପରୀକ୍ଷା କରିନେଲେ ଏବଂ ଗୁପ୍ତଦ୍ୱାରଭିତରେ ପଶିଯିବାକୁ ଲାଗିଲେ । ଇନ୍‌ସପେକ୍‌ଟର କେବଳ ମୂକବତ୍ ତାଙ୍କ ପଛେ ପଛେ ଅନୁଗମନ କରୁଥାନ୍ତି ।

ଅଗରେ ଗହ୍ବର ଭିତରେ ଠିକ୍‌ସେଇ ମୋଡ଼—ଟର୍ଚ୍ଚପକେଇ ଦେଖିଲେ ତାଙ୍କ ରିଭଲଭର ଗୁଳିଟା ଗୋଟାଏପାଖ କାନ୍ଥଭିତରେ ପଶିଯାଇଛି ଏବଂ ସେଠି ମଧ୍ୟ ଠିକ୍ ସେହିପରି କଳାକଳା ଦାଗସବୁ ଲାଗି ରହିଛି । ଇନ୍‌ସପେକ୍‌ଟରଙ୍କୁ ଗହ୍ବର ଭିତରେ ଗଙ୍ଗାନଦୀର ଗର୍ଭପର୍ଯ୍ୟନ୍ତ ନେଇଗଲେ ।

ଇନ୍‌ସପେକ୍‌ଟର କହିଲେ, "ଅଶ୍ବିନୀବାବୁ ଏକାଗାର ସନ୍ଧାନ ଆପଣ ପାଇଲେ କେମିତି—ହୁଏତ ଭାରତର କୌଣସି ପୋଲିସ କର୍ମଚାରୀ ମା'ର ସନ୍ଧାନ ଏ ଯାଏ ପାଇନଥିବ ।"

ଅଶ୍ବିନୀବାବୁ କହିଲେ, "ମୁଁ ହୁଏତ ଜାଣିପାରି ନଥାନ୍ତି ଯଦି କାଲି ଠିକ୍ ସେଇ ମୁହୂର୍ତ୍ତରେ ମୁଁ ଅନୁସନ୍ଧାନ କରି ନଥାନ୍ତି । ଆଜି ଏଣିକି କିଛି ଚିନ୍ତା ନାହିଁ ଇନ୍‌ସପେକ୍‌ଟର—ଅପରାଧୀ ଏଣିକି ଆମ ହାତମୁଠାରେ—କେବଳ ଧରି ନେବାକୁ ପଡ଼ିବ ।"

ଇନ୍‌ସପେକ୍‌ଟର କହିଲେ, "ଏ ହରଣଗୃହ ଆଜି ହତ୍ୟାର ରହସ୍ୟ ମୁଁ ତ ବୁଝି ପାରୁନି ଅଶ୍ବିନୀ ।"

ଆପଣ ମୋ ସହିତ ଆସନ୍ତୁ । ଅତି ସହଜ କଥା—ପରେ ଜାଣିବେ ।"

ଅଶ୍ବିନୀବାବୁ ଗଙ୍ଗାନଦୀ ଭିତରକୁ ଲକ୍ଷ୍ୟ କଲେ । ବହୁ ଦୂରରେ ଗୋଟିଏ ନୌକା ଦେଖା ଯାଉଛି । ପକେଟରୁ ଦୂରବୀଣ

ଯନ୍ତ୍ର ବାହାର କରି ଇନ୍‌ସପେକ୍‌ଟରଙ୍କୁ ଦେଖାଇ ଦେଲେ; "ଦେଖ ସେମାନେ କେମିତି ଆମର ଗତିବିଧି ଲକ୍ଷ୍ୟ କରୁଛନ୍ତି ।"

ଇନ୍‌ସପେକ୍‌ଟର ଦେଖିଲେ କଳା କଳା ଦୁଇଜଣି କଳିଷ୍ଟ ଲୋକ—ଅଶ୍ରୁବାବୁ ଦୁର୍ବୀଣ ଯନ୍ତ୍ରଟିକୁ ଛଡ଼ାଇ ନେଇ କହିଲେ, "ଚାଲନ୍ତୁ—ଆଜି ଡେରି କଲେ, ହୁଏତ ପୁଣି ଅସୁବିଧା ବଢ଼ିଯାଇ ପାରେ—

ଦୁହେଁ ପାହୁଚ ପାହୁଚ ହୋଇ ଗୁପ୍ତଦ୍ୱାର ଅତିକ୍ରମ କରି ଅଫିସ ବାହାର କୋଠରୀରେ ପହଞ୍ଚିଗଲେ ଏବଂ ହଠାତ୍ ଟେବୁଲ ଉପରେ ପଡ଼ିଥିବା କାଗଜ ଉପରେ ତାଙ୍କର ଦୃଷ୍ଟି ପଡ଼ିଲା—ଅଶ୍ରୁବାବୁ ଉଠେଇ ଆଣି ପଢ଼ି ଇନ୍‌ସପେକ୍‌ଟରଙ୍କୁ ବଢ଼େଇ ଦେଲେ । ଇନ୍‌ସପେକ୍‌ଟର ପଢ଼ୁ ପଢ଼ୁ ତାଙ୍କ ଆଖି ଲାଲ ହୋଇ ଆସିଲା । "ସୈତାନ୍" ବୋଲି ଚିତ୍କାର କରି ଉଠିଲେ । ଚିଠିରେ ଲେଖାଥିଲା—

ଅଶ୍ରୁଦାସ,

କ୍ଷମା ଦେଇ ତୁମକୁ ବଞ୍ଚିବାକୁ ଦେଇଛି । ନଚେତ୍ କାଲି ରାତିରୁ ଯମାଳୟ ଭିତରେ ଶାନ୍ତି ପାଉଥାନ୍ତ—ମୁଁ ତୁମ ପଛେ ପଛେ ଅଛି । ବର୍ତ୍ତମାନ ତୁମର ସାକ୍ଷାତ୍ ହୋଇଥାନ୍ତା କିନ୍ତୁ ଇନ୍‌ସପେକ୍‌ଟର ଥିବାରୁ ଗଲିନି—ଶୀଘ୍ର ସାକ୍ଷାତ ହେବ । । ଇତି ।

ତୁମର
ଶୁଭାକାଂକ୍ଷୀ ।

"ମୁଁ ତ କିଛି ଅନୁମାନ କରି ପାରୁନି ଅଶ୍ରୁ ବାବୁ ।"

"ଅସାମୀ ଆମର ପଛେ ପଛେ ଥିଲା"

"ତା ହେଲେ, ତାକୁ ନ ଧରି ଛାଡ଼ି ଦେଲେ କାହିଁକି ?

"ସେଇଟା ପ୍ରକୃତ ଅସାମୀ ନୁହେଁ—କେବଳ ଜଣେ ପଥ ବାହାକ ।"

"ତାକୁ ଧରି ନେଇଥିଲେ ତ ଅନେକ ଖବର ମିଳି ପାରିଥାନ୍ତା ।"

"ଆପଣ କଣ ତାକୁ ଧରି ନେବାକୁ ଚାହାନ୍ତି ?"

"ନିଶ୍ଚୟ",

"ତେବେ ଆସନ୍ତୁ—କିନ୍ତୁ ତା'ଠୁ ବିଶେଷ କିଛି ସନ୍ଧାନ ମିଳି ପାରିବ ବୋଲି ମୋର ଆଶା ନାହିଁ ।" ଅଟ୍ଟାଳିକା ଭିତରୁ ବାହାରକୁ ଗଲେ । ଗଙ୍ଗା କୂଳରୁ ସେହି ଘାଟ ଭିତରେ—ଅଳ୍ପ-ଟିକିଏ ଦୂରରେ ଗୋଟାଏ ବୃକ୍ଷ ପାଖ ଦେଇ ବାଟ—ତା ନିକଟରେ ଅଟ୍ଟାଳିକାର କାନ୍ଥକୁ ଆଉଜି ବସିଛି ଜଣେ କୁଷ୍ଠରୋଗୀ—ହାତ ଓ ଗୋଡ଼ର ଆଙ୍ଗୁଠି ସବୁ ଛିଣ୍ଡି ଯାଇ କନା ଗୁଡ଼ା ହୋଇଛି—ରକ୍ତାକ୍ତ ଦଗ୍ଧ କନାଟା—କେଶଟା ବିକ୍ଷିପ୍ତ—ଦାଢ଼ି ଭିତରୁ ମୁହଁ ଭିତରୁ ଆଖି ଦୁଇଟି କିନ୍ତୁ ତା'ର ଜଳି ଉଠୁଥିଲା ।

ଅଶୁବାବୁ ଇନ୍‌ସପେକ୍ଟରଙ୍କ କାନରେ କଣ କହିବାକୁ ଆରମ୍ଭ କଲେ ଏବଂ ସେ କୁଷ୍ଠରୋଗୀ ଲୋକଟି ପ୍ରତି ନିର୍ଦ୍ଦେଶ ଦେଇ ଦେଇ ରୋଗୀଟି ଉଠିବାକୁ ଆରମ୍ଭ କଲା ।

ଇନ୍‌ସପେକ୍ଟର ଦ୍ରୁତ ପଦକ୍ଷେପରେ ଆଗେଇ ଯିବାବେଳେ କୁଷ୍ଠରୋଗୀଟି ତଳେ ପଡ଼ିଯାଇ ଚିତ୍କାର କରି ଲାଗିଲା—ଅଶୁବାବୁ ତା ଚିତ୍କାରକୁ ଖୁବ୍ ସତର୍କତା ସହିତ ଶୁଣୁଥିଲେ—ସେ ଚିତ୍କାର ନୁହେଁ ଗୋଟାଏ ପ୍ରକାର ସଙ୍କେତ ।

ଇନ୍‌ସପେକ୍ଟର କୁଷ୍ଠରୋଗୀଟାକୁ ଧରିବାକୁ ପ୍ରଥମେ ଘୃଣା କରୁଥିଲେ କିନ୍ତୁ ଅଶୁବାବୁ ନିଜେ ଯାଇ ଧରି ପକାଇଥିଲେ । ବାଟୋଇ ଲୋକେ ସବୁ ଦୃଶ୍ୟ ଦେଖି ଭ୍ରାନ୍ତ ହୋଇଯାଇଥିଲେ । ଅଶୁବାବୁ କୁଷ୍ଠରୋଗୀଟିର ହାତ ଗୋଡ଼ରେ ଗୁଡ଼ା ହୋଇଥିବା କପଡ଼ା ଗୁଡ଼ାକୁ ଖୋଲିବାକୁ ଆରମ୍ଭ କଲେ—ଇନ୍‌ସପେକ୍ଟର କେବଳ ହାବା ହୋଇ ଅଶୁବାବୁଙ୍କୁ ଚାହିଁ ରହିଥାନ୍ତି ।

କ ଅଶ୍ଚର୍ଯ୍ୟ ଲୋକଟା ପ୍ରକୃତରେ ରୋଗୀ ନୁହେଁ — ହାତଗୋଡ଼ ତା'ର ସବୁ ଅଛି । ଅଶୁବାବୁ ଯେତେବେଳେ ତା'ର ମୁହଁରେ ଦାଢ଼ିଗୁଡ଼ା ବାହାର କରିବାକୁ ବସିଲେ ଲୋକଟା ଟିକିଏ ବଳ ପ୍ରୟୋଗ କରିବାକୁ ବସିଲା । ସଙ୍ଗେ ସଙ୍ଗେ ଅଶୁବାବୁ ପକେଟରୁ ରିଭଲଭର ବାହାର କରି "ସାବଧାନ ଇନାୟତ, ଆଉ ଖସିବାକୁ ଚେଷ୍ଟା କରନା ।"

ଇନାୟତର ନାଁ ଶୁଣି ଇନ୍‌ସପେକ୍ଟର ପ୍ରଥମେ ନିଜକୁ ବିଶ୍ୱାସ କରି ପାରି ନଥିଲେ । ମଧ୍ୟପ୍ରଦେଶର ପ୍ରଧାନ ଡକାୟତ ଶଙ୍କର ସହକାରୀ—କୋଡ଼ିଏଟା ଡକାୟତି ଆଉ ଖୁନ୍ କେଶ୍‌ର ଅସାମୀ ଇନାୟତ—ଏତେ ସହଜରେ ଅଶୁବାବୁଙ୍କ ହାତରେ ।

ଇନ୍‌ସପେକ୍ଟର ଜମା ହୋଇଥିବା ଲୋକମାନଙ୍କୁ ଅତେଇ ଦେଇ ଇନାୟତର ସାମନାକୁ ଚାଲିଗଲେ ।

ଅଶୁବାବୁ ତା' ମୁହଁରେ ଦାଢ଼ିଗୁଡ଼ା ପରିଷ୍କାର କରି ଦେଲେଣି—ଇନାୟତକୁ ଦେଖି ଇନ୍‌ସପେକ୍ଟର ଅଶୁବାବୁଙ୍କୁ କେବଳ ଧନ୍ୟବାଦ ଦେବାରେ ଲାଗିଲେ । ଅଶୁବାବୁ କହିଲେ "ଆପଣ ଇନାୟତକୁ ନେଇ ସଙ୍ଗରେ ଯାଆନ୍ତୁ ମୁଁ ବର୍ତ୍ତମାନ ପ୍ରକୃତ ଆସାମୀ ଉଦ୍ଦେଶ୍ୟରେ ବାହାରିଲି ।"

ଅଂଶୁବାବୁ ଖୁବ୍ ଚଞ୍ଚଳ ଚଞ୍ଚଳ ଆଗେଇଥାନ୍ତି—ଗଳି ପରେ ଗଳି, ରାସ୍ତାପରେ ରାସ୍ତା ଅତିକ୍ରମ କରି ଚାଲିଛନ୍ତି ସେ—ତାଙ୍କ ଆଖି କିନ୍ତୁ ଘୂରି ବୁଲୁଛି ଚାରିଆଡ଼େ । ସାମନାରେ ଜାନକୀବାବୁଙ୍କ ଘର—ଗେଟ୍ ନିକଟରେ ସାଧା ପୋଷାକରେ ଥିବା ସିପାହୀଙ୍କୁ ପଚାରିଲେ,

"ଜାନକୀବାବୁ ଭିତରେ ?"

"ହଁ"

"ଆଉ କିଏ ଅଛି ?"

"ଜଣେ ଡାକ୍ତର"

"କେତେବେଳୁ ଆସିଲେଣି ?"

"ଏଇ ଦଶମିନିଟ ହେବ !"

"ଠିକ୍ ଅଛି ମୁଁ ଫେରିବାଯାଏ ଯେମିତି ଡାକ୍ତର ଏଠି ଥିବେ । ତାଙ୍କୁ ଯଦି ଚାହିଁବେ ତାହାହେଲେ ତାଙ୍କୁ ବାହାନା ଦେଖେଇ ଅଟକେଇ ରଖିବେ । ନାରାଜ ହେଲେ ଆରେଷ୍ଟ କରିବେ । କହି ଅଂଶୁବାବୁ ଚାଲିଗଲେ ।

ସିପାହୀ ଜଣକ ମୂକବତ୍ ଚାହିଁରହିଥାଏ ତାଙ୍କ ଯିବା ବାଟକୁ ।

ଏଲ୍ଲାହାବାଦ କଟନ ମିଲ୍ସର ଅନତିଦୂରରେ ଡାକ୍ତରଙ୍କର ଗୋଟିଏ ବଙ୍ଗଳା । ସେ ହେଉଛନ୍ତି କଟନମିଲ୍ସର ଡାକ୍ତର । ଜାନକୀବାବୁ ତାଙ୍କୁ ଭଲ ଦରମା ଦେଇ ରଖିଥାନ୍ତି । କାରଣ ସେ ଜଣେ ବିଲାତ ଫେରନ୍ତା ଡାକ୍ତର ଥିଲେ ।

କଟନ୍‌ମିଲସର ସାମନାରେ ପହରା ଦେଉଥିବା ଜଣେ ସବ୍ ଇନ୍‌ସପେକ୍ଟରଙ୍କୁ ଡାକି ତାଙ୍କ ସଙ୍ଗରେ ଯିବାକୁ କହିଲେ ।

ଡାକ୍ତରଙ୍କ ଗେଟ୍ । ଭିତର ବାରଣ୍ଡାରେ ଜଣେ ଲୋକ ବସିଛି । ଅଶୁବାବୁ ସେ ଲୋକଟାକୁ ଦେଖି ଖୁସି ହୋଇଯାଇ ସବ୍‌ଇନସପେକ୍ଟରଙ୍କୁ କହିଲେ, "ଏଇ ଲୋକଟାକୁ ସତର୍କତା ସହକାରେ ଧରିବାକୁ ପଡ଼ିବ । ତା ନ ହେଲେ ଖସିଯାଇ ପାରେ ।"

ସବ୍‌ଇନ୍‌ସପେକ୍ଟର କହିଲେ, "ଆପଣ ବ୍ୟସ୍ତ ହୁଅନ୍ତୁନି— ମୁଁ ସେ ଲୋକଟାକୁ ଧରିଦେଉଛି ।"

ଗେଟ୍ ସାମନାରେ ନ ପଶି ଗୋଟାଏ ପାଚେରୀ ଡେଇଁ ଦୁହେଁ ପଶିଲେ ।

ପାଠକେ ! ଏଲାହାବାଦ କଟନମିଲ୍‌ର କୋଠାବାଡ଼ି ସହରର ବହୁ ଦୂରରେ; ଜନଶୂନ୍ୟ ପ୍ରାନ୍ତର ଉପରେ ମୁଣ୍ଡଟେକି ଠିଆ ହୋଇଛି । ତା'ର ଟିକିଏ ଦୂରରେ ଡାକ୍ତରଙ୍କ କୋଠି । ପଛପଟକୁ ବୁଦୁବୁଦିଆ ଜଙ୍ଗଲ ଲାଗି ରହିଛି ବାଟ୍ୟା ଚଳୁଥାଏ । ଡାକ୍ତର ଜଣକ ଥିଲେ ଜଣେ ପଞ୍ଜାବର ଲୋକ ।

ଅଶୁବାବୁ ଡାକ୍ତରଙ୍କ କୋଠିର ପଛପଟେ ପଶି ସବ୍-ଇନସପେକ୍ଟରଙ୍କୁ ସାମନାପଟେ ଯିବାକୁ ନିର୍ଦ୍ଦେଶ ଦେଲେ ।

ବେଡ୍‌ରୁମର ଦରଜା ଖୋଲି ଅଶୁବାବୁ କଣ ଖୋଜିବାରେ ଲାଗିଥାନ୍ତି । ବାହାରୁ ରିଭଲଭରର ଆବାଜ ହେଲା । ଅଶୁବାବୁ ବାହାରକୁ ଦଉଡ଼ି ଆସି ଦେଖିଲେ ସବ୍‌ଇନ୍‌ସପେକ୍ଟର ତଳେ ପଡ଼ି ଯାଇଛନ୍ତି ଏବଂ ଲୋକଟା ଖସି ଯାଇଛି । ରକ୍ଷା, ରିଭଲଭରର ଗୁଳିଟା ସବ ଇନ୍‌ସପେକ୍ଟରଙ୍କ ଦେହରେ ବାଜିନି ।

ଅଶୁବାବୁ ସବ୍ ଇନ୍‌ସପେକ୍ଟରଙ୍କୁ ଉଠେଇ ତାଙ୍କୁ ସାନ୍ତ୍ୱନ ଦେଲେ ଏବଂ ତନ୍ନ ତନ୍ନ କରି ଘରଟାଯାକ ଖୋଜିବାରେ ଲାଗିଲେ । ବେଡ୍‌ରୁମକୁ ଲାଗି ଅଉଗୋଟିଏ ଛୋଟିଆ ଘର ଗୋଟିଏ ମାଷ୍ଟରଲକ୍ ପଡ଼ିଛି । ପକେଟରୁ ଗୋଟାଏ ମ୍ୟାଗ୍‌ନେଟ

ବାହାରକରି ଚାବିଟା ଖୋଲି ଘର ଭିତରେ ପଶିଲେ—ଦେଖିଲେ ଗୋଟାଏ ଆଲମିରା—ବନ୍ଦ ହୋଇଛି—ଖୋଲିବାକୁ ଚେଷ୍ଟାକରି ପାରିନଥିଲେ । କେଉଁଠୁ ଆଲମିରାର ଦରଜା ଦୁଇଟି ବନ୍ଦ ହୋଇଛି ନିରୀକ୍ଷଣ କରିମଧ୍ୟ ଅନୁମାନ କରି ପାରିଲେନି । ଭାଙ୍ଗିବାକୁ ବାଧ୍ୟ ହେଲେ ।

ଗୋଟିଏ ଲୁହା ଛଡ଼ ସାହାଯ୍ୟରେ ଆଲମିରାର କବାଟ ଗୋଟାଏ ଭାଙ୍ଗି ବାହାର କରୁ କରୁ ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଭଲା ଓଭରକୋଟ ଦୁଇଟା—ଅଶୁବାବୁ କୋଟ ଦୁଇଟାକୁ ହାତରେ ଆଣି ପକେଟ ତମାମ ଦରାଣ୍ଡିନେଲେ—ତାଙ୍କ ନିକଟରେ ଚିଠି ଗୁଡ଼ାକ ସେହିପରି ଅଛି । ତାଙ୍କ ମନର ଆନନ୍ଦ ପଚାରେ କିଏ ? ଅନ୍ୟ କୋଟର ପକେଟ ଦେଖୁ ଦେଖୁ ଗୋଟାଏ ରୁମାଲ—ରକ୍ତର ଦାଗ ଏବେବି ଲାଗିଛି ।

ହସି ହସି କୋଟ୍ ଦୁଇଟିକୁ ହାତରେ ଧରି ବାହାରି ଆସିଲେ ଅଶୁବାବୁ—ସବ୍‌ଇନସପେକ୍ଟର ଏତେବେଳ ପର୍ଯ୍ୟନ୍ତ କେବଳ ଥରୁଥାନ୍ତି ।

"ଏତକରେ ତୁମେ ଡରିଗଲ ସବ୍‌ଇନ୍‌ସପେକ୍ଟର ?" କିଛିକଥା କହିପାରୁ ନଥିଲେ—ରୁଦ୍ଧ କଣ୍ଠରେ କହିଲେ, "ଲୋକଟା ଏତେ ବଳବାନ୍ ବୋଲି ତାଙ୍କର ଧାରଣା ନଥିଲା, ସେ ଜଣେ ସାଧାରଣ ଲୋକହିସାବରେ ତାକୁ ଧରିବାକୁ ଚେଷ୍ଟା କରୁଥିଲେ ।"

"ନା, ସେ ସାଧାରଣ ଲୋକ ନଥିଲା ସବ୍‌ଇନ୍‌ସପେକ୍ଟର—ଇନାପ୍ରତ୍ ପରେ ହୁଏତ ବର୍ତ୍ତିମାନ ଇନ୍ଦୁ ଉବାପ୍ରତକୁ ଧରି ପାରିଥାନ୍ତି କିନ୍ତୁ—ଠିକ୍ ଅଛି ଏଥର ସେମାନେ ଆମ ହାତ ମୁଠାରେ ।"

ସବ୍‌ଇନ୍‌ସପେକ୍ଟରଙ୍କ ଟିକିଏ ସାହସ ଆସିଲା । ଅଶୁବାବୁ କୋଟଟାପିନ୍ଧି କହିଲେ, "ମୋ ଉପରକୁ ତୁମେ ରିଭଲଭର ଚଲାଅ ।"

ଡରିଗଲେ ସବ୍‌ଇନ୍‌ସପେକ୍‌ଟର—"ନା, ଡରିବାର କାରଣ ନାହିଁ । ତୁମେ ମାର—ହଁ ଠିକ୍ ଲକ୍ଷ୍ୟ କରି ମାର ।" ଅଶୁବାବୁଙ୍କ କଥାରେ ପ୍ରତିବାଦ ନ କରିଣ ଗୁଳି ଛାଡ଼ି ଦେଲେ ସବ୍‌ଇନ୍‌ସପେକ୍‌ଟର—ହାତ ତାଙ୍କର ଥରୁଥିଲା । ଅଶୁବାବୁ ପୁଣି ଚିତ୍କାର କରି ଉଠିଲେ, "ମାର ସବ୍ ଇନ୍‌ସପେକ୍‌ଟର, କିଛି ଭୟ ନାହିଁ—ମୁଁ କେବଳ ପରୀକ୍ଷା କରୁଛି ।

ସବ୍ ଇନ୍‌ସପେକ୍‌ଟର ଆଖି ବୁଜି ଗୁଳି ଚଳେଇ ଦେଲେ । ବଡ଼ ଆଶ୍ଚର୍ଯ୍ୟ, ଗୁଳିଟା କୋର୍ଟରେ ବାଜି ତଳକୁ ଖସି ପଡ଼ିଲା ।

ଅଶୁବାବୁ ହସି ହସି ସବ୍‌ଇନ୍‌ସପେକ୍‌ଟର ପିଠିରେ ହାତମାରି କହିଲେ, ମଧ୍ୟପ୍ରଦେଶର ଡକାୟତମାନଙ୍କ ସାଙ୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେଲେ ଗୁଳି ଦରକାର—ମନର ଯୋର ଦରକାର—ଏଥର ପାରିବ ?

ଅସୁମାରି ସାହସ ମନରେ ଧରି ସବ୍ ଇନ୍‌ସପେକ୍‌ଟର କହିଲେ, "ମୋର ନୂଆ ଚାକିରି—କେବେହେଁ ଏମିତି ପରିସ୍ଥିତିର ସମ୍ମୁଖୀନ ହୋଇ ନ ଥିଲି—ଏଥର ମୁଁ ଯଥେଷ୍ଟ ଶିକ୍ଷା ପାଇଛି ।"

"ତା, ହେଲେ ତୁମକୁ ଛଦ୍ମବେଶରେ ଏଇ କୋଠି ଜଗି ରହିବାକୁ ପଡ଼ିବ । କେବଳ ତୁମେ ଅନୁମାନ କରିବ କିଏ ଆସୁଛି, ଯାଉଛି । ବାସ୍ ମୁଁ ଆସୁଛି । ତୁମେ ଜଲଦି ତୁମର ପୋଷାକ ବଦଳେଇ ଏଇଠି ରହି ମୋତେ ମଝିରେ ମଝିରେ ଫୋନ୍ କରି ଦେଉଥିବ ।" କହି ଅଶୁବାବୁ କୋଟ ଦୁଇଟାକୁ ହାତରେ ଧରି ଫେରିଲେ ।

# ୧୦ * ଷଡ଼ଯନ୍ତ୍ର ଧରାପଡ଼ିଲା

ଜାନକୀବାବୁଙ୍କର ବୈଠକଖାନା—ଗୋଟାଏ ଇଜିଚେୟାର ଉପରେ ଅଚଳପଙ୍ଗୁ ବସିଥିଲେ ଜାନକୀବାବୁ । ଆଖିରୁ ଲୁହଧାର ଏଯାଏ ଶୁଖିନି—ନିକଟରେ ଅନ୍ୟ ଗୋଟାଏ ଚେୟାରରେ ଡାକ୍ତର ବସି ସାନ୍ତ୍ୱନା ଦେଉଥାନ୍ତି ।

ଜାନକୀବାବୁ ଶେଷ ସିଦ୍ଧାନ୍ତରେ ପହଞ୍ଚିଥାନ୍ତି ଯେ ସେ ଆଉ ଏଠି ରହିବେନି—ସେ ଏଲାହାବାଦର କଟନ୍‌ସମିଲକୁ ବିକିଦେଇ କଟକଫେରିଯିବେ । ଡ଼ାକ୍ତର ଭରସାଦେଇଥାନ୍ତି ସେ ଯେମିତିହେଉ ନିଜେ ତାଙ୍କ ନନ୍ଦନକୁ ଖୋଜି ବାହାର କରିଦେବେ । ଡ଼ାକ୍ତର ଉପରେ ବିଶ୍ୱାସ ରଖି ଜାନକୀବାବୁ କହିଲେ, "ଡାକ୍ତରବାବୁ ! ଏଲାହାବାଦର କଟନ୍‌ମିଲ୍‌ସବ ପ୍ରତିପତ୍ତି ଯେତେ ବଢ଼ିଛି ମୋର ନିଜର ସେତେ କ୍ଷତି ହୋଇଛି । ସ୍ତ୍ରୀ ମରିଛି—ଆଦରଣୀୟା କନ୍ୟା ତାଙ୍କର ଯାଇଛି—ଯାହାକୁ କୋଟିଙ୍କର ନିଶ୍ଚିନ୍ତହେବେ ବୋଲି ଗୁହୁଁଥିଲେ ତା'ର ମଧ୍ୟ ଅବସ୍ଥା ତଦ୍ରୂପ । ଆଉ କାହାପାଇଁ ସେ ଏତେ ଦାୟିତ୍ୱ ବହନ କରିଥିବେ ।"

ସିଗାରେଟ୍‌ରୁ ଧୂଆଁ ଛାଡ଼ି ଡ଼ାକ୍ତର କହିଲେ, "ପୋଲିସ କମ୍ପା ଅଶୁଦାସ ଆପଣଙ୍କୁ ସାହାଯ୍ୟ କରିବେ ବୋଲି ଭାବୁଛନ୍ତି ? ସାରା ଭାରତବର୍ଷରେ ଏତେ ଏତେ ମର୍ଡ଼ରକେଶ୍, ଡ଼କାୟତିସବୁ ହୋଇ ଯାଉଛି—ଏମାନେ ଥାଇ କଣ କରୁଛନ୍ତି ? ସେମାନଙ୍କର ଉପରେ ଆପଣମୋଟେ ଭରସା ରଖନ୍ତୁନି । ହୁଏତ ଅଧିକ ବିପଦରେ ଡକାୟତମାନେ ଆପଣଙ୍କୁ ପକେଇ ପାରନ୍ତି । ମୁଁ ଆପଣଙ୍କୁ ଯବାବ ଦେଉଛି, ଯେମିତିହେଉ ମୁଁ ନିଜେ ସନ୍ଧାନନେଇ ଆପଣଙ୍କ ଝିଅ ଚୋରିଙ୍କୁ ନେଇ କଟକରେ ଛାଡ଼ିଦେଇ ଆସିବି । ଆପଣ ଏଠା

ଛାଡ଼ି ନଯିବା ପର୍ଯ୍ୟନ୍ତ ଆପଣଙ୍କର ମୁକ୍ତିନାହିଁ । ଡକାୟତମାନେ ଯେତେବେଳେ ଆପଣଙ୍କ ପିଛା ଲାଗିଛନ୍ତି ସେମାନେ ଆପଣଙ୍କୁ ଏତେ ସହଜରେ ଛାଡ଼ିଦେବେ ବୋଲି ଭାବନ୍ତୁନା ।"

"ଆପଣ ମୋ ଝିଅଜୋଇଁଙ୍କୁ ଆଉ କୋଉଠି ପାଇବେ ଡାକ୍ତରବାବୁ—ସେମାନେ ଯେତେବେଳେ ହିମତ୍‌ସିଂଙ୍କୁ ଖୁନ୍‌କରିଛନ୍ତି—ଆଉ କଣ ନନ୍ଦିତା ମୋର ଜୀବନରେ—" ଆଉ କହିନପାରି କଣ୍ଠରୁଦ୍ଧ ହୋଇଯାଇଥିଲା ଜାନକୀବାବୁଙ୍କର । ପୁଣି ଅର୍ଦ୍ଧରୁଦ୍ଧ କଣ୍ଠରେ କହିବାକୁ ଆରମ୍ଭକଲେ, "ଡାକ୍ତର ! ତୁମେ ଏକମାତ୍ର ମୋର ଭରସା । ତୁମରି ହାତରେ ମୁଁ ମୋର କଟନମିଲ୍‌ସର ଦାୟିତ୍ୱଦେଇ କଟକଯିବି । ମୋର ପୋଲିସ କିମ୍ବା କୌଣସି ଡିଟେକ୍‌ଟିଭ୍‌ଙ୍କ ଉପରେ ଭରସା ନାହିଁ । ତୁମେ କେବଳ ମୋ ନନ୍ଦିତା ଆଉ ନନ୍ଦନକୁ ଖୋଜିଆଣିବାର ଶର୍ତ୍ତରେ ପ୍ରତିଶ୍ରୁତି ଦିଅ—ତା ନହେଲେ ମୋର ଆତ୍ମହତ୍ୟା କରିବା ଛଡ଼ା ଅନ୍ୟ କୌଣସି ରାସ୍ତାନାହିଁ । ନନ୍ଦିତା ତା ପିତାର ଏକମାତ୍ର ସନ୍ତାନ । ମୁଁ ଏଯାଏ ତାଙ୍କନିକଟକୁ ନନ୍ଦନର ନିରୁଦ୍ଦେଶ ସମ୍ବନ୍ଧରେ ଖବର ଦେଇନି—ଖବର ପାଇଲେ ହୁଏତ ସେ ବଞ୍ଚିରହି ପାରିବେ କି ନା ସନ୍ଦେହ ।"

ମଝିମଝିରେ ଘଡ଼ିଆଡ଼କୁ ଲକ୍ଷ୍ୟକରୁଥାନ୍ତି ଡାକ୍ତର । ତାଙ୍କ ଜ୍ୱଳନ୍ତଚକ୍ଷୁଦୁଇଟିରେ ଯେପରି ଅସୁମାରି ଆନନ୍ଦର ସ୍ପନ୍ଦନ । ଜାନକୀବାବୁଙ୍କୁ ପ୍ରତିଶ୍ରୁତିଦେଇ କହିଲେ, "ବର୍ତ୍ତମାନ ଯଦି ପୋଲିସ ଡକାୟତମାନଙ୍କର ପିଛାଧରେ ତେବେ ଆପଣଙ୍କର ଝିଅ ଜୋଇଁଙ୍କୁ ପାଇବା ହୁଏତ ନିଶ୍ଚୟ କଷ୍ଟସାଧ୍ୟ ହୋଇପଡ଼ିବ । ସେମାନେ ଯେତେବେଳେ ଡକାୟତ, ସେମାନଙ୍କର କି ଜୀବନପ୍ରତି କୌଣସି ମମତା ଥାଏ—"

"ନା, ନା, ତା କୁହନ୍ତୁନ ଡାକ୍ତର—ମୋର ହିଁ ଅଜୋରିଙ୍କୁ ପାଇବା ବଦଳରେ ତୁମେ ମୋତେ ଯାହା ଗ୍ରହିବ ତା' ମୁଁ ଦେବାକୁ ରାଜିଅଛି ।"

"ତେବେତ ସବୁ ଠିକ୍‌ହୋଇଯିବ—ସେମାନେ ଆପଣଙ୍କର ପୁଅଝିଅଙ୍କୁ ନେଇଯିବା ମାନେ କିଛିଟଙ୍କା ଖସେଇବା ମତଲବ । ତା ଭିତରେ ସେ ହ୍ୱମତସିଂହ ନଥିଲେ ଏମିତନ୍ତହେଁ—କିନ୍ତୁ ହ୍ୱମତସିଂ କାଳେ ସେମାନଙ୍କୁ ଧରାଇଦେଇ ଦେଇପାରେ ସେଥିପାଇଁ ସେମାନେ ତାକୁ ଖୁନ୍ କରିଛନ୍ତି ।"

"ତୁମେ ଠିକ୍ କହୁଛ ଡାକ୍ତର ।"

"ତାପରେ ମୁଁ ମଧ୍ୟ ଡକାୟତମାନଙ୍କ ସଙ୍ଗରେ ମିଶିଯାଇ ପାରେ । କିଛି ଟଙ୍କା ନେଇ ଦେଇ ଅତଗୁପ୍ତଭାବରେ ନନ୍ଦତା ଅଜ ନନ୍ଦନଙ୍କୁ ଉଦ୍ଧାର କରିବାକୁ ପଡ଼ିବ । ତା ନହେଲେ ପୋଲିସ ପୁଣି ମୋତେ ମଧ୍ୟ ସନ୍ଦେହ କରିପାରେ ।"

"ନା, ଡାକ୍ତର, ପୋଲିସ ତୁମକୁ କାହିଁକି ସନ୍ଦେହ କରିବ ?"

"ବୁଝୁନାହାନ୍ତି, ପୋଲିସଲୋକ, ସତକୁ ମିଛ, ମିଛକୁ ସତ କରିବା ସେମାନଙ୍କ ପକ୍ଷରେ କିଛି ବଡ଼କଥା ନୁହେଁ—ମୁଁ ଆସେ —କହି ଡାକ୍ତର ଉଠିବାକୁ ଚେଷ୍ଟାକଲେ ।

"ଡାକ୍ତର ! ତୁମେ ଗୁଲିଗଲେ ମୁଁ କଣ ବଞ୍ଚିରହି ପାରିବି ! ତୁମେ ମୋତେ କଥାଦିଅ ଡାକ୍ତର ମୁଁ ମୋ ହିଁ ଅଜୋରିଙ୍କୁ ପାଇବି ?"

" ମୋ ଉପରେ ଯଦି ଆପଣଙ୍କର ବିଶ୍ୱାସ ଅଛି ତେବେ ଏତିକି କହିପାରେ ଯେ ଆପଣ ଯଦି ଏଠା ଛାଡ଼ି ଅଜି କଟକ ଫେରିଯାନ୍ତି ତେବେ ଦୁଇଦିନପରେ ମୁଁ ଠିକ୍ ଆପଣଙ୍କ ହିଁଅ ଜୋରିଙ୍କୁ ଫେରେଇ ଦେବାର ଭାର୍ଗର ପ୍ରତିଶ୍ରୁତି ଦେଉଛି ।"

"ମୋତେ ନିର୍ଭର ପ୍ରତିଶ୍ରୁତି ଦେଉଛ ଡାକ୍ତର ?"

"ଏଥିରେ ଅଉ ଅବିଶ୍ୱାସ କଥା ରହିଲା କେଉଁଠି ?"

ଟିକିଏ ଚିନ୍ତାକରି ଜାନକୀବାବୁ କହିଲେ, 'ତେବେ ମୁଁ ଆଜି ରାତିରେ ଏଠା ଛାଡ଼ି ଚାଲିଯିବି ଡାକ୍ତର—ଏଇ ନିଅ—" କହି ଡ୍ରୟାରରୁ ଖଣ୍ଡେ କାଗଜ ବାହାର କରି ଲେଖି ଦେଲେ । ବଢେଇ ଦେଇ କହିଲେ, "ଏହ୍ଲାବାଦର କଟନ୍‌ମିଲର ଦାୟିତ୍ୱ ମୁଁ ଆଜିଠୁ ତୁମରି ହାତରେ ସମର୍ପି ଦେଇ ଯାଉଛି ଡାକ୍ତର—ମୋର ପୁଅ ଝିଅଙ୍କୁ ଫେରେଇ ଦିଅ—ତୁମ ନିକଟରେ ଏତିକି ମୋର ଭିକ୍ଷା—ମୁଁ ଆଉ କିଛି ଚାହେଁନା—"

କାଗଜ ଖଣ୍ଡିକ କରଗତ କରିନେବା ପୂର୍ବରୁ ହଠାତ୍ ଅଶୁବାବୁଙ୍କର କଣ୍ଠର ଆୱାଜ ଶୁଣା ଯାଇଥିଲା—ବିବ୍ରତ ହୋଇ ଯାଇଥିଲେ ଡାକ୍ତର—ହୁଏତ ଜାନକୀବାବୁ ଲକ୍ଷ୍ୟ କରି ପାରି ନ ଥାନ୍ତେ କିନ୍ତୁ ଅଶୁବାବୁ ଠିକ୍ ନେଇଥିଲେ ଡାକ୍ତରଙ୍କ ଚଞ୍ଚଳତା ।

ଅଶୁବାବୁ ନମ୍ର କଣ୍ଠରେ କହିଲେ, "ଡାକ୍ତରବାବୁ କଣ ଯାଉଛନ୍ତି ?"

ଜାନକୀବାବୁ ଅଶୁବାବୁଙ୍କୁ ଦେଖି ନୀରବ ରହି ଯାଇଥିଲେ କାରଣ ଡାକ୍ତରଙ୍କ କଥା ଉପରେ ବିଶ୍ୱାସ ରଖି ସେ ଅଶୁବାବୁ ଆଉ ପୋଲିସ ଉପରୁ ଆସ୍ଥା ହରେଇ ବସିଥିଲେ ।

"ହଁ ଆଜ୍ଞା, ମୋର ଦୁଇ ଚାରିଟା ରୋଗୀ ଦେଖିବାର ଅଛି—ମୁଁ ଆସେ ।" କହି ଡାକ୍ତର ଉଠିଯିବାକୁ ବସିଥିଲେ । ଅଶୁବାବୁ କହିଲେ, "ନା, ଡାକ୍ତର ଯିବେ ତ ଟିକିଏ ବସନ୍ତୁ"—

"କ୍ଷମା ଦେବେ" କହି ଉଠି ଯାଉଥିଲେ ଡାକ୍ତର ।

ଅଶୁବାବୁ ଗୋଟାଏ ଚଉକିରେ ବସିପଡ଼ି କହିଲେ, "ଡାକ୍ତରବାବୁ ! ଆପଣଙ୍କ ପକେଟରେ ରିଭଲ୍‌ଭର୍ ଅଛି ?

ଅସ୍ଥିର ହୋଇଯାଇଥିଲେ ଜାନକୀବାବୁ—ଡାକ୍ତର ଅତି ଚଞ୍ଚଳତା ସହିତ ଆରମ୍ଭ କଲେ, "ଆପଣ କଣ କହୁଛନ୍ତି ଅଶୁବାବୁ—ମୋ ନିକଟରେ ରିଭଲ୍‌ଭର୍ କେଉଁଠୁ ଆସିବ—ମୁଁ ଡାକ୍ତରଲୋକ ।"

"ସାବଧାନ ଡାକ୍ତର, ଫାଙ୍କିଏ ଘୁଞ୍ଚିବାକୁ ଆଉ ଚେଷ୍ଟା କରନି—ଫଳ ଭଲ ହେବନି—" କହି ଅଶୁବାବୁ ଆଗେଇଯାଇ ଡାକ୍ତରଙ୍କ ପକେଟରୁ ରିଭଲ୍‌ଭର୍‌ଟା ବାହାର କରି ଆଣି ଟେବୁଲରେ ରଖିଲେ ରିଭଲ୍‌ଭର୍ ଦେଖି ଜାନକୀବାବୁ ଚମକି ଉଠିଲେ । ଅଶୁବାବୁ କହିଲେ, "କିଛି ଭୟର କାରଣ ନାହିଁ । ମୋ ରିଭଲ୍‌ଭର୍‌ଟା ହଜି ଯାଇଥିଲା—ଡାକ୍ତରବାବୁ ପାଇଥିବେ ବୋଲି ମୁଁ ଅନୁମାନ କରୁଥିଲି ଆଉ ତା ଠିକ୍ ।"

ଡାକ୍ତରବାବୁଙ୍କୁ ଜାନକୀବାବୁ ପଚାରିଲେ, "ଅଶୁବାବୁଙ୍କର ରିଭଲଭର ଆପଣ କେଉଁଠୁ ପାଇଲେ ।"

ଅଶୁବାବୁ କହିଲେ, "ନନ୍ଦିତାକୁ ମୁଁ ଆଣୁଥିଲାବେଳେ ଡାକ୍ତର ମୋ ପ୍ରତିଦ୍ୱନ୍ଦ୍ୱୀ ହୋଇ ମତେ ହରେଇ ନନ୍ଦିତାକୁ ନେଇ ଗଲେ । ତା ସଙ୍ଗେ ସଙ୍ଗେ ମଧ୍ୟ ମୋ ଅଚେତନ ଅବସ୍ଥାରେ ମୋ ପକେଟରୁ ଏଇ ରିଭଲଭରଟା ବାହାରକରି ନେଇଥିଲେ ।"

ଜାନକୀବାବୁ ଗର୍ଜିଉଠି କହିଲେ, "ଡାକ୍ତର ! ତୁମେ ତା ହେଲେ···"

ପଛରୁ ପୋଲିସ ଇନ୍‌ସପେକ୍‌ଟର ଦୁଇଜଣ ସିପାହୀଙ୍କୁ ସଙ୍ଗରେ ଧରି ପହଞ୍ଚି ଯାଇଥିଲେ ଏବଂ ଅଶୁବାବୁଙ୍କ ନିର୍ଦ୍ଦେଶ କ୍ରମେ ଡାକ୍ତରଙ୍କୁ ଆରେଷ୍ଟ କରିନେଲେ—

ଇନ୍‌ସପେକ୍‌ଟରଙ୍କୁ ଅଶୁବାବୁ କହିଲେ ଡ଼ାକ୍ତରବାବୁଙ୍କୁ ଅଭ ଠିଆ ନ କରେଇ ଟିକିଏ ବସିବାକୁ ଦିଅ ।

ଡାକ୍ତରଙ୍କର ଦେହତମାମ୍ କେବଳ ଥରୁଥିଲା—ଅହତ ଫଣି ପରି ସେ ଚିତ୍କାର କରି ଲାଗିଲେ, ମୋତେ ଆପଣ ସନ୍ଦେହ କରୁଛନ୍ତି ?"

ଅଶୁବାବୁ କହିଲେ ଏ ସନ୍ଦେହର କାରଣ ନୁହଁ ଡାକ୍ତର— ଦେଖ, ଏ କୋର୍ଟ କାହାର ? ତୁମେ ଲଣ୍ଡନରୁ ଫେରିବା ପୂର୍ବରୁ ସ୍କଟ ଲ୍ୟାଣ୍ଡୟାର୍ଡ଼ର ଜଣେ ଡ଼ିଟେକ୍‌ଟିଭ ବନ୍ଧୁଙ୍କଠାରୁ ଏ କୋର୍ଟ ଦୁଇଟି ଆଣିଥିଲେ ନା—

"ନା, ମିଛ ।"

ଅଶୁବାବୁ ଗର୍ଜିଉଠି କହିଲେ, "ମିଛ—ତେବେ

ତୁମ ଡ଼ିଟେକ୍‌ଟିଭ ବନ୍ଧୁଙ୍କର ଚିଠିକଥା ବି ମିଛ ? ସେ ଚିଠିଟି ମୁଁ ତୁମର ବେଡ଼ରୁମରୁ ପାଇଛି ।"

"ମୋ ବେଡ୍‌ରୁମରୁ ?"

"ହଁ ହିମତସିଂକୁ ମାରିବାର ଛୁରିଟା ମଧ୍ୟ ମିଳିଛି ।"

ଗର୍ଜିଉଠି ଡାକ୍ତର କହିଲେ, "ମୁଁ ହିମତ୍‌ସିଂକୁ ମାରିଛିବୋଲି ଅପଣ ବିଶ୍ୱାସ କରୁଛନ୍ତି ଜାନକୀବାବୁ ?"

ଜାନକୀବାବୁଙ୍କର ବିଶ୍ୱାସ କରିବାକଥା ମୋଟେନୁହଁ— କାରଣ ଏଲହାବାଦର କଟନମିଲ୍‌ସର ଦାୟିତ୍ୱ ତମର ହାତରେ ଛାଡ଼ଦେଇଗଲେ ତୁମେ ତାଙ୍କ ଝିଅଜୋଇଁଙ୍କୁ ଫେରେଇ ଦେବ ବୋଲି ବର୍ତ୍ତମାନ କହୁଥିଲ ନା—

"ନା—"

ଜାନକୀବାବୁ ଏଥର ଗର୍ଜିଉଠି କହିଲେ, "ତୁମେ ମତେ ବର୍ତ୍ତମାନ କହନ ଡାକ୍ତର, ମୁଁ ଅଜ ଏଠା ଛାଡ଼ି ଚାଲିଗଲେ ତୁମେ ମୋ ଝିଅଜୋଇଁଙ୍କୁ କଟକରେ ଛାଡ଼ଦେଇ ଅସିବ—"

ଡାକ୍ତର ନୀରବ ରହିଲେ ।

ଅଶ୍ବାରୁ ପକେଟରୁ ପୁଣି ଏ ଚିଠି ବାହାରକରି ଜାନକୀ ବାବୁଙ୍କ ହାତକୁ ବଢ଼େଇଦେଲେ—

—ପ୍ରଥମ ଚିଠି—

ହିମତ୍‌ସିଂ,

ସୀତାଦେବୀଙ୍କୁ ବନାରସ ନେଇ ଯାଉଥିବାର ଶୁଣିଖୁସି ହେଲି । ଏ ବଟଲ୍‌ଟା ପଠେଇଲି—ଅତି ସାବଧାନତା ସହ ଖୋଇଦେବ—ତାପରେ—ଇତି—

**Dr,**

—ଦ୍ବିତୀୟ ଚିଠି—

ହିମତ୍‌ସିଂ,

କଟକରୁ ଜାନକୀବାବୁଙ୍କ ଝୋଇଁକୁ ନେଇ ଫେରିବା ବାଟରେ ମତେ ଟେଲିଗ୍ରାମ କରିବ । ମୁଁ କେତ୍‌ନି ଜଙ୍କମନଙ୍କୁ ଗାଡ଼ି ପଠେଇବି—ତାଙ୍କୁ ଭୁଲେଇ ମୋ ହାତରେ ବସେଇ ଦେବ । ଇନାମ୍ବତ ଯିବ—ତା ନହେଲେ ସେ ଯଦି ଏଠି ପହଞ୍ଚିଯାଏ—ଆମର ସମସ୍ତ ପ୍ଲାନ ଫେଲ ମାରିଯିବ—ଇତି—

**Dr,**

ତୃତୀୟଟା ଗୋଟାଏ ଟେଲିଗ୍ରାମ—

**Doctor Allhabad Cotton Mills—**

**Reaching by Toophan Mail—Send aceodingly**

**Himat.**

—ଚତୁର୍ଥ ଚିଠି—

ଡାକ୍ତରବାବୁ !

ହିମତ୍ ସିଂଙ୍କ ଅନେ ତମର କଥା ଅନୁଯାୟୀ ଅସିବା ଉଡରେ ବଙ୍ଗଳାରେ ଯଚଥିବ— ଇନାମ୍ବତ—

## —ପଞ୍ଚମ ଚିଠି—

ଅବ୍ଦୁଲ,

ଅଶୁଦାସ ଆମ ପଛରେ—ହୁସିଆର—

ଏ ଚିଠି ସବୁ କେଉଁଠୁ ପାଇଲେ ଅଶୁବାବୁ—ଜାନକୀବାବୁ ଚିଠିଗୁଡ଼ା ଟେବୁଲ ଉପରେ ରଖିଦେଇ ଡାକ୍ତରଙ୍କୁ କହିଲେ, '**Brute,** ତୁମେ ମୋ ସ୍ତ୍ରୀକୁ ହତ୍ୟା କରିଛ ? ତୁମେ ମୋ ଝିଅ ଜୋଲିଙ୍କୁ ହରଣଚେଷ୍ଟା କରିଛ ?"

"ହଁ ଶୁଣନ୍ତୁ" ଅଶୁବାବୁ କହିଲେ, "ପ୍ରଥମ ଦୁଇଖଣ୍ଡ ଚିଠି ଷଚରା ହିମତ୍‌ସିଂର ଘରୁ ପାଇଥିଲି ଏବଂ ଅନ୍ୟାନ୍ୟ ଚିଠିଗୁଡ଼ା ଡାକ୍ତରଙ୍କ ବଙ୍ଗଳାରୁ ପାଇଛୁ ।" "ତା ପରେ ଡାକ୍ତର । ତୁମ୍ଭର ଇନାଏତ୍ ଧରାପଡ଼ି ସ୍ୱୀକାର କରିଛି ଯେ ତୁମର କଥାରେ ସେ ହିମତ୍‌ସିଂଙ୍କୁ ଖୁନ କରିଛି ।"

ଜାନକୀବାବୁ କହିଲେ, "ହିମତ୍‌ସିଂଙ୍କୁ କାହିଁକି ଖୁନ୍‌କଲେ ଅଶୁବାବୁ ?"

ଅଶୁବାବୁ କହିଲେ, "ହିମତ୍‌ସିଂଙ୍କୁ ହାତର ଖେଳନା କରି ତା ହାତରେ ସବୁକାମ କଲେ—ଏଲାହାବାଦ କଟନ୍‌ମିଲ୍‌ସର ଲେଭ ସମ୍ପର୍କୀ. କରିନପାରି ଅପ୍ରତିଦ୍ୱନ୍ଦ ହେବାପାଇଁ ହିମତ୍‌ସିଂଙ୍କୁ ହତ୍ୟାକରିଗଲା—ଆଉ ଆପଣଙ୍କୁ ମଧ୍ୟ ହତ୍ୟାକରିଯାଇ ଥାନ୍ତା—ଇଥା ଥିଲା ଆପଣଙ୍କ ସତ୍ରାଜୋପ କରିସାରିଲା ପରେ ହିମତ୍‌ସିଂ ଆଉ ଏଇ ଡାକ୍ତର ଦୁହେଁ ହେବେ ଅଧିକାରୀ—ଆପଣଙ୍କ ବିରୁଦ୍ଧରେ ଯେତେବେଳେ ଷଡ଼ଯନ୍ତ୍ର ସିଦ୍ଧହୋଇ ଆସିଲା ଠିକ୍ ତା'ର ପୂର୍ବରୁ ହିମତ୍‌ସିଂଙ୍କୁ ହତ୍ୟା କରିଗଲା—ଆଉ ଆଜ ରାତିରେ ଆପଣ ଏଠା ଗୁଣ୍ଡି କଟିକଟିବା ବାଟରେ ଆପଣଙ୍କୁ ମଧ୍ୟ ହତ୍ୟା କରିଯାଇ ଥାନ୍ତା-

"ଆପଣ ଜଣା କହୁଛନ୍ତି ଅଶୁବାବୁ— ?"

"ତା'ପରେ ଡ଼ାକ୍ତର ନିଜେଯାଇ ନନ୍ଦତା ଅଜ ନନ୍ଦନଙ୍କୁ ହତ୍ୟାକରି ଆପଣଙ୍କର ସନ୍ତ୍ରଲେପ କରିଦେଇ ଆନ୍ତେ—"

"ଏକଥା ଆପଣ ଜାଣିଲେ କେମିତି ?"

ଏଇ ଦେଖନ୍ତୁ ଖଣ୍ଡେ ଚିଠି—ଡ଼ାକ୍ତର ଅଜ ଲେଖି ଇବୁହିମଙ୍କ ହାତରେ ଅବଦୁଲ୍ ନିକଟକୁ ଦେଇଥିଲେ-ଇବୁ ଦଉଡ଼ି ପଳେଇ ଗଲାବେଳେ ଚିଠିଟା ତା ହାତରୁ ଖସି ପଡ଼ିଛି-"ଏଥର ତୁମେ କଣ ଅସ୍ୱୀକାର କରିପାରିବ ଡ଼ାକ୍ତର ଏ ସବୁକଥା ତୁମେ କିଛି ଜାଣନା ?

ଡ଼ାକ୍ତର ଖୁବ ଚଡ଼ାକଣ୍ଠରେ ଉତ୍ତରଦେଲେ, "ଜାଣି ଅଶୁଦାସ, ତୁମେ ନିଆଁ ସଙ୍ଗେ ଖେଳିବସୁଛ ?"

"ନିଆଁ ସଙ୍ଗେ ଖେଳିବାପାଇଁ ତ ଅଶୁଦାସର ଜନ୍ମ, ଡ଼ାକ୍ତର-କୁହ ଏଥର ନନ୍ଦତା ଅଜ ନନ୍ଦନ କେଉଁଠି ଅଛନ୍ତି ?"

"ନା, ମୁଁ ଜାଣେନା—"

"ଜାଣନା—ଆଚ୍ଛା ଇନ୍‌ସପେକ୍ଟର, ଡ଼ାକ୍ତରଙ୍କୁ ନେଇ ହାଜତରେ ରଖି ମୋ ସହିତ ଶୀଘ୍ର ବାହାରିପଡ଼ିବାକୁ ପ୍ରସ୍ତୁତ ହୁଅ—ନନ୍ଦତା ଅଜ ନନ୍ଦନ ଉଭୟଙ୍କୁ ଅଜ ଉଦ୍ଧାର କରିବାକୁ ପଡ଼ିବ।"

ଜାନକୀବାବୁ ଉଠିପଡ଼ି କହିଲେ, "ମୋତେ ଆପଣ ସଙ୍ଗରେ ନିଅନ୍ତୁ ଅଶୁବାବୁ।—"

"ନା ଆପଣ ପାରିବେନି—ସାମାନ୍ୟ କଥାରେ ଯିଏ ଗୋଟାଏ ଖଣ୍ଡାହାତରେ ଏଲାହାବାଦର କଟନ୍‌ମିଲ୍‌ସର ଦାୟିତ୍ୱ ଛାଡ଼ି ଚାଲିଯିବାକୁ ବସିଥିଲ, ତାଙ୍କର ସାହସ କାହିଁ ?"

ଲଜ୍ଜିତହୋଇ ପଡ଼ିଥିଲେ ଜାନକୀବାବୁ—ଇନ୍‌ସପେକ୍ଟର ଡ଼ାକ୍ତରଙ୍କୁନେଇ ଚାଲିଗଲେଣି—ଅଶୁବାବୁ ଜାନକୀବାବୁଙ୍କୁ ସାନ୍ତ୍ୱନା ଦେଇ ଫେରିଲେ—।

---

## ୧୧ ★ ନନ୍ଦିତା ଓ ନନ୍ଦନର ଉଦ୍ଧାର

ମିରଜାପୁରର ଚଉଦମାଇଲ ଉତ୍ତରକୁ ବିନ୍ଧ୍ୟାଚଳର ଜଙ୍ଗଲ ଘନୀଭୂତ ହୋଇ ଯାଇଛି । ଗୋଟିଏ ଭଙ୍ଗା ବଙ୍ଗଳା—କୋଉ କାଳର କେହି କହି ପାରିବେନି । ଛାତ ଭୁଷୁଡ଼ି ପଡ଼ିଛି— ବାଁ ପଟକୁ ଗୋଟିଏ ଛୋଟ ଚଲାବାଟ ଲମ୍ବି ଯାଇଛି ଜଙ୍ଗଲ ଭିତରକୁ । ଦିନ ଦ୍ୱିପହରରେ ମଧ୍ୟ ବନ୍ୟଜନ୍ତୁ ମାନଙ୍କର ପ୍ରାଦୁର୍ଭାବ ବେଶି । ସେହି ଛୋଟ ଚଲାବାଟରେ କିଛିଦୂର ଆଗେଇ ଗଲେ ପାହାଡ଼ ଭିତରେ ଗୋଟାଏ ଗୁମ୍ଫା—ସେହିଠାରୁ ରାସ୍ତାଟି ଅତି ସଙ୍କୀର୍ଣ୍ଣ ହୋଇ ଲମ୍ବିଛି ଗଙ୍ଗାଯାଏ ।

ଗୁମ୍ଫାଟିର ଠିକଏ ଦୁଆରେ ଗୋଟାଏ ବଡ଼ ଶାଳ ଗଛର ଛାଇତଳେ ବସିଛି ଜଣେ ସନ୍ୟାସୀ—ସନ୍ଧ୍ୟାହୋଇ ଆସୁଥାଏ—ଦୂରରୁ କାହାର ପାଦଶବ୍ଦ ଶୁଣି ସନ୍ୟାସୀ ଜଣକ ଚେତା ହୋଇ ବସିଲେ – ଜଣେ ବଳିଷ୍ଠକାୟ ଲୋକ ପଲସି ଆସୁଛି ଏବଂ ବାଟ ଭାଙ୍ଗି ଚାଲିଯିବାକୁ ବସିଛି ।

ସନ୍ୟାସୀଜଣକ ନମ୍ର କଣ୍ଠରେ ହିନ୍ଦିରେ ଡାକିଲେ, "ଏ ବାବୁଜୀ, ଟିକିଏ ଶୁଣ ?

ଲୋକଟା ଟିକିଏ ଅଟକି ଯାଇ କଣ ଭାବିଲା ଏବଂ ପରେ ସନ୍ୟାସୀ ନିକଟକୁ ଆସିଲା—

ହିନ୍ଦିରେ ପଚାରିଲା, "ତୁମେ କଣ ଚାହଁ ?"

ମୁଁ କିଛି ଚାହେଁନି—ବାଟ ଭୁଲି ଚାଲି ଆସିଲି । ଅନ୍ଧାର ହୋଇ ଆସିଲାଣି—ତୁମେ କୁଆଡ଼େ ଯାଉଛ, ମତେ ଟିକିଏ ନିଅ ବାଟଟା ଦେଖେଇ ମୁଁ ସକାଳୁ ଏଲ୍‌ହାବାଦ ଚାଲି ଚାଲି ଯିବି—ମୁଁ ଜଣେ ସନ୍ୟାସୀ, ତୁମର ମଙ୍ଗଳ ହେବ ବାବୁ ।"

ଲୋକଟା ନିରୀକ୍ଷଣ କରି ସନ୍ୟାସୀ ଜଣକୁ ଚିହ୍ନିଲା—ଗୋବର୍ଦ୍ଧନବାବୁଙ୍କୁ ଚିହ୍ନିବାର କୌଣସି ଉପାୟ ନାହିଁ—ଏକେତ ସେ ସେଠିକାର ଲୋକ ନୁହନ୍ତି—ଦ୍ୱିତୀୟତଃ ଲମ୍ବିତ ଶ୍ମଶ୍ରୁ, ଦେହସାରା ଭସ୍ମ, ରାମାନନ୍ଦୀ ଟିକା—ହାତରେ କମଣ୍ଡଳୁ ଓ ଚିମୁଟା ଖଣ୍ଡେ, କାନ୍ଧରେ ପଡ଼ିଥିଲା ଖଣ୍ଡେ କମ୍ବଳ—ପାଦରେ କାଠଉ । ବାସ୍ ।

ଲୋକଟା ପୁଣି ଟିକିଏ କଣ ଚିନ୍ତା କରିଥିଲା—କ୍ରମଶଃ ଅନ୍ଧାର ହୋଇ ଆସୁଛି—ନୀରବତା ଭାଙ୍ଗି କହିଲା, "ତେବେ ମୋ ସଙ୍ଗେ ଆସ"—ସନ୍ୟାସୀ ଜଣକ ଅନୁଗମନ କଲେ ।

ଲୋକଟା ଖୁବ୍ ଦ୍ରୁତ ପଦରେ ଆଗେଇ ଯାଉଛି—ଗୋବର୍ଦ୍ଧନବାବୁ ପଛରେ ପଡ଼ିଥାନ୍ତି ଏବଂ ଖଣ୍ଡେ ନାଲି ରୁମାଲ୍ ଚିରି ଚିରି ଗଛପରେ ଗଛରେ ଝୁଲେଇ ଦେଇ ଯାଉଥାନ୍ତି ।

ଘାଏ ବାଟ ଅତିକ୍ରମ କଲାପରେ ପାହାଡ଼ ତଳକୁ ଗଡ଼ି ଯାଇଛି ଗୋଟିଏ ରାସ୍ତା ଏବଂ ଦୂରକୁ ଦେଖାଯାଉଛି ଗୋଟାଏ ସମତଳ ପ୍ରାନ୍ତର—ଚାରିଆଡ଼େ କେବଳ ପାହାଡ଼ ଆଉ ଜଙ୍ଗଲ ମୁଣ୍ଡ ଟେକି ଠିଆ ହୋଇଛି ।

ପାହାଡ଼ର ପଥର ରାସ୍ତା ଦେଇ ଓହ୍ଲେଇ ଯିବାରେ ଲୋକଟା ବଡ଼ ଅଭ୍ୟସ୍ତ—ସନ୍ୟାସୀ ପଛେଇଯିବାର ଦେଖି ମଝି ମଝିରେ ପଛକୁ ଅନେଇ ତାଙ୍କୁ ଜଲ୍ଦି ଆସିବାକୁ ନିର୍ଦ୍ଦେଶ ଦେଉଥାଏ ।

ତଳକୁ ଓହ୍ଲେଇ ଯିବାପରେ ଠିକ୍ ମୋଗଲ ରାଜତ୍ୱର ଭଙ୍ଗା ଅଟ୍ଟାଳିକା ପରି ଗୋଟାଏ କୋଠା ପ୍ରତୀୟମାନ ହେଲା, ଏବଂ ସେଇଠି ଠିଆ ହୋଇ ରହିଛି ସନ୍ୟାସୀଙ୍କ ଉଦ୍ଦେଶ୍ୟରେ ।

ସନ୍ୟାସୀ ଜଣକ ଖୁବ୍ ତରତରରେ କାଠଉ ଦିଓଟି ହାତରେ ଧରି ପହଞ୍ଚିଗଲେ—ସନ୍ୟାସୀଙ୍କୁ ସେଇ ଭଙ୍ଗା ଅଟ୍ଟାଳିକାରୁ ଗୋଟିଏ

କୋଠରୀ ଦେଖାଇ ଲୋକଟି କହିଲା, "ଏଇଠି ରାତିଟା ଶୋଇ ଯାଆନ୍ତୁ—ଉଠିଲା ବେଳକୁ ଦେଖିବେ ଆପଣ ଏଲ୍‌ହାବାଦରେ ଅଛନ୍ତି—ଭୟ କରିବାର କିଛି କାରଣ ନାହିଁ—ଗାଡ଼ି ଗାଡ଼ି ଏତେ ଭଷ୍ଟରେ ଏଲ୍‌ହାବାଦ ଯିବେ କାହିଁକି ମୁଁ ଆପଣଙ୍କ ଶୋଇବା ଅବସ୍ଥାରେ ପହଞ୍ଚାଇ ଦେବି।"

ସନ୍ୟାସୀ କିଛି ବୁଝି ନପାରିଲା ଭଳି ଟିକିଏ ଥାଆଁମି ଗଲେ—ଲୋକଟା ପକେଟରୁ ଗୋଟାଏ ମହମବତୀ ବାହାରକରି ଜଳେଇ ଦେଇ ସନ୍ୟାସୀ ହାତକୁ ବଢ଼େଇ ଦେଇ, ସେଇ ଅଟ୍ଟାଳିକାର ଭିତରେ କୁଆଡ଼େ ଅନ୍ତର୍ଦ୍ଧିଷ୍ଟ ହୋଇଗଲା।

ସନ୍ୟାସୀ ଛଦ୍ମବେଶୀ ଗୋବିନ୍ଦବାବୁ ଟିକିଏ ହସିଲେ। ତାଙ୍କ ଖୋଜିଲା ଆଖି ଦୁଇଟି ଚାରିଆଡ଼େ ଘୂରି ବୁଲୁଥିଲା—ତମ୍ବଲ ଖଣ୍ଡିକ ପାଇ ଟିକିଏ ବିଶ୍ରାମ ନେବାକୁ ଚାହାଁରଲେ—ଦିନସାରାର ଅକ୍ଲାନ୍ତ ପରିଶ୍ରମ ହୁଏତ ନିଦ ଆସିଯାଇପାରେ—ନା, ସେ ଜାଣିଛନ୍ତି ଅଶୁବାବୁ ନିଶ୍ଚୟ ଆସିବେ।

ଅନ୍ଧକାର ଘନେଇ ଆସିଲା—ଭଙ୍ଗା କାନ୍ଥକୁ ଆଉଜି ବସିଥାନ୍ତି ଗୋବିନ୍ଦବାବୁ—ଦୃଷ୍ଟି କେବଳ ଥିଲା ଅଶୁବାବୁଙ୍କର ଗୁପ୍ତ ସଙ୍କେତ ପାଇଁ—ଅନେକ ସମୟ ବିତିଗଲାଣି—ତାଙ୍କ ହାତ ଘଡ଼ିଟି ବାହାର କରି ଦେଖିଲେ ଚାରଟା ବାଜିବାକୁ ଅଉ ପନ୍ଦରମିନିଟ ବାକି ଅଛି। ମହମ ବତୀଟାକୁ ଲିଭେଇ ଦେଇ ଗୋବିନ୍ଦବାବୁ ଉଠିଲେ—ଅଟ୍ଟାଳିକା ଭିତରୁ ଗୋଟାଏ ନାରୀ କଣ୍ଠର କରୁଣ ଚିତ୍କାର—ସମ୍ଭାଳି ପାରି ନ ଥିଲେ।

ଅନ୍ଧାର ଭିତରେ ଅଣ୍ଡାଳି ଅଣ୍ଡାଳି ଶବ୍ଦ ଧାରେ କୋଠରୀପରେ କୋଠରୀ ଅତିକ୍ରମ କରି ଚାଲିଲେ। ଅକସ୍ମାତ୍ ଗୋଟାଏ ମସ୍ତବଡ଼ ଅଗଣା ତାଙ୍କର ଦୃଷ୍ଟିଗୋଚର ହେଲା। ଅଷ୍ଟମୀର କ୍ଷୀଣ ଚନ୍ଦ୍ରର

ଝାପସା ଆଲୁଅରେ ଏଥର ଦେଖାଯାଉଛି ସବୁ । ଅଗଣାର ଅନ୍ୟପଟେ ସେହିପରି ଗୋଟାଏ କୋଠରୀ । ଚିତ୍କାରଟା ତା'ର ଭିତରୁ ଆସୁଛି । ଗୋବିନ୍ଦବାବୁ ତରତରରେ ଆଗେଇଗଲେ—କୋଠରୀଟିର ନିକଟକୁ । ପୂର୍ବପରି କୋଠରୀଟି ଅନ୍ଧକାର କିନ୍ତୁ ଚିତ୍କାରଟା ସ୍ପଷ୍ଟ ଶୁଣା ଯାଉଛି । ନା, ଚିତ୍କାର ନୁହେଁ ନାରୀ କଣ୍ଠର କ୍ରନ୍ଦନସ୍ୱର । ସେହି ଅନ୍ଧକାର କୋଠରୀ ଭିତରକୁ ପାଦ ବଢ଼େଇଲେ ଗୋବିନ୍ଦବାବୁ । କିନ୍ତୁ ତମାମ ଅନ୍ଧାର ଦେଖିଲେ ଆଉ କୁଆଡ଼େ ରାସ୍ତା ନାହିଁ—ତେବେ ଚିତ୍କାରଟା ଆସୁଛି କେଉଁଠୁ ?

ହଠାତ୍ ତାଙ୍କପାଦ ଅନ୍ଧାରରେ ତଳକୁ ଖସିଗଲା । ହାତମାରି ଦେଖିଲେ ପାହାଚ ସବୁ । ଗୋଟିଗୋଟିକର ଓହ୍ଲାଇବାକୁ ଚେଷ୍ଟାକଲେ । ପ୍ରାୟ ଚାରିଟା ପାହାଚ ଓହ୍ଲାଇଛନ୍ତି କି ନାହିଁ ହଠାତ୍ କାହା ଦେହରେ ତାଙ୍କର ଦେହ ବାଜିଲା—ଚମକିପଡ଼ିଲେ ଗୋବିନ୍ଦବାବୁ ଏବଂ ଅଣ୍ଟାରୁ ରିଭଲଭର ବାହାର କରି ପ୍ରସ୍ତୁତ ହୋଇଯିବା ବେଳକୁ ଶୁଣିଲେ ଅଶ୍ୱବାବୁଙ୍କର କଣ୍ଠ । ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଗୋବିନ୍ଦବାବୁ—

"ଆପଣ ।"

"ଚୁପ୍—ପାଟିକରନି, ଶିକାର ଖସିଯିବାର ଆଶଙ୍କା ଗୋଟାଏ ଦ୍ୱାରଅଛି, ତୁମେ ଏଇଠି ଠିଆହୁଅ—ମୁଁ ଭିତରକୁ ଯାଉଛି—ସଙ୍କେତ ଦେଲାମାତ୍ରେ ପହଞ୍ଚିବ ।" କାନରେ ଏତକ କହି ଅଶ୍ୱବାବୁ ଓହ୍ଲାଇଲେ ତଳକୁ ।

ଗୋଟାଏ କାଠର ଗଣ୍ଡିଉପରେ ବସିଛି ଜଣେ ସ୍ଥୂଳକାୟ ବ୍ୟକ୍ତି । ଅବଦୁଲ ଛଡ଼ା ଏ ଅନ୍ୟକେହି ନୁହେଁ—ମହମବତୀର କ୍ଷୀଣ ରଶ୍ମିରେ ନଦଡାର ମଇଳାଳ ମୁହଁ ସ୍ପଷ୍ଟ ଦେଖା ଯାଉଛି । ଅବଦୁଲ ଗର୍ଜିଉଠୁଛି, ନନ୍ଦଲା, ତତେଆଜ ଘଣ୍ଟାକପରେ କାଟି ଦିଆଯିବ ।

ପଟେରାଅଗରୁ ମୁଁ ତୋର ପ୍ରେମଭିକ୍ଷାକରୁଛି ।' ନନ୍ଦିତା ଚିତ୍କାର କରୁଛି, କାନ୍ଦିବାରେ ଲାଗିଛି । ଅବଦୁଲ୍ଲା ହଠାତ୍ ଉଠି ଗୋଟାଏ ଚାପୁଡ଼ା ମାରିଲା ନନ୍ଦିତାକୁ । ଅବ୍ଦୁଲ୍ଲା ଦସ୍ୟୁର ହାତ, ନନ୍ଦିତାର ଗାଲ—ଲେଉଟି ପଡ଼ିଲା ନନ୍ଦିତା ।

ଅଶ୍ୱିନୀବାବୁଙ୍କର ହାତରେ ରିଭଲ୍‌ଭର୍ ଅସମ୍ଭାଳ ହୋଇ ଉଠୁଥାଏ । କିନ୍ତୁ କଣ ହେବ, ନନ୍ଦନ ଯେ ଏ ଯାଏ ଆସିନି । ସେ ଯଦି ବଣ୍ଡିମାନ ନନ୍ଦିତାକୁ ଉଦ୍ଧାର କରନ୍ତି ତେବେ ନନ୍ଦନକୁ ନପାଇ ବି ପାରନ୍ତି । ନା, ତାଙ୍କୁ ଧୈର୍ଯ୍ୟର ସହକାରେ ଅପେକ୍ଷା କରିବାକୁ ପଡ଼ିଥିଲା ।

ଅବ୍ଦୁଲ୍ଲା ନନ୍ଦିତା ଉପରେ ଅତ୍ୟାଚାର କରିବାକୁ ଉଦ୍ୟତ ହେଲାଣି । ତା'ର ପଣତ କାନିଟା ଓଟାରି ଧରିନେବାବେଳେ ଗୁପ୍ତଦ୍ୱାରଦେଇ ଅନ୍ୟଜଣେ ଲୋକପ୍ରବେଶକଲା—ସେ ଇବ୍ରୁ ଛଡ଼ା ଅନ୍ୟକେହିନୁହେଁ । ଇବ୍ରୁ କହିଲା, "ଅବଦୁଲ୍ଲା ଭାଇ, ସେ ଟୋକାଟାକୁ ନେଇ ଆସିଛି ।'

"ଠିକ୍ ଅଛି, ତାକୁ ଏଠିକି ନେଇଆ—ତା'ର ସାମନାରେ ଏଇଟାର ମୁଁ ଇଜ୍ଜତ୍‌ନେବି ।"

ଇବ୍ରୁ ଚାଲିଗଲା ଏବଂ ପରେ ପରେ ଜଣେ ଯୁବକକୁ କାନ୍ଧରେ ପକେଇ ନେଇ ଆସିଲା । ସୁଠାମ ସୁନ୍ଦର ଯୁବକ—ନନ୍ଦିତା ଉଠି ବସିଲାଣି—ନନ୍ଦନକୁ ଦେଖି ଚିତ୍କାର କରି ଉଠିଲା ନନ୍ଦିତା । ଅବଦୁଲ୍ଲା ନନ୍ଦିତାର ହାତ ଯୋରରେ ଧରି ପକେଇ କହିଲା, "ପାଟି କରନା—ମତେ ତୋର ସ୍ୱାମୀବୋଲି ବରି ନେ ।"

ଅଶ୍ୱିନୀବାବୁଙ୍କର ସମସ୍ତ ହୋଇ ଆସିଥିଲା କିନ୍ତୁ ନନ୍ଦନ ଅଚେତ ଅବସ୍ଥାରେ ଅଛି । ଇବ୍ରୁ, ତା ପକେଟରୁ ଗୋଟାଏ ଶିଶି ବାହାର କରି ବୁନ୍ଦାଏ ଦୁ'ବୁନ୍ଦା ଔଷଧ ନନ୍ଦନ ନାକରେ ପକେଇ ଦେଇ

ଦେଇ ନନ୍ଦନ ଅଖି ମଳି ମଳି ଉଠି ଦେଖିଲା—ସାମନାରେ ତାର ନନ୍ଦତା—ଉଚ୍ଚ କଣ୍ଠରେ—

"ନନ୍ଦତା—"

"ନନ୍ଦନବାବୁ !"

ନନ୍ଦନ ହଠାତ୍ ଦଉଡ଼ିଯାଇ କୁଣ୍ଢେଇ ପକେଇଥିଲା ନନ୍ଦତାକୁ —ଅବଦୁଲ୍ଲାର ଭୀଷଣ ହାତମୁଠାଟା ନନ୍ଦନର ଗାଲରେ ବସିଯିବା ପୂର୍ବରୁ ଅଶୁବାବୁ ଅବଦୁଲ୍ଲାର ହାତମୁଠାଟାକୁ ଧରି ପକେଇଥିଲେ । ଅବଦୁଲ୍ଲା ବୁଲିପଡ଼ି ଦେଖି—ହସି ଉଠିଥିଲା ଯୋରରେ, "କିଏ ଅଶୁଦାସ—ଠିକ ଜାଗାରେ ପହଞ୍ଚି ଯାଇଛୁ—କାଲିରାତରେ କ୍ଷମା ଦେଇ ଆସିଥିଲି କିନ୍ତୁ ଯମ ତତେ ଡାକି ଆଣିଛି । ଆଜି ତୋର ଆଉ ମୁକ୍ତି ନାହିଁ । 'ଇବୁ—"ପାଟି କରିଥିଲା ଅବଦୁଲ୍ଲା । ଅଶୁବାବୁଙ୍କର ଦୁଇଟିଯାକ ହାତ ଯୋରରେ ଧରି ପକେଇଥିଲା ସେ । ଇବୁ ତା ଅଣ୍ଟାରୁ ବାହାର କରିଥିଲା ଗୋଟାଏ ତୀକ୍ଷ୍ଣ ଛୁରି—

"ବସେଇଦେ ଇବୁ—ଅଶୁଦାସ ନାଁ ଲୋପପାଇଯାଉ ।"

ଅଶୁବାବୁ ଯଥେଷ୍ଟ ବଳ ପ୍ରୟୋଗ କରିଥିଲେ ହାତଟା ଛଡ଼େଇ ନେବାକୁ କିନ୍ତୁ ଅବଦୁଲ୍ଲାର ଶକ୍ତ ମୁଠା ଭିତରୁ ହାତ ଛଡ଼େଇ ପାରି ନଥିଲେ ।

ଇବୁ ଛୁରି ଉଠେଇ ଅଶୁବାବୁଙ୍କୁ ମାରିବାକୁ ଉଦ୍ୟତ ହେଲାବେଳେ ଚିତ୍କାର କରି ଉଠିଥିଲେ ନନ୍ଦତା ଆଉ ନନ୍ଦନ ଏବଂ ସଙ୍ଗେ ସଙ୍ଗେ ରିଭଲଭରରୁ ଗୋଟାଏ ଗୁଳି ଆସି ଇବୁର ଛୁରିଧରା ହାତରେ ଆଘାତ କଲା ।

ଅବଦୁଲ୍ଲା ପାଟିକରି ଉଠିଲା, "କିଏ ?"

ଓହ୍ଲେଇଗଲେ ସନ୍ନ୍ୟାସୀ—ହାତରେ ରିଭଲଭର—ଗର୍ଜି ଉଠିଲେ"—ଛାଡ଼ିଦେ ଅବ୍ଦୁଲ୍ଲା—ନଚେତ୍ ସାବଧାନ—"

ଅବ୍‌ଦୁଲ୍ଲା—ଅଉ କୌଣସି ଉପାୟ ନ ଦେଖି ଅଶୁବାବୁଙ୍କୁ ଛାଡ଼ିଦେଲା—ଅଶୁବାବୁ ଘନ ଘନ ହୁଇସିଲ ମାରିଲେ, ଇନ୍‌ସପେକ୍ଟର ଓ ସିପାହୀମାନେ ପହଞ୍ଚିପାଇ ଇବୁ ଆଉ ଅବଦୁଲ୍ଲାଙ୍କୁ ଅରେଷ୍ଟ କରିନେଲେ । ନନ୍ଦିତା ଆଉ ନନ୍ଦନଙ୍କୁ ସଙ୍ଗରେ ଧରି ଫେରିଲେ ।

ତାଙ୍କୁ ଆଉ କୋଠିର ଉପରକୁ ଉଠିବାକୁ ପଡ଼ି ନ ଥିଲା । ସେହି କୋଠରୀର ଗୋଟିଏ ଦରଜା ଖୋଲିଲେ ଅଶୁବାବୁ । ପାହାଚ ପରେ ପାହାଚ ସମସ୍ତେ ଓହ୍ଲାଇ ଚାଲିଥାନ୍ତି ।

ଗୋବିନ୍ଦବାବୁ କେବଳ ଅଶୁବାବୁଙ୍କର ଅସୀମ ସାହସ ଆଉ ଦକ୍ଷତାର ପ୍ରଶଂସା କରି ଚାଲିଥାନ୍ତି ।

ଅନତିଦୂରରେ ଗଙ୍ଗା ଜଳର କଳଘୋଷ । ଗୋଟାଏ ଆଲୋକ ଦେଖାଗଲା । ଗୋବିନ୍ଦବାବୁ ପଚାରିଲେ, ଏ ଆଲୋକଟା···

ଅଶୁବାବୁ କହିଲେ, "ଲଞ୍ଚର ଆଲୁଅ । ଆମକୁ ଏହି ଲଞ୍ଚଦ୍ୱାରା ଆସିବାକୁ ପଡ଼ିଥିଲା ।"

"ଆପଣ ତାହେଲେ ଏଠିକାର ଖବର ପାଇଥିଲେ ।" ଆଶୁ ଦାସଙ୍କୁ କୌଣସି ଖବର ଅଛପା ରୁହେନା ଗୋବିନ୍ଦବାବୁ । ସେ ତା ଜୀବନ ଭିତରେ ଟିକିଏ ଚିନ୍ତା କରି ଅନେକ ବଡ଼ କାମ ହାସଲ କରି ପାରିଛନ୍ତି ।"

କ୍ରମଶଃ ଲଞ୍ଚ ପାଖେଇ ଆସିଲା । ସମସ୍ତେ ବସିଲେ—ନନ୍ଦିତା କେବଳ ମୂକବତ୍ ଚାହିଁ ରହିଥାଏ ନନ୍ଦନକୁ । ନନ୍ଦନର ଲଜ୍ଜାଭରି ମୁହଁଟି ଅବନତ ହୋଇ ପଡ଼ିଥାଏ—ଦୁହେଁ ନୀରବ

ଲଞ୍ଚ ଷ୍ଟାର୍ଟ ଦେଲା । ଜାହ୍ନବୀର ନୀରବତା ଭାଙ୍ଗି କୂଳ ଛାଡ଼ିଲା ଲଞ୍ଚ—

ଏଲ୍‌ହାବାଦର ଗୋଟାଏ ଘାଟରେ ଲଞ୍ଚ ଅଙ୍କର କଲଣି । ଅଶୁବାବୁ ଆଉ ଗୋବିନ୍ଦବାବୁ ଦୁହେଁ କେବଳ ତାଙ୍କ ପୂର୍ବଜୀବନର ଆଲୋଚନା କରୁଥିଲେ । ଅଶୁବାବୁ କଥା ପ୍ରସଙ୍ଗରେ କହୁଥିଲେ ଯେ ଶଙ୍କୁ ଓକାଯୁତଙ୍କୁ ଧରିଯିବାବେଳେ ଏଇ ତିନିଜଣ ଇନାଏତ୍, ଇବୁ ଆଉ ଅବଦୁଲ୍ଲା ଖସି ଯାଉଥିଲେ । ମଧ୍ୟ ପ୍ରଦେଶର ଲୋକେ ବର୍ତ୍ତମାନ ଟିକିଏ ଶାନ୍ତିରେ ନିଶ୍ୱାସ ମାରିବେ ।

ଇନ୍‌ସପେକ୍‌ଟରଙ୍କ ନିର୍ଦ୍ଦେଶନାରେ ସିପାହୀମାନେ ଇବୁ ଆଉ ଅବ୍‌ଦୁଲଙ୍କୁ ଧରି କୂଳକୁ ଓହ୍ଲେଇଲେଣି । ଗୋଟାଏ କାର୍ ଅପେକ୍ଷା କରିଥିଲା ଉପରେ ।

ଅଶୁବାବୁ, ନନ୍ଦନ ଆଉ ନନ୍ଦିତାଙ୍କୁ ସଙ୍ଗରେ ଧରି ଗୋବିନ୍ଦ-ବାବୁଙ୍କ ତାଙ୍କ ଘରକୁ ଯିବାକୁ କହିଲେ ।

ଗ୍ରେଟ୍ ପୋଲିସ ଭ୍ୟାନଟି ନନ୍ଦନ ଆଉ ନନ୍ଦିତାଙ୍କୁ ନେଇ ଛୁଟିଲା

ରାତି ସାଢ଼େ ତିନି—ଏଲ୍‌ହାବାଦ୍ ସହର ନୀରବ । ଜାନକୀ ବାବୁଙ୍କର ଗେଟ୍ ନିକଟ ହୋଇ ଆସିଲା । ଅଶୁବାବୁ ଡ୍ରାଇଭର୍‌କୁ ଗେଟ୍ ଖୋଲି ଗାଡ଼ି ଭିତରକୁ ନେଇଯିବାକୁ ନିର୍ଦ୍ଦେଶ ଦେଲେ ।

ଡ୍ରାଇଭର୍ ଗାଡ଼ି ନେଇ ବଙ୍ଗଳା ଦୁଆରେ ଲଗେଇଲା । ନନ୍ଦିତା ଗାଡ଼ିରୁ ଓହ୍ଲେଇ ପଡ଼ି "ବାବା; ବାବା" ବୋଲି ଚିତ୍କାର କରିଥିଲା ।

ଜାନକୀବାବୁ ଶୋଇଥିଲେ ଭିତରେ । କଟନ୍‌ମିଲ୍‌ସର ପହରାବାଲା ଶୋଇଥିଲା ଡ୍ରଇଂରୁମ୍ ଭିତରେ । ବାହାରେ ପାଟି ଶୁଣି ରିଭଲ୍‌ଭରଟା ହାତରେ ଧରି ପାଟି କରିଥିଲା, "କିଏ ?"

ନନ୍ଦିତା କହୁ 'ବାବା, ବାବା !' ମୁଁ ଆସିଛି—ଦରଜା ଖୋଲ ଖୋଲି ଚିତ୍କାର କରୁଥାଏ ।

ଅବଶ୍ୟ ନନ୍ଦଭାଇର ଡାକ ଜାନକୀବାବୁଙ୍କର କାନରେ ପଡ଼ୁଛି । ପ୍ରଥମେ ସେ ନିଜକୁ ବିଶ୍ୱାସକରି ପାରିଲେନି-ସେ ସ୍ୱପ୍ନ ଦେଖୁ ନାହାନ୍ତି ?

ବାହାରର ଚିତ୍କାରରେ ଉଠିବାକୁ ବାଧ୍ୟ ହୋଇଥିଲେ । ଗୋଟି ଗୋଟିକରି ସୁଇଚ୍ ଟିପି ଆଲୁଅ ଜଳେଇ ଅସି ଡ୍ରଇଁରୁମ୍ ରେ ପହଞ୍ଚିଲେଣି । ପହରିବାଲା ହାତରେ ରିଭଲଭର ଧରି କେବଳ ଅଗକୁ ପଛକୁ ହେଉଥାଏ ।

ଏଥର ନନ୍ଦଭାଇର କଣ୍ଠସ୍ୱର ସ୍ପଷ୍ଟ ଶୁଣାଯାଉଛି । ଜାନକୀବାବୁ "ନନ୍ଦଭା, ମୋଟେଇଅ—" ବୋଲି ଚିତ୍କାର କରି ଦରଜା ଖୋଲିଲେ ।

ନନ୍ଦଭା ଦଉଡ଼ିଅସି ଜାନକୀବାବୁଙ୍କୁ କୁଣ୍ଢେଇପକେଇଲା । ଅଶୁବାବୁ ନନ୍ଦନର ହାତଧରି ଆଣି କହିଲେ, "ନିଅନ୍ତୁ ଜାନକୀ ବାବୁ ଆପଣଙ୍କ ଜୋଇଁକୁ ।"

ନନ୍ଦନ ଆଉ ନନ୍ଦଭାକୁ ଦେଖି ଜାନକୀବାବୁ କହିଲେ, "ଆପଣଙ୍କର ଏ ଋଣ ମୁଁ ଜୀବନରେ ଶୁଝି ପାରିବିନି ଅଶୁ—" ଅଶୁବାବୁ କହିଲେ, "ବର୍ତ୍ତମାନ ୪ଟା ବାଜିବାଉପରେ । ଆପଣଙ୍କ ଝିଅଜୋଇଁ ବଡ଼କଷ୍ଟ ପାଇଛନ୍ତି । ସେମାନେ ଶୁଅନ୍ତୁ—ସକାଳେ ଅସିଲେ କଥାବାର୍ତ୍ତା ହେବା ।"

ଗାଡ଼ିରେ ଷ୍ଟାର୍ଟ ଦେଇ ଫେରିଲେ ଅଶୁବାବୁ । ଗାଡ଼ି ଅଶୁବାବୁଙ୍କ ଘର ପାଖରେ ଅଟକି ଗଲା । ଅଶୁବାବୁ ମଟରରୁ ଓହ୍ଲାଇ ଦଉଡ଼ିଗଲେ ରାଣୀଙ୍କ ପାଖକୁ ।

"ରାଣୀ ! ତୁମେ ମୋଉପରେ ରାଗିଛନା ?"

"ନା, ତ—"

Edited by Anil Kumal and Kanhu Charan, Printed and Published by Kanhu charan Pattnaik at Parmarthi Printng Works, Cte.

# MASIK DETECTIVE

## APRIL 1960

**Ist year** ( **4th Copy** ) **Price 75 n.P**


# ମାସିକ

# ଡିଟେକ୍‌ଟିଭ୍

[ ଏକମାତ୍ର ଓଡ଼ିଆ ରୋମାଞ୍ଚକର ପତ୍ରିକା ]

## ନିମ୍ନଲିଖିତ ସ୍ଥାନରେ ମିଳେ—

ପତ୍ରିକା ଏଜେଣ୍ଟଙ୍କ ପାଖରେ ଅନୁସନ୍ଧାନ କରନ୍ତୁ ।

| | | | |
|---|---|---|---|
| କଟକ | ବାଲେଶ୍ୱର | ରାଉରକେଲା | ସମ୍ବଲ |
| ପୁରୀ | ଭଦ୍ରକ | ଆସିକା | ରାୟ |
| ଭୁବନେଶ୍ୱର | ଜଟଣୀ | ଫୁଲବାଣୀ | ଜୟ |
| ଅନୁଗୁଳ | ଭବାନୀପାଟଣା | ଜୁନାଗଡ଼ | ଖେ |
| କେନ୍ଦୁଝର | ଟିଟିଲାଗଡ଼ | ନୂଆରାଜଧାନୀ | ଝାର |

## ନିମ୍ନଲିଖିତ ସ୍ଥାନରେ ଡିଟେକ୍‌ଟିଭ୍ ପତ୍ରିକା ପା

## ଏଜେଣ୍ଟ ଆବଶ୍ୟକ

| | | | |
|---|---|---|---|
| କଲିକତା | ବରହ୍ମପୁର | ବଲାଙ୍ଗିର ପାଟଣା | କୋରା |
| ଖଡ଼୍ଗପୁର | ଛତ୍ରପୁର | ଝାରସୁଗୁଡ଼ା | ଝାଝାନଗ |
| ବାରିପଦା | ନୟାଗଡ଼ | କେନ୍ଦ୍ରାପଡ଼ା | ରାଜଗା |

ଓ ଓଡ଼ିଶାରେ ଅନ୍ୟାନ୍ୟ ସ୍ଥାନ ଅନୁସନ୍ଧାନ କରନ୍ତୁ ।

## ଡିଟେକଟିଭ୍ ହାଉସ୍

ତିନିକୋଣିଆ ବଗିଚା, କଟକ-୧

---

## ଆଗାମୀ ସଂଖ୍ୟାରେ ପଢ଼ନ୍ତୁ

# ବିଚାରକ

ଓଡ଼ିଶାର ସୁନାମଧନ୍ୟ ଲେଖକ ଭୂପେନ୍ ଗୋସ୍ୱାମୀଙ୍କ